

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୩ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 JULY 2025
Vol.No. 36 ■ No.174 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଯୋଡ଼ାରେ ବଡ଼ ଅଘଟଣ: ମାଟି ଅତଡ଼ା ଧସି ୩ ମୃତ

ଯୋଡ଼ା, ୦୨/୭ (ନି.ପ୍ର): ଖଣିରୁ ମାଟି ଅତଡ଼ା ଧସି ୩ ଜଣଙ୍କ ମୃତ୍ୟୁ ହୋଇଛି । କେନ୍ଦୁଝର ଯୋଡ଼ା ଥାନା ବିଛାକୁଣ୍ଡି ଦଲପାହାଡ଼ରେ ଘଟିଛି ବଡ଼ ଅଘଟଣ । ସୂଚନା ଅନୁସାରେ, ଗତକାଲି ମାଟି ଅତଡ଼ା ଧସିବାରୁ ଚାପି ହୋଇଯାଇଥିଲେ ୩ ଜଣ । ଆଉ ୬ ଘଣ୍ଟା ପରେ ଉଦ୍ଧାର ହୋଇଛି ସେମାନଙ୍କ ମୃତଦେହ । ଗତକାଲି ପ୍ରବଳ ବର୍ଷା ଜାରି ରହିଥିଲା । ବର୍ଷା ଓ ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ମାଙ୍ଗାନିଜ୍ ଚୋରା ଉତ୍ତୋଳନବେଳେ ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି । ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା କାରଣରୁ ମାଟି ଅତଡ଼ା ଧସିଛି । ଫଳରେ ଏପରି ବଡ଼ ଅଘଟଣ ଘଟିଛି । କେନ୍ଦୁଝର ଯୋଡ଼ାରେ ୩ ଜଣଙ୍କ ଜୀବନ ଯାଇଥିବା ସୂଚନା ମିଳିଛି । ଆଜି ସକାଳୁ ସେମାନଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାରଲୋକେ ଓ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।


# ବିଏମସି କମିଶନରଙ୍କୁ ଆକ୍ରମଣ: ଗିରଫ ଜିଦରେ ଓଏଏସ୍ ସଂଘ

ଭୁବନେଶ୍ୱର, ୦୨/୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଅଡ଼ି ବସିଛି ଓଏଏସ୍ ସଂଘ । ଦୁଇଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି । ଏପଟେ ବିଜେପି ନେତା ଶ୍ରୀ ପ୍ରଧାନଙ୍କ ଗିରଫକୁ ନେଇ ସସପେନ୍ସ ବଢ଼ିବାରେ ଲାଗିଛି । ବିଜେପି ଏହି ଘଟଣାରେ ତାଙ୍କୁ ସିଧାସଳଖ ସମର୍ଥନ ଦେଉନଥିଲେ ମଧ୍ୟ ପ୍ରଶାସନିକ ଅଚଳାବସ୍ଥା ଏଡ଼ାଇବା ପାଇଁ ଦଳ ତରଫରୁ ପ୍ରୟାସ ହୋଇଥିବା ଜଣାପଡ଼ିଛି । ବିଜେପି ନେତା ଶ୍ରୀ ପ୍ରଧାନ ଆଜି ସନ୍ଧ୍ୟାରେ ରାଜ୍ୟ ବିଜେପି



କାର୍ଯ୍ୟାଳୟକୁ ଯାଇ ସେଠାରେ ଦଳ ସଭାପତି ମନମୋହନ ସାମଲଙ୍କ ସହ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରି ନିଜ ଘରକୁ ଫେରିଯିବା ପରେ ସେ ଆତ୍ମସମର୍ପଣ କରିବା ନେଇ ହେଉଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଅନ୍ୟପକ୍ଷରେ ଆଜି ଅପରାହ୍ନରେ ରାଜ୍ୟ ଓଏଏସ୍ ସଂଘ ପୁଣିଥରେ ଜରୁରୀକାଳୀନ ବୈଠକ ଡାକି ଜରୁରୀ ଓ ନିସର୍ତ୍ତ ୩ଦଫା ଦାବି ମାନି ନେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ସଚିବଙ୍କୁ ଦାବିପତ୍ର ଦେଇଛି ଯେଉଁଥିରେ ଶ୍ରୀ ପ୍ରଧାନଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ତାଙ୍କର ଗିରଫ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ତାହା ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଡ଼ିତ କର୍ପୋରେଟର ଅରୂପ ନାରାୟଣ ରାଉତଙ୍କ ଓ ଅନ୍ୟ ୪ଜଣଙ୍କୁ ପୁଲିସ ଗିରଫ କରିବା ପରେ ବିଜେପି ମଧ୍ୟ ସେମାନଙ୍କୁ ଦଳରୁ ନିଲମ୍ବନ କରିସାରିଛି । ତେବେ ଏହି ଘଟଣାରେ ଶ୍ରୀ ପ୍ରଧାନଙ୍କୁ ମାଷ୍ଟରମାଇଣ୍ଡ ବୋଲି ଅଭିହିତ କରି ଓଏଏସ୍ ସଂଘ ଓ ବିଏମସି କର୍ମଚାରୀମାନେ ଦାବି କରିଆସୁଛନ୍ତି । ଗତ ଦୁଇଦିନ ଧରି ରାଜ୍ୟବ୍ୟାପୀ ପ୍ରଶାସନିକ ଅଚଳାବସ୍ଥା ଲାଗି ରହିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଓ ଆଶ୍ୱାସନା ସହ ୫ଜଣଙ୍କ ଗିରଫ ସତ୍ତ୍ୱେ ଓଏଏସ୍ ସଂଘ ନିଜ ଜିଦରେ ଅଟଳ ରହି ଶ୍ରୀ ପ୍ରଧାନଙ୍କ ଗିରଫ ଦାବି କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି । ରାଜ୍ୟରେ ଏଭଳି ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାରୁ ବିଜେପି ପକ୍ଷରୁ ଏହି ଘଟଣାରେ ଉଭୟ ପକ୍ଷର ସମ୍ମାନ ରକ୍ଷା ଭଳି ଉପାୟ ଖୋଜାଯାଉଛି । ବିଜେପି ଏହି ଘଟଣାରେ ନିଜର ଭୁବନେଶ୍ୱର ସେଂଟ୍ରାଲ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କୁ ସିଧାସଳଖ ସମର୍ଥନ ଦେଉନଥିଲେ ମଧ୍ୟ ତାଙ୍କୁ ରାଜ୍ୟ ମୁଖ୍ୟାଳୟକୁ ଡକାଇ ଘଟଣା ସମ୍ପର୍କରେ ପ୍ରାୟ ଦୁଇ ଘଣ୍ଟା ଧରି ପଚରାଉଚୁରା କରିଥିବା ଜଣାପଡ଼ିଛି । ଶ୍ରୀ ପ୍ରଧାନ ମଧ୍ୟ ରାଜ୍ୟ କାର୍ଯ୍ୟାଳୟରୁ ବାହାରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, " ରାଜ୍ୟ ସଭାପତି ଡାକିଥିଲେ, ▶▶ପୃଷ୍ଠା ୭

## ବାଂଲାଦେଶର ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ୬ ମାସର ଜେଲଦଣ୍ଡ



ନୂଆଦିଲ୍ଲୀ, ୦୨/୭ : ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପାଇଁ ପୁଣି ବଢ଼ିଲା ଅଡୁଆ । ଅଦାଲତ ଅବମାନନା ମାମଲାରେ କୋର୍ଟ ଏବେ ତାଙ୍କୁ ୬ ମାସର ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ବାଂଲାଦେଶର ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ ଏହି ଦଣ୍ଡ ଅନ୍ତରାଷ୍ଟ୍ରୀୟ ଅପରାଧ ନ୍ୟାୟାଧିକରଣ କୋର୍ଟ ଦେଇଛନ୍ତି । ବୁଧବାର ଦିନ ତିନି ସଦସ୍ୟ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି । 'ଢାକା ଟ୍ରିବ୍ୟୁନ' ରିପୋର୍ଟ ମୁତାବକ ଜଷ୍ଟିସ ମହମ୍ମଦ ଗୁଲାମ ମୁର୍ତଜା ମଜୁମଦାର ଏହି ମାମଲାର ଶୁଣାଣି କରିଛନ୍ତି । ସୂଚନା ମୁତାବକ ଗତବର୍ଷ ଶେଖ ହସିନାଙ୍କ ଏକ ଅଡିଓ କ୍ଲିପ ଲିକ୍ ହୋଇଥିଲା । ଏହି ଅଡିଓ କ୍ଲିପରେ ଶେଖ ହସିନା ଗୋବିନ୍ଦଗଞ୍ଜ ଉପଜିଲ୍ଲା ଚେୟାରମ୍ୟାନ ଶକିଲ ବୁଲବୁଲଙ୍କ ସହ କଥା ହୋଇଥିଲେ । ଏଥିରେ ସେ କହୁଥିଲେ କି ମୋ ବିରୋଧରେ ୨୨୭ ମାମଲା ଦାଖଲ ହୋଇଛି । ତେଣୁ ମୋତେ ଏସବୁ ଲୋକଙ୍କୁ ମାରିବାକୁ ଲାଇସେନ୍ସ ମିଳିଯାଇଛି । ଏହି ମାମଲାରେ ପ୍ରଥମେ ଶକିଲ ବୁଲବୁଲଙ୍କୁ ୨ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ବୁଲବୁଲ ଜଣେ ବରିଷ୍ଠ ରାଜନେତା ଓ ସେ ଆୱାମୀ ଲିଗ ସହ ଜଡିଜ ଛାତ୍ର ଶାଖା ବାଂଲାଦେଶ ଛାତ୍ର ଲିଗ୍ ସହ ଜଡିତ । ▶▶ପୃଷ୍ଠା ୭

## ଚଳିତ ବର୍ଷ ୨୪ ୱେବ୍ ସାଇଟକୁ ବ୍ଲକ୍ କରାଯାଇଛି

ଭୁବନେଶ୍ୱର, ୦୨/୭ (ନି.ପ୍ର): ଦିନକୁ ଦିନ ସାଇବର ଠକ ସକ୍ରିୟ ହେବାରେ ଲାଗିଛନ୍ତି । ସୋସିଆଲ ମିଡିଆକୁ ମାଧ୍ୟମ କରୁଛନ୍ତି । ଏହାଦ୍ୱାରା ସାଧାରଣ ଜନତା ଠକେଇର ଶିକାର ହେଉଛନ୍ତି । ରଥଯାତ୍ରା ପରି ବଡ଼ ବଡ଼ ଉତ୍ସବକୁ ନେଇ ସୋଇଆଲ ମିଡ଼ିଆରେ ଠକିବା ପାଇଁ ଯୋଜନା କରୁଛନ୍ତି । ଗୁଗୁଲରେ ଫେକ୍ ୱେବ୍ ସାଇଟ ପେଜ୍ କରି ଅନେକ ସମୟରେ ଲୋକଙ୍କୁ ଠକୁ ଥିବାର ଘଟଣା ସାମ୍ନାକୁ ଆସୁଛି । ରଥଯାତ୍ରା ସମୟରେ ସୋସିଆଲ ମିଡିଆ ଅପରାଧୀ ପୁରୀକୁ ଟାର୍ଗେଟ କରିଛନ୍ତି । ପୁରୀକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି । ସେମାନେ ରହିବା ପାଇଁ ସୋସିଆଲ ମିଡିଆରେ ନିଜର ହୋଟେଲ ବାଛୁଥିବା ବେଳେ ଫେକ୍ ପେଜ୍ ?ର ଶିକାର ହେଉଛନ୍ତି । ଚଳିତ ବର୍ଷ ୩୪ ଟି ଫେକ୍ ୱେବ୍ ସାଇଟ ଖୋଲା ଯାଇଥିବା ନେଇ ଓଡ଼ିଶା ସାଇବର ୟୁନିଟ ଠାବ କରିଛି । ସେଥିରୁ ୨୪ଟି ୱେବ୍ ସାଇଟକୁ ବ୍ଲକ୍ କରାଯାଇଛି । ଏନେଇ ସାଧାରଣ ଲୋକଙ୍କ ସଚେତନ ପାଇଁ ସଚେତନତା କାଯ୍ୟ କରାଯାଉଛି ବୋଲି ଓଡ଼ିଶା ସାଇବର ଆଇଜିପି, ସିଆଇଡି, ସିବି,ଶେଫିନ୍ ଅହମ୍ମଦ କହିଛନ୍ତି ।

## କରୋନା ଟିକା ନୁହେଁ ହୃଦ୍‌ଘାତର କାରଣ: ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ

ନୂଆଦିଲ୍ଲୀ, ୦୨/୭ : କୋଭିଡ ଟିକା ନୁହେଁ ହୃଦଘାତର କାରଣ । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ୪୦ ଦିନରେ ୨୨ ଜଣଙ୍କ ହୃଦଘାତରେ ଜୀବନ ଯାଇଥିଲା । ଯାହା କୋଭିଡ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ବୋଲି ଅଭିଯୋଗ କରିଥିଲେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା । କିନ୍ତୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରିବା ସହ କୋଭିଡ ଟିକାର ହୃଦଘାତ ସହିତ କୌଣସି ସମ୍ବନ୍ଧ ନାହିଁ ବୋଲି କୁହାଯାଇଛି । ଇଣ୍ଡିଆନ୍ କାଉନସିଲ୍ ▶▶ପୃଷ୍ଠା ୭




## ସାରା ରାଜ୍ୟରେ ପ୍ରବଳ ବର୍ଷିବ: ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୦୨/୭ (ନି.ପ୍ର): ଆଗାମୀ ୩ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ । ଏନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ସାରା ଓଡ଼ିଶାକୁ ଚେତାବନୀ ଜାରି କରିଛି ଆଇଏମଡି । ଆଜି ପାଇଁ ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ତିନି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେହିଭଳି ୬ ଜିଲ୍ଲା ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର,



ଝାରସୁଗୁଡ଼ା, ବରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି । ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି । ସେପଟେ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି । ଏବେ ବି ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା । ବାଲେଶ୍ୱରରେ ବନ୍ୟା ସ୍ଥିତି ଉପୁଜିଥିବାରୁ ଅନେକ ଗାଁ ଜଳବନ୍ଦୀ ରହିଛି । ଗତ କିଛି ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଛି ପ୍ରବଳ ବର୍ଷା । ତେବେ ସକ୍ରିୟ ଲଘୁଚାପ ପ୍ରଭାବରେ ୫ ତାରିଖ ଯାଏଁ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ।

## ତୃତୀୟ ସପ୍ତାହରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ: ମୁଖ୍ୟମନ୍ତ୍ରୀ

### କ୍ଷମତା କେନ୍ଦ୍ରରେ ବଢ଼ିଲାଣି ଗହଳି

ଭୁବନେଶ୍ୱର, ୦୨/୭ (ନି.ପ୍ର): ମୋହନ ସରକାରଙ୍କୁ ବର୍ଷେ ପୁରିଗଲାଣି । ଅଧାଗଢା ହୋଇ ପଡିଛି ମନ୍ତ୍ରୀ ମଣ୍ଡଳ । ମନ୍ତ୍ରୀଙ୍କ ପାଖରେ ରହିଛି ଏକାଧିକ ବିଭାଗ । ଏ ସବୁ ଭିତରେ ମନ୍ତ୍ରୀ ମଣ୍ଡଳର ସମ୍ପ୍ରସାରଣକୁ ନେଇ ପାୱାର କରିଡରରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । କୁହାଯାଉଛି, ଆସନ୍ତା ସପ୍ତାହରେ ନିଳାଦ୍ରୀ ବିଜେ ସରିବା ପରେ ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରୀ ମଣ୍ଡଳର ନୂଆ ଛାପ



ଦେଇପାରନ୍ତି ମୁଖ୍ୟମନ୍ତ୍ରୀ । ଲୋକସେବା ଭବନରେ ଚକ୍କର କାଟୁଛନ୍ତି ବିଧାୟକ । କିଏ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସୁଛନ୍ତି ଆଉ କିଏ ଭେଟିବା ଆଳରେ ମନ୍ତ୍ରୀ ପାଇଁ ଲବି କରୁଛନ୍ତି । ଆଉ କିଏ କିଏ ପାୱାରଫୁଲ ମନ୍ତ୍ରୀଙ୍କୁ ଭେଟି ନଜ ମନକଥା କହୁଛନ୍ତି । କାରଣ ବିଧାୟକ ଆଭାସ ପାଇଗଲେଣି ଖୁବଶୀଘ୍ର ମନ୍ତ୍ରୀମଣ୍ଡଳର ସଂପ୍ରସାରଣ ହେବାକୁ ଯାଉଛି । ▶▶ପୃଷ୍ଠା ୭

## ମହାରାଷ୍ଟ୍ର ସମେତ ୯ଟି ରାଜ୍ୟ ପାଇଁ ବିଜେପି ଘୋଷଣା କଲା ନୂଆ ସଭାପତିଙ୍କ ନାମ

ନୂଆଦିଲ୍ଲୀ, ୦୨/୭ : ଭାରତୀୟ ଜନତା ପାର୍ଟି ମହାରାଷ୍ଟ୍ର, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ପୁଡୁଚେରୀ, ମିଜୋରମ, ଆଣ୍ଡାମାନ ନିକୋବର ଓ ମଧ୍ୟପ୍ରଦେଶ ପାଇଁ ନୂଆ ସଭାପତିଙ୍କ ନାମ ଘୋଷଣା କରିଛି । ଏହାକୁ ମିଶାଇ ଏପର୍ଯ୍ୟନ୍ତ ବିଜେପି ତରଫରୁ ୨୦ ଟି ରାଜ୍ୟପାଇଁ ବିଜେପି ସଭାପତିଙ୍କ ନାମ




ଘୋଷଣା କରିଛି । କୁହାଯାଇଛି କି, ଆସନ୍ତା ୨ ଦିନ ମଧ୍ୟରେ ବାକି ଥିବା ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ▶▶ପୃଷ୍ଠା ୭

## ତେଲେଙ୍ଗାନା ବିସ୍ଫୋରଣ ଘଟଣା : ୪ ଓଡ଼ିଆ ମୃତ, ୪ ଓଡ଼ିଆ ଗୁରୁତର

ନୂଆଦିଲ୍ଲୀ, ୦୨/୭ : ତେଲେଙ୍ଗାନାର ସିଗାଚି ଫାର୍ମାସିଟିକାଲ କମ୍ପାନୀରେ ଗ୍ୟାସ ଟାଙ୍କି ଫାଟିବା ଘଟଣାରେ ୪ ଜଣ ଓଡ଼ିଆଙ୍କ ମୃତ୍ୟୁ ହୋଇଛି । ମୃତକ ହେଉଛନ୍ତି ଗଞ୍ଜାମର ଜଗନମୋହନ, ତିଗିରିଆର ଲଗ୍ନଜିତ ଦୁଆରି, ବାଲେଶ୍ୱରର ମନୋଜ ରାଉତ ଓ ଯାଜପୁରର ଦୋଳଗୋବିନ୍ଦ ସାହୁ । ଏହି ଦୁର୍ଘଟଣାରେ ୪ ଓଡ଼ିଆ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଥିବାରୁ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି । ମାଦିନାଗୁଡ଼ାର ପ୍ରଣାମ ହସ୍ପିଟାଲରେ ସମସ୍ତେ ଭର୍ତ୍ତି ହୋଇଛନ୍ତି । ଏବେବି ୨୨ ଜଣ ଶ୍ରମିକଙ୍କ ପତ୍ତା ମିଳୁନାହିଁ । ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ଓଏସ୍‌ଡି ପ୍ରିତୀଶ ପଣ୍ଡା ଏବଂ ଚନ୍ଦ୍ରଶେଖର ହୋତା ଘଟଣାସ୍ଥଳରେ ପହଞ୍ଚି ଓଡ଼ିଆ ଶ୍ରମିକଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଗତ ସୋମବାର ତେଲେଙ୍ଗାନାର ସାଙ୍ଗାରେଡ୍ଡି ଜିଲ୍ଲାରଦେ ପଶାମାଇଲାରାମ ଶିଳ୍ପାଞ୍ଚଳରେ ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟିଥିଲା । ସିଗାଚି ଇଣ୍ଡଷ୍ଟ୍ରିଜ୍ ନାମକ ଏକ କାରଖାନାରେ ଏହି ବିସ୍ଫୋରଣ ଘଟିଛି, ଯେଉଁଥିରେ ଏପର୍ଯ୍ୟନ୍ତ ୩୫ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି । ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା କରାଯାଉଛି । ସୂଚନା ଅନୁଯାୟୀ, ସୋମବାର ସକାଳ ୮.୧୫ରୁ ୯.୩୫ ମଧ୍ୟରେ କାରଖାନାରେ ଏକ ବଡ଼ ବିସ୍ଫୋରଣ ହୋଇଥିଲା, ଯେଉଁଥିରେ ସେଠାରେ ଉପସ୍ଥିତ ୯୦ ଜଣ କର୍ମଚାରୀ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲେ । ବିସ୍ଫୋରଣ ପରେ କାରଖାନାରେ ନିଆଁ ଲାଗିଯାଇଥିଲା ଏବଂ ଏହାର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଥିଲା । ▶▶ପୃଷ୍ଠା ୭

## ନିର୍ବାଚନ ସମୟରେ ନୀତିଶଙ୍କୁ ଝଟ୍‌କା : ଦଳ ଛାଡୁଛନ୍ତି ଟାଣୁଆ ନେତା

ନୂଆଦିଲ୍ଲୀ, ୦୨/୭ : ବିହାର ନିର୍ବାଚନ ପାଖେଇ ଆସୁଥିବା ବେଳେ ଆରମ୍ଭ ହୋଇଯାଇଛି ଦଳ ଡିଆଁ ରାଜନୀତି । ଟିକେଟ୍ ଲୋଭରେ ବା ଦଳରେ ଅସନ୍ତୋଷ କାରଣରୁ ଗୋଟିଏ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେଉଛନ୍ତି ନେତା । ଆଉ ଏହାରି ଭିତରେ ନୀତିଶ କୁମାରଙ୍କୁ ଲାଗିପାରେ ବଡ଼ ଝଟକା । ମୁସଲିମ ସମ୍ପ୍ରଦାୟର ପ୍ରଭାବଶାଳୀ ନେତା ଏବଂ ପୂର୍ବତନ ଜେଡିୟୁ ଏମଏଲସି ସଲମାନ ରାଗିବ ମୁନ୍ନା ଜୁଲାଇ ୯ରେ ଆରଜେଡିରେ ଯୋଗ ଦେବାକୁ ଯାଉଛନ୍ତି । ସଲମାନ ରାଗିଭ ମୁନ୍ନା ୱାକଫ ଆଇନ ବିରୁଦ୍ଧରେ ଅସନ୍ତୋଷ ପ୍ରକାଶ କରି ଏହି ନିଷ୍ପତ୍ତି ନେଇଛନ୍ତି । ନୱାଡ଼ାରେ ଯେଉଁଠି ମୁସଲମାନ ସମୁଦାୟ ଅଞ୍ଚଳ ଉପରେ ନୀତିଶଙ୍କ ପଲ୍ଲା ଭାରି ଥିଲା ସେଠାରେ ଏବେ ନୀତିଶ ଦୁର୍ବଳ ହେଉଥିବା ପରି ମନେ ହେଉଛି । ସଲମାନ ନୱାଡାରେ ଏକ ଟାଣୁଆ ନେତା ଥିଲେ । ଜନତାଙ୍କ ଭରସା ସଲମାନଙ୍କ ଉପରେ ରହିଛି । ସଲମାନଙ୍କ ଦୃଢ଼ ସଂଗଠନ ରହିଛି । ଆଉ ନିର୍ବାଚନ ପାଖେଇ ଆସୁଥିବା ବେଳେ ସଲମାନ ନୀତିଶଙ୍କ ହାତ ଛାଡ଼ିବା କେଉଁଠି ନା କେଉଁଠି ନୀତିଶଙ୍କ ଦଳ ଉପରେ ପ୍ରଭାବ ପକାଇବ ଏଥିରେ କୌଣସି ସନ୍ଦେହ ନାହିଁ । ସଲମାନ କହିଛନ୍ତି, ଜେଡିୟୁ ମୁସଲମାନଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ମୁସଲମାନଙ୍କ ପ୍ରତି ଦୋମୁହାଁ ନୀତି



ଆପଣାଇଛନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସଲମାନ ରାଗିଭ ମୁନ୍ନାଙ୍କ ବ୍ୟତିତ ପୂର୍ବତନ ବିଧାୟିକା ପୂର୍ଣ୍ଣିମା ଯାଦବ ଏବଂ କୌଶଲ ଯାଦବ ବି ଜେଡିୟୁ ଛାଡ଼ି ଆରଜେଡ଼ିରେ ସାମିଲ ହେବାକୁ ଯାଉଛନ୍ତି । ଆପଣଙ୍କୁ ଜଣାଇ ଦେଉଛୁ ଯେ, ମଗଧ ଅଞ୍ଚଳର ମୁସଲିମ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତା ଭାବରେ ବିବେଚିତ ସଲମାନ ରାଗିଭ ମୁନ୍ନା ପ୍ରାୟ ୧୮ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ସମର୍ଥନ କରିଆସିଛନ୍ତି । ନୀତିଶଙ୍କ ସାଥି ଦେଇଆସିଛନ୍ତି, ଏବେ ଯଦି ନୀତିଶଙ୍କ ହାତ ଛାଡ଼ନ୍ତି ତେବେ ନିର୍ବାଚନ ଫଳ ଉପରେ କି ପ୍ରଭାବ ପକାଇବ ତାହା ସମୟ ହିଁ କହିବ । ଅନ୍ୟପଟେ ନୱାଡ଼ାରେ ଜୁଲାଇ ୯ରେ ବଡ଼ କାର୍ଯ୍ୟକ୍ରମ କରିବାକୁ ଯାଉଛନ୍ତି ତେଜସ୍ୱୀ ଯାଦବ । ଏଥିପାଇଁ ସଲମାନ ରାଗିଭ ମୁନ୍ନା ବଡ଼ ଦାୟିତ୍ୱ ଗ୍ରହଣ କରିଛନ୍ତି । କର୍ଯ୍ୟକ୍ରମ ପାଇଁ ବିଶାଳ ପେଣ୍ଡାଲର ବ୍ୟବସ୍ଥା କରିବା ସହ, ବଡ଼ ଆୟୋଜନ କରିଛନ୍ତି । କୁହାଯାଉଛି ଏହି କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ । ଗୋଟିଏ ପଟେ ତେଜସ୍ୱୀ ଯାଦବ ଆସୁଥିବା ବେଳେ ଅନ୍ୟପଟେ ନୀତିଶଙ୍କୁ ଲଗାତାର ଟାର୍ଗେଟ୍ କରିଚାଲିଛନ୍ତି ସଲମାନ ରାଗିଭ ମୁନ୍ନା । ସେ କହିଛନ୍ତି, ତେଜସ୍ୱୀ ଯାଦବଙ୍କୁ ନେଇ ଉଠିଥିବା ସ୍ୱର ପୂରା ମଗଧରେ ଗୁଞ୍ଜରିତ ହେବ । ଯାହା ନିର୍ବାଚନରେ ଏନଡିଏ ପାଇଁ ବି ଚିନ୍ତାର ବିଷୟ ପାଲଟିବ ।

# ବିରାଟ ଲୀଳାକ୍ଷେତ୍ରରେ ଘୋଷଯାତ୍ରା ଅନୁଷ୍ଠିତ

ଉଦଳା , ୦୨/୦୭ (ନି.ପ୍ର): ବିରାଟ ଲୀଳାକ୍ଷେତ୍ର ନୁଦଡ଼ିହା ପିଙ୍ଗୁସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମସ୍ତ ନୀତିକାନ୍ତି ପାଳନ ଭିତିରେ ଅନୁଷ୍ଠିତ ହୋଇଯାଇଛି । ସକାଳ ଘ ୯.୩୦ ମିନିଟ ମଧରେ ମନ୍ଦିରର ପୂଜକଙ୍କ ଦ୍ୱାରା ସମସ୍ତ ଦେବକର୍ମ ଯଥା ରୀତିନୀତିରେ ସଂପାଦନିତ ହୋଇଥିଲା । ଏହାପରେ ରଥପୂଜନ ଓ ହୋମକର୍ମ ଶେଷହେବା ପରେ ବିଧିମୁତାବକ ତିନିରଥ ମାର୍ଜନ କରାଯାଇଥିଲା । ସେବାୟତମାନେ ସ୍ୱତନ୍ତ୍ର ବିମାନ ଯୋଗେ ସଂକୀର୍ତନମଣ୍ଡଳୀଙ୍କ ପଟୁଆରରେ ଯାଇ ଜଗନ୍ନାଥ ମହାପ୍ରଭୁଙ୍କର ପ୍ରଥମ ସେବକ ଭାବରେ ଏ ଅଂଚଳର ପ୍ରାଧାପକ ନକୁଳ ଜେନାଙ୍କୁ ପାଛୋଟି ଆଣିଥିଲେ । ପ୍ରଥମେ ଚତୁର୍ଦ୍ଧାମୂର୍ତିଙ୍କୁ ପୁଷ୍ପାଞ୍ଜଳି ଦେବା ପରେ ପୂଜକ ସୁନାଖଡ଼ିକା ସଂସ୍କାର କରି ତାଙ୍କୁ ପ୍ରଦାନ କରିଥିଲେ । ଏହାପରେ ଉତ୍କଳୀୟ ସଂସ୍କୃତି ଓ ପରଂପରା ଆଧାରରେ ଶ୍ରୀଯୁକ୍ତ ଜେନା ତିନିରଥରେ ଛେରାପହଁରା କାର୍ଯ୍ୟ ସଂପନ୍ନ କରିଥିଲେ ।



ଅପରାହ୍ନ ପାଂଚ ଘଟିକା ସମୟରେ ପ୍ରଥମେ ମହାପ୍ରଭୁ ବଳଭଦ୍ରଙ୍କ ରଥ ତାଳଧ୍ୱଜକୁ ଭକ୍ତମାନେ ଶ୍ରଦ୍ଧାର ସହିତ ଶ୍ରୀଗୁଣ୍ଡିଚା ଅଭିମୁଖେ ଟାଣି ନେଇଥିଲେ । ଏହାପରେ ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବଦଳନ ଓ ନନ୍ଦିଘୋଷ ରଥକୁ କ୍ରମାନ୍ୱୟରେ ଆନନ୍ଦତାର ସହିତ ଟାଣିଥିଲେ । ଭକ୍ତ ମାନଙ୍କ ମନରେ ଆନନ୍ଦ କହିଲେ ନସରେ । କାରଣ ଶାସ୍ତ୍ର କହେ – 'ରଥେ ତୁ ବାମନଂ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ ।' ନୀତିରେ ପ୍ରଭୁଙ୍କୁ ରଥ ଉପରେ ଦର୍ଶନ କରିବା ପ୍ରଭୁଙ୍କ ଡ଼ୋରିରେ ବନ୍ଧାହୋଇ ବଡ଼ଦାଣ୍ଡରେ ପଦାର୍ପଣ କରିବା ଓ ରଥର ଦଉଡ଼ିକୁ ଧରି ରଥ ଟାଣି ନେବାର ସୌଭାଗ୍ୟ ଆଜି ମିଳିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ କଥା ଦେଇ ରଖିବା ନିମନ୍ତେ ବର୍ଷରେ ଥରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି ଓ ବଡ଼ ଦାଣ୍ଡରେ ରଥରେ ଥାଇ ପତିତଙ୍କୁ ଉଦ୍ଧାର କରନ୍ତି ।ଯଜ୍ଞବେଦୀ ବା ଜନ୍ମ ବେଦୀ ଯାତ୍ରାରେ ମହାପ୍ରଭୁ ଗୋପାଙ୍ଗନାମାନଙ୍କର ସ୍ମୃତି ଚାରଣ କରିଥାନ୍ତି । ଭକ୍ତଙ୍କ ଦ୍ୱାରା ଟଣାଯାଇ ତିନିରଥ ଯଥାକ୍ରମେ ନର୍ସ ସେଂଟର ଛକ, ମହାନ୍ତି ପଡ଼ା ଛକ ଓ ପୁରୁଣା ଜଗନ୍ନାଥ ମନ୍ଦିର ଛକରେ ତିନିରଥ ଅଟକି ରହିଥିଲା । ଆଜି ଅପରାହ୍ନ ଚାରି ଘଟିକା ସମୟରେ ପୁନର୍ବାର ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ଛଅ ଘଟିକା ସମୟରେ ଶ୍ରୀଗୁଣ୍ଡିଚାପାଖ ଶରଧାବାଲିରେ ପହଂଚିଥିଲା ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଂଚିବା ପରେ ଗୀତ ଗୋବିନ୍ଦ ଗାନ କରାଯାଇଥିଲା । ପହଣ୍ଡି କାର୍ଯ୍ୟକ୍ରମ ଓ ରଥ ଟଣା ନୀତିକାନ୍ତି ସଂପର୍କରେ ଭାବବନ୍ଧନ ପତ୍ରିକାର ମୁଖ୍ୟ ସଂପାଦକ ଭୋଳାନାଥ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଜଗନ୍ନାଥ ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସର୍ବେଶ୍ୱର ରାଉତ, ବୃନ୍ଦାବନ ବେହେରା, ଭଗବାନ ବେହେରା, ସମସ୍ତ ସଭ୍ୟ/ସଭ୍ୟା, ଦିବାକର ନାୟକ, ଚିନ୍ତାମଣି ବେହେରା ଓ ସମସ୍ତ ମହାରଣା ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରଶାସନିକ ଅଧିକାରୀ ଭାବରେ କପ୍ତିପଦା ଉପଜିଲ୍ଲାପାଳ, ଗୋଷ୍ଠୀଉନ୍ନୟନ ଅଧିକାରୀ ଓ ଥାନା ଅଧିକାରୀ ଗୁରୁ ଦାୟିତ୍ୱ ବହନ କରିଥିଲେ ।

# ଡେପୁଟି କମିଶନର ବିଏମସିଙ୍କୁ ଆକ୍ରମଣର ପ୍ରତିବାଦ କଲେ ସୁବର୍ଣ୍ଣପୁର ଜିଲ୍ଲା ଓଏଏସ ସଂଘ

ସୁବର୍ଣ୍ଣପୁର, ୦୨/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣର ପ୍ରତିବାଦ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧକ୍ଷତାରେ ଜିଲ୍ଲା ଓଡିଶା ପ୍ରଶାସନିକ ଅଧିକାରୀ ସମୂହ ସମେତ ଓଡିଶା ରାଜସ୍ୱ ଅଧିକାରୀ ବୃନ୍ଦ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ସଂଘ ର କର୍ମକର୍ତାଙ୍କୁ ନେଇ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ କମିଶନରଙ୍କୁ ବିଏମସି କାର୍ଯ୍ୟାଳୟ ପରିସରରେ କେତେଜଣ ରାଜନୈତିକ ବ୍ୟକ୍ତି ଅଶାଳୀନ ଭାଷା କହିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଅତିରିକ୍ତ କମିଶନରଙ୍କ ଜୀବନ ପ୍ରତି ନିର୍ଶ୍ଚିତ ଭାବେ ବିପଦପୂର୍ଣ୍ଣ ରହିଥଗ୍ଧିବାବେଳେ ଏତାଦୃଶ ନିନ୍ଦନୀୟ କାର୍ଯ୍ୟକଳାପ ଆଗାମୀ ଦିନରେ ରାଜ୍ୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନିର୍ଶ୍ଚିତ ଭାବେ ଭୟ ବାତାବରଣ ସୃଷ୍ଟି କରିବ ବୋଲି ଅଧିକାରୀ ବୃନ୍ଦ ଆଲୋଚନାରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅଧିକାରୀଙ୍କ ଉପରକୁ ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରତିବାଦରେ ଜିଲ୍ଲାର ସମସ୍ତ ଓଏଏସ ଅଧିକାରୀ, ରାଜସ୍ୱ ସେବା ଅଧିକାରୀ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅନ୍ୟାନ୍ୟ ସେବା ଅଧିକାରୀ, ଜିଲ୍ଲା ରାଜସ୍ୱ ଅମଲା ସଂଘ, ଜିଲ୍ଲା। ଫଂଚାୟତ ନିର୍ବାହୀ ଅଧିକାରୀ ସଂଘ, ସୁବର୍ଣ୍ଣପୁର ଜିଲ୍ଲା ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ,ସମୂହ ଦୃଢ଼ ନିନ୍ଦା ଓ ବିରୋଧ କରିବା ସହ ରାଜ୍ୟ ସ୍ତରୀୟ ଓଡିଶା ପ୍ରଶାସନିକ ଅଧିକାରୀ ସଂଘ ର କାର୍ଯ୍ୟ ବନ୍ଦ ପ୍ରତ୍ୟାହାର ନିଷ୍ପତିକୁ ମଧ ବିରୋଧ କରିଥିଲେ କ୍ଷ ଓ ସୁବର୍ଣ୍ଣପୁର ଜିଲ୍ଲାର ଓଡିଶା ପ୍ରଶାସନିକ ଅଧିକାରୀ ସଂଘ ଦ୍ୱାରା ଏହି ଆକ୍ରମଣ ଘଟଣା ଓ ଦୁର୍ବ୍ୟବହାର କୁ ଘୋର ବିରୋଧ କରି ସଂପୃକ୍ତ ଦୁର୍ବୃତମାନଙ୍କ ବିରୁଦ୍ଧରେ ଦୃଢ଼ କରାର୍ଯ୍ୟନୁଷ୍ଠାନ ଦାବୀ ରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସଂଘ କୁ ଅନୁରୋଧ କରିବା ପାଇଁ ନିଷ୍ପତି ଗ୍ରହଣ କରି ପ୍ରସ୍ତାବ ଗୃହୀତ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ଓଡିଶା ପ୍ରଶାସନିକ ସେବା ଅଧିକାରୀ ମାନେ ସମୂହ ଛୁଟିରେ ଯିବା ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ନିକଟକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଓ ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ କର୍ମଚାରୀ ସଂଘ ଯଥା - ରାଜସ୍ୱ ଅମଲା ସଂଘ, ଫଂଚାୟତ ନିର୍ବାହୀ ଅଧିକାରୀ ସଂଘ, ରାଜସ୍ୱ କ୍ଷେତ୍ର କର୍ମଚାରୀ ସଂଘ, ଡାଟା ଏଂଟ୍ରି ଅପରେଟର କର୍ମଚାରୀ ସଂଘ, ଡ୍ରାଇଭର ସଂଘ ଅନ୍ୟାନ୍ୟ କର୍ମଚାରୀ ସଂଘ ର କର୍ମକର୍ତା ମାନେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ସମୂହ ଛୁଟିରେ ଯିବା ନିଷ୍ପତିକୁ ସମର୍ଥନ ଜଣାଇଥିବା ସୁବର୍ଣ୍ଣପୁର ଜିଲ୍ଲା ଓଡିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ତରଫରୁ ପ୍ରକାଶ ପାଇଛି ।

# ଆନ୍ତର୍ଜାତିକ ସମବାୟ ଦିବସ-୨୦୨୫ ପାଳନ

କେନ୍ଦ୍ରାପଡା, ୦୨/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ସମୂହ ଆନୁକୁଲ୍ୟରେ କେନ୍ଦ୍ରାପଡା ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଆନ୍ତର୍ଜାତିକ ସମବାୟ ଦିବସ-୨୦୨୫ ର ଏକକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡ଼ଃ. ପ୍ରଭଞ୍ଜନ କବି, ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ମଣ୍ଡଳ (ପାଟକୁରା), ଦୁର୍ଗା ମାଧବ ନନ୍ଦ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଜୈବିକ ସାରର ଉପକାରିତା ଓ ପ୍ରୟୋଗ ସମ୍ବନ୍ଧରେ ପ୍ରାଥମିକ କୃଷି ସମବାୟ ସମିତିର କୃଷି ସଂପାଦକ ମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଉପ ନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ ଓ ଅନ୍ୟ ସମସ୍ତ ଅଧିକାରୀ ମାନେ ଉପସ୍ଥିତ ରହି ସମବାୟର ସୁଦୂର ପ୍ରଚାର ପ୍ରସାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ ।

# କନ୍ଧମାଳରେ ୫ଶହ କ୍ଷେତ୍ର କର୍ମଚାରୀଙ୍କ ପାଇଁ ୨ ଦିନିଆ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ

କନ୍ଧମାଳ, ୦୨/୦୭ (ନି.ପ୍ର): କନ୍ଧମାଳ ଜିଲାରୁ ଯୋଗଦେଲେ ୩ ବୁଥ ସ୍ତରୀୟ ଅଧିକାରୀ/ ପର୍ଯ୍ୟବେକ୍ଷକ ୫ ଶହ ଜଣ କ୍ଷେତ୍ର କର୍ମଚାରୀଙ୍କ ପାଇଁ ଭାରତ ନିର୍ବାଚନ ଆୟୋଗ ୨ ଦିନିଆ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଂଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଂଟ (ଡିଇଏମ୍)ରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ)/ ପର୍ଯ୍ୟବେକ୍ଷକଙ୍କ ପାଇଁ ତ୍ରୟୋଦଶ ବ୍ୟାଚର ତାଲିମ ଆରମ୍ଭ ହୋଇଛି । ଭାରତର ମୁଖ୍ୟ କମିଶନର ଜ୍ଞାନେଶ କୁମାର ୫୦୦ ଜଣ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଓଡ଼ିଶାରୁ ୫୩ ଜଣ ଏଥିରେ ଭାଗ ନେଇଛନ୍ତି । କନ୍ଧମାଳ ଜିଲ୍ଲାରୁ ଉକ୍ତ ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମରେ ସିମାଂଚଳ ମୁଖୀ, ଶିକ୍ଷକ (ବିଏଲଓ ପର୍ଯ୍ୟବେକ୍ଷକ), ମାନସ କୁମାର ସାହୁ, ଶିକ୍ଷକ (ବିଏଲଓ ପର୍ଯ୍ୟବେକ୍ଷକ), ଦିବାସ ପ୍ରଧାନ, ଶିକ୍ଷକ (ବିଏଲ୍ଓ ପର୍ଯ୍ୟବେକ୍ଷକ) ଯୋଗ ଦେଇଥିବା ଆସିଷ୍ଟାଂଟ କଲେକ୍ଟର, ଇଲେକ୍ସନ ସେକ୍ସନ କୁମୁଦିନୀ ମଲ୍ଲିକ ସୂଚନା ଦେଇଛନ୍ତି । ଉଦ୍‌ଘାଟନୀ ଭାଷଣରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ, ଭୋଟର ତାଲିକା ଓ ନିର୍ବାଚନ ପ୍ରସ୍ତୁତି କଡ଼ାକଡ଼ି, ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୦, ୧୯୫୧, ଭୋଟର ପଞ୍ଜିକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କରିବା ପାଇଁ ଏହି ତାଲିମ କାର୍ଯ୍ୟକ୍ରମ ଜରୁରୀ।

# ବହୁ ପ୍ରତିଭାର ଅଧିକାରୀ କୃତି ପ୍ରଧାନଶିକ୍ଷକ ବିନୋଦ ପଣ୍ଡାଙ୍କ ଅବସର

ନୀଳଗିରି , ୦୨/୦୭ (ନି.ପ୍ର): ଏକ ଭାବବିହ୍ୱଳ ପରିବେଶରେ ଅବସର ଗ୍ରହଣ କରିଛନ୍ତି ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା । ୧/୭/୧୯୮୬ ମସିହାରେ ଉକ୍ତ ଶିକ୍ଷାନୁଷ୍ଠାନରେ ଶ୍ରୀଯୁକ୍ତ ପଣ୍ଡା ପ୍ରଧାନଶିକ୍ଷକ ପଦବୀରେ ଅବସ୍ଥାପିତ ହେବାପରେ ଉତ୍ସର୍ଗୀକୃତ ଭାବନାରେ ବିଦ୍ୟାଳୟକୁ ଏକ ଶିକ୍ଷାନୁଷ୍ଠାନ ନୁହେଁ ମନ୍ଦିରଭାବେ ଗଢି ତୋଳିଛନ୍ତି । ସାରଙ୍କ ଆଦର୍ଶରେ ବିଦ୍ୟାଳୟର ଅନ୍ତେବାସୀ ନିଜକୁ ଶୃଙ୍ଖଳିତ, ନୀତିନିଷ୍ଟ, ସାଧୁତା, ସମୟାନୁବର୍ତ୍ତିତାର ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି । ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବରେ ଅନୁଷ୍ଠାନର ସହକର୍ମୀ ଓ ଛାତ୍ରଛାତ୍ରୀ ମାନଙ୍କ ମଧରେ ପୂଜ୍ୟଥିଲେ । ଅନୁଶାସନର ମୂର୍ତ୍ତିମନ୍ତ ପ୍ରତୀକ ଶ୍ରୀଯୁକ୍ତ ପଣ୍ଡାଙ୍କ ନିଷ୍କଳଙ୍କ ଚରିତ୍ର, ସରଳ ଜୀବନଯାପନ ପାଇଁ ନୀଳଗିରି ସମେତ ସାରା ଜିଲ୍ଲାରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗଠନ ହୋଇପାରିଛି । ଜଣେ ଆଦର୍ଶବାନ ଶିକ୍ଷକ, ଶାସ୍ତ୍ରବିଶାରଦ, ଆଧାତ୍ମିକବାଦି, ଦିବ୍ୟପ୍ରବଚକ, ସହିତ୍ୟାନୁରାଗୀ, ଅନୁଷ୍ଠାନପ୍ରେମୀ ଭାବରେ ସମାଜରେ ଏକ ବିଶେଷ ସ୍ଥାନ ଅଧିକାର କରିଥିବା ଶ୍ରୀଯୁକ୍ତ ପଣ୍ଡା ୩୦/୬/୨୫ରେ ଅବସର ଗ୍ରହଣ କରିବା ଅବସରରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସହିତ ଅଧୁନା ଅଧ୍ୟୟନ ଛାତ୍ରଛାତ୍ରୀମାନେ ତାଙ୍କୁ ଭାବବିହ୍ୱଳ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ । ବିଦ୍ୟାଳୟ ଗଠନର ୪୦ବର୍ଷ ପୂର୍ତ୍ତି ଏବଂ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପଣ୍ଡାଙ୍କ ଅବସର ପୂର୍ବରୁ ପୁରାତନ ଛାତ୍ର ସଂଗଠନ ପକ୍ଷରୁ ତିନିଦିନ ଧରି ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଅନ୍ତିମଦିବସରେ ବିନୋଦ ସାରଙ୍କ ଅବସରରେ ଛାତ୍ରସଂଗଠନ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ଉତ୍ତରୀୟ, ଉପଢୌକନ ପ୍ରଦାନ ପୂର୍ବକ ବିଦାୟ ଦିଆଯାଇଥିବା ବେଳେ ସନ୍ଧ୍ୟାରେ ଏକ ଶୋଭାଯାତ୍ରା କରାଯାଇ ସହର ପରିକ୍ରମା କରିବା ସହିତ ଶହଶହ ଛାତ୍ରଛାତ୍ରୀ ସାମିଲହୋଇ ଜୟ ଜୟକାର ଧ୍ୱନିରେ ବିଦାୟ ଦେଇଥିଲେ । ଶିକ୍ଷକତା ବୃତ୍ତିରେ ଥାଇ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମଶିକ୍ଷା ପ୍ରଦାନ କରିବା ସହିତ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କରିବାର ନିଛକ ବିନ୍ଧାଣୀଙ୍କୁ ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ରାଜ୍ୟଶିକ୍ଷକ ପୁରସ୍କାର, ପ୍ରକୃତିମିତ୍ର ପୁରସ୍କାର, ୨୦୨୨ ମସିହାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଗୁରୁବ୍ରହ୍ମା ସମ୍ମାନ, ୨୦୧୬ମସିହାରେ ମୁମ୍ବାଇ ଠାରେ ଗ୍ଲୋବାଲ ଟିଚର୍ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିସହ ଶ୍ରୀଯୁକ୍ତ ପଣ୍ଡାଙ୍କ ମାର୍ଗଦର୍ଶନରେ ପ୍ରତିବର୍ଷ ଶତପ୍ରତିଶତ ରେଜଲ୍ଟ ହେବା କାରଣରୁ ଅଞ୍ଚଳର ବିଭିନ୍ନ ଅଞ୍ଚଳରୁ ବହୁ ଛାତ୍ରଛାତ୍ରୀ ଉକ୍ତ ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଜଣାଯାଇଛି ।



# ନଈରେ ଭାସିଯାଇ ଦୁଇ ମୃତ

ମାଲକାନଗିରି, ୦୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟବ୍ଲକ କୁଡୁମୁଲୁଗୁମ୍ମା ଫଂଚାୟତରେ ଅଘଟଣ । ନଈ ପାରି ହେବା ସମୟରେ ପାଣି ରେ ଭାସି ଗଲେ ଦୁଇଜଣ । ଅଗ୍ନିଶମ ବାହିନୀ ଦ୍ୱାରା ଦୁଇ ମୃତଦେହ କୁ ଉଦ୍ଧାର କରାଯାଇଛି । ଦୁଇ ମୃତକ ନାଲିଗୁଡା ଗ୍ରାମର ଲବ ଦୋରା ଏବଂ ଶୁକ୍ରି ଫଟକା । ଖବର ଅନୁସାରେ ଦୁହେଁ ନିଜ ର ଚାଷ ଜମି କୁ ଯାଉଥିବା ବେଳେ ନଇ ରେ ଭାସିଯାଇଥିଲେ । ସ୍ରୋତ ପ୍ରଖର ଥିବାରୁ ତାଙ୍କୁ ଖୋଜିବା ସମ୍ଭବ ପର ହୋଇନଥିଲା । ପରେ ସ୍ଥାନୀୟ ବାସିନ୍ଦା ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଖୋଜାଖୋଜି କରି ଦୁଇ ଜଣକୁ ଉଦ୍ଧାର କରିଥିଲେ ।

# ଜଳ ନିଷ୍କାସନକୁ ନେଇ ବିବାଦ: କଲଭଟର ନିର୍ମାଣ ପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି

ନୀଳଗିରି , ୦୨/୦୭ (ନି.ପ୍ର): ଗ୍ରାମରେ ବନ୍ୟାଜଳ ନିଷ୍କାସନରେ ସମସ୍ୟା ହେଉଥିବା ବେଳେ କିଛି ମୁଷ୍ଟିମେୟ ବ୍ୟକ୍ତି ନାଳଗୁଡିକରେ ଜବରଦଖଲ ଘରକରିବା ସହ ହୋମପାଇପ ପକାଇ ଜଳ ନିଷ୍କାସନରେ ବାଧାସୃଷ୍ଟି କରୁଛନ୍ତି । ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଛି ।ମାତ୍ର ପ୍ରଶାସନ ସରକାରୀ ନିୟମ କାନୁନକୁ ଖାତିର ନକରି କିଛି ପରିବାରଙ୍କ ବ୍ୟକ୍ତିଗତ ଜମିରେ ପ୍ରସ୍ତୁତ ହୋଇଥିବା କଲଭଟର ଭାଙ୍ଗିବାପାଇଁ ଚେତାବନୀ ଦେଇଛି । ଫଳ ସ୍ୱରୂପ ନିର୍ଦ୍ଧିଷ୍ଟ କିଛି ପରିବାରଙ୍କ ପୈତୃକ ସମ୍ପତି ନଷ୍ଟ ହେଉଥିବାରୁ ସେମାନେ ତହସିଲଦାରଙ୍କ ଦ୍ୱାରସ୍ଥ ହେବା ସହ ଲିଖିତ ଅଭିଯୋଗ କରିଛନ୍ତି । ଏଭଳି ଏକଘଟଣା ଦେଖିବାକୁ ମିଳିଛି ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଦକ୍ଷିଣନରସିଂହପୁର ଗ୍ରାମରେ । ଉକ୍ତ ଗ୍ରାମଦେଇ ପୂର୍ବପୁରୁଷରୁ ବର୍ଷାଜଳ ଠିକ ଭାବେ ନିଷ୍କାସନ ହେଉଥିଲା । ଦେବଗିରି ପାହାଡ଼ ପାଦଦେଶରୁ କଲରା ନଈରୁ ଏକ କୃତ୍ରିମନାଳ ବାହାରି ଗାଙ୍ଗପୁରା ମୌଜା ଦେଇ ନରସିଂହପୁର ଗ୍ରାମରେ ପଡିଛି । ପୂର୍ବକୁ ଦକ୍ଷିଣନରସିଂହପୁର ମୌଜାର



ବିଲରେ ତିନୋଟି ପିଚ୍ଛାଲ ହୋଇଥିଲା । ଯେଉଁଥିରେ ପାଣି ତିନିଭାଗରେ ବିଭକ୍ତ ହେବାସହ ବନ୍ୟା ସମସ୍ୟା ଉପୁଜୁ ନଥିଲା । ୨୦୧୭ ମସିହାରେ ଗ୍ରାମର କରୁଣାକର ବାରିକ, ବାଞ୍ଛାନିଧି ବାରିକ, ପୂର୍ଣଚନ୍ଦ୍ର ବାରିକ, ସୁଦର୍ଶନ ବାରିକ, ନୀଳାମ୍ବର ବାରିକ, ମନୋରଞ୍ଜନ ବାରିକ ଉକ୍ତ ଜମି ଉପରେ ଘର ନିର୍ମାଣ କରିବା ଫଳରେ ବର୍ଷାଜଳ ନିଷ୍କାସନ ହେବାରେ ବାଧାସୃଷ୍ଟି ହୋଇଥିଲା । ଯାହାକୁ ନେଇ ଗ୍ରାମର ରାଜେନ୍ଦ୍ର ସିଂ, ଦୟାନିଧି ଦଳେଇ, ଗୌରାଙ୍ଗ ଦଳେଇ, ପୁରୁଷୋତ୍ତମ ଦଳେଇ, ଦିବାକର ପରିଡ଼ା, ରବୀନ୍ଦ୍ର ପରିଡ଼ା, ଜିତେନ୍ଦ୍ର ପରିଡ଼ା ପ୍ରମୁଖ ୧୦ରୁ ଉର୍ଦ୍ଧଚାଷୀ ତତ୍‌କାଳୀନ ଉପଜିଲ୍ଲାପାଳଙ୍କ ଠାରେ ଦ୍ୱାରସ୍ଥ ହୋଇଥିଲେ । ଉପଜିଲ୍ଲାପାଳଙ୍କ ନିଷ୍ପତି ଅନୁଯାୟୀ ସେମାନେ ୨ମିଟର ଓସାର ଏବଂ ୪ ଫୁଟ ଗଭୀରରେ ଜଳ ନିଷ୍କାସନ ପାଇଁ ଛାଡିବେ । ଲଗାଣବର୍ଷା ଫଳରେ ନନ୍ଦ ମହାପାତ୍ର ବେଡା ଓ ବାରିକସାହି ପାଣି ଘେରରେ ରହିଥିଲେ । ନୀଳଗିରି ତହସିଲଦାର ସୋନମ ଦାସ ଉକ୍ତ ଗ୍ରାମକୁ ଯାଇ ବ୍ୟକ୍ତିଗତ ଜାଗାରେ ବର୍ଷାଜଳ ନିଷ୍କାସନ ହେଉଥିବା ସ୍ଥାନକୁ ଯାଇ ସମାଧାନର ବାଟ ବାହାର କରିବା ପରିବର୍ତ୍ତେ ସେ ପ୍ରସ୍ତୁତ କରିଥିବା ଏକ କଲଭଟରକୁ ଭାଙ୍ଗିବାକୁ ପ୍ରଚେଷ୍ଟା କରିଥିଲେ । ଉକ୍ତ ନାଳକୁ ଅଧିକ ଭାବରେ ତାଡ଼ି ସମୁଦାୟ ଜଳ ନିଷ୍କାସନ ପାଇଁ ଜେସିବି ଲଗାଇ ପୋଲତାଡ଼ି ଦେଇଥିଲେ । ମାତ୍ର ପୋଲ ଭାଙ୍ଗିନଥିବା ବେଳେ ତହସିଲଦାର ଘଟଣାସ୍ଥଳରୁ ଫେରିଆସିଥିଲେ । ଏନେଇ ଆଜି କ୍ଷତିଗ୍ରସ୍ତ ଜମିମାଲିକ ଏକ ପ୍ରେସ ବିବୃତିରେ ନିଜର କ୍ଷୋଭପ୍ରକାଶ କରିଥିଲେ । ବର୍ଷାଜଳ ନିଷ୍କାସନ ପାଇଁ ଜବରଦଖଲ କରିଥିବା ସମସ୍ତ ଲୋକଙ୍କୁ ଉଚ୍ଛେଦ ପାଇଁ କହିବା ପରିବର୍ତ୍ତେ ଚେକଡ୍ୟାମକୁ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ଜବରଦସ୍ତ କରାଯାଇଥିଲା ବୋଲି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ।ମନମୁଖୀ ନକରି ଉପଜିଲ୍ଲାପାଳଙ୍କ ନିୟମକୁ ତଦନ୍ତ କରି ଉକ୍ତ ଚେକଡ୍ୟାମକୁ ଭାଙ୍ଗିବା ପାଇଁ ପ୍ରଶାସନକୁ ସାମ୍ବାଦିକ ସମ୍ମିଳନୀ ମାଧମରେ ନିବେଦନ କରିଛନ୍ତି ।

# ବାର୍ ପାଲଟିଛି ଜାରକା ବିଦେଶୀ ଠିପିବନ୍ଦ ମଦ ଦୋକାନ

ଧର୍ମଶାଳା, ୦୨/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅବକାରୀ ଥାନା ଅଧିନରେ ଜାରକାଠାରେ ରହିଥିବା ବିଦେଶୀ ମଦ ଦୋକାନ ଠିପିଖୋଲା ମଦ ଦୋକାନ ପାଲଟିଯାଇଛି । ଜାରକା ବଜାରର ଅନତି ଦୂରରେ ଏକ ସରକାରୀ ବିଦେଶୀ ମଦ ଦୋକାନ ରହିଛି । ଏଠାରେ ପ୍ରତ୍ୟେକ ଦିନ ଆବଶ୍ୟକ ଠାରୁ ଢେର ଅଧିକ ମଦ ବିକ୍ରି ହୋଇଥାଏ । ଏହା ଠିପିବନ୍ଦ ମଦ ଦୋକାନ ହୋଇଥିଲେ ହେଁ ଏଠାରେ ଗ୍ରାହକମାନଙ୍କ ପିଇବାର ସୁବିଧା ରହିଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ମଦ୍ୟପାନ କରୁଥିବା ଗ୍ରାହକ ମାନେ ଅସି ଖୁଲମଖୁଲା ଏଠାରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଠିପିବନ୍ଦ ମଦ ଦୋକାନରେ ଲୋକେ ମଦ କିଣି ନେଇ ଅନ୍ୟତ୍ର ପିଇବାର ନିୟମ ରହିଛି । ହେଲେ ଜାରକାର ଏହି ବିଦେଶୀ ମଦ ଦୋକାନଟି ସରକାରୀ ନିୟମର ଖୋଲାଖୋଲି ଉଲଙ୍ଘନ କରୁଥିବା ଦେଖିବାକୁ ମିଳିଛି । ଏଠାରେ ବିଭିନ୍ନ ପ୍ରକାର ଚାଖଣା ସାଙ୍ଗକୁ ପାଣି, ଗିଲାସ ଆଦି ଅବଶ୍ୟକ ସାମଗ୍ରୀ ସହଜରେ ମିଳୁଛି । ଫଳରେ ଏଠାକୁ ଆସୁଥିବା ଗ୍ରାହାକମାନେ ଏଠାରେ ରାସ୍ତା କଡରେ ବସି ଖୁଲମଖୁଲା ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି । ଜାରକା ଠାରେ ଏକ ଅବକାରୀ ଥାନା ରହିଥିବା ବେଳେ ଏହାର କର୍ମଚାରୀମାନେ ସବୁଦେଖି ଚୁପ ରହୁଥିବା ଅଭିଯୋଗ ହୋଇଛି । ଅବକାରୀ ଥାନାଟି କେବଳ ମାସିକିଆ ଚାନ୍ଦା ନେବାରେ ବ୍ୟସ୍ତ ରହୁଥିବା ଅଭିଯୋଗ ହୋଇଛି । ଏଠାରେ ରାସ୍ତା କଡରେ ଅବସ୍ଥିତ ଏହି ବିଦେଶୀ ମଦ ଦୋକାନରେ ଲୋକେ ଖୋଲାଖୋଲି ଭାବରେ ମଦ୍ୟପାନ କରୁଥିବାରୁ ଉକ୍ତ ରାସ୍ତାଦେଇ ଯିବାକୁ ସାଧାରଣ ଲୋକ ଓ କଲେଜର ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଅବଗତ ଥାଇ ମଧ୍ୟ କଣ ପାଇଁ ଉକ୍ତ ଦୋକାନୀକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ତାହା ବୁଝାପଡୁ ନାହିଁ । ଯାହାକୁ ନେଇ ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି ।

# ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥରେ ହେରାପଂଚମୀ: ଅଭିମାନିନୀ ମା' ଲକ୍ଷ୍ମୀ ଠାକୁରାଣୀ ଭାଙ୍ଗିଲେ ନନ୍ଦିଘୋଷ ରଥକାଠ

ବାଲିଆପାଳ, ୦୨/୦୭ (ନି.ପ୍ର): ବାଲିଆପାଳର ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରର ଘୋଷଯାତ୍ରାରେ ଆଜି ପବିତ୍ର ହେରା ପ ମୀ ସମସ୍ତ ରିତିନିତି ଅନୁଯାଇ ପାଳିତ ହୋଇଯାଇଛି । ପରମ୍ପରା ଅନୁଯାଇ ଆଜିର ଦିନରେ ପ୍ରଭୁ ନିଜ ପତ୍ନୀଙ୍କୁ ଉପେକ୍ଷା କରି ଭାଇ ଓଉଉଣୀ ଙ୍କୁ ନେଇ ଗୁଣ୍ଡିଚା ମନ୍ଦିରକୁ ଯାଇଥିବାରୁ ରୋଷ ଜର୍ଜରିତା ମା ମହାଲକ୍ଷ୍ମୀ ସେବାୟତଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ବିମାନରେ ବସି ଆସିଥିଲେ । ତେବେ ମହାଲକ୍ଷ୍ମୀଙ୍କ କ୍ରୋଧ ଜର୍ଜରିତା ରୂପ ଦେଖି ସେବକ ମାନେ ଗୁଣ୍ଡିଚା ମନ୍ଦିର ର ମୁଖ୍ୟ ଦ୍ୱାର ବନ୍ଦ କରିଦେଇଥିବାରୁ ମା ଲକ୍ଷ୍ମୀ ଠାକୁରାଣୀ ଆଡପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିନପାରି କ୍ରୋଧାନ୍ୱିତ ହୋଇ ଫେରିବା ପୂର୍ବରୁ ନନ୍ଦିଘୋଷରଥର ଗୋଟିଏ କାଠ ଭାଙ୍ଗିଦେଇଥିଲେ । ସଂନ୍ଧ୍ୟାରେ ବାଲିଆପାଳ



ବସଷ୍ଟାଣ୍ଡସ୍ଥିତ ମାଉସୀ ମା ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହିଭଳି ପରମ୍ପରାଗତ ଓଡିଆ ଘରର ଚାଲିଚଳଣ ଓ ସାମାଜିକ ଦୃଷ୍ଟିକୋଣ ପରିସ୍ଫୁଟ ହୋଇଥିଲା । ମହାପ୍ରଭୁଙ୍କ ଏହି ଆକର୍ଷଣୀୟ ମାନବୀୟ ଲୀଳା ଦେଖିବା ପାଇଁ ଆଜି ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଆଜି ହେରାପଂଚମୀରେ ପ୍ରତ୍ୟୁଷରୁ ଶ୍ରୀ ବିଗ୍ରହ ମାନଙ୍କର ସମସ୍ତ ରିତିନିତୀସମ୍ପନ୍ନ ସହ ଷୋଡଷ ଉପଚାର ପୂଜା,ହୋମ ପରେ ବେଶ କରାଯାଇଥିଲା । ମହାପ୍ରଭୁଙ୍କ ନିକଟରେ ଖେଚୁଡି ଅନ୍ନ ଲଗାଯାଇ ଥିଲା । ଆଜିର ଦିନରେ ଜନ୍ମ ବେଦୀରେ ମହାପ୍ରଭୁଙ୍କ ଦର୍ଶନସାଙ୍ଗକୁ ଖେଚୁଡି ଭୋଗ ସେବନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ଲମ୍ବା ଲାଇନ ଲାଗିଥିଲା । ଆଜିର ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟପୂଜକ ବିଷ୍ଣୁଦାସ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା , ସୋମନାଥ ପାଣିଗ୍ରାହୀ, ଲୋକନାଥ ପାଠୀ,କୁମାର କୌସ୍ତବ ପାଠୀ, ପ୍ରମୁଖ ସେବାକାର୍ଯ୍ୟ କରିଥିଲେ । ପରିଚାଳନା କମିଟିପକ୍ଷରୁ ପୂର୍ବତନ ସରପ ମଧୁସୂଦନ ବାରିକ,ପ୍ରଫୁଲ୍ଲ କୁମାର ସାହୁ, ମୁରଲୀମୋହନ ସାହୁ, ମଧୁସୂଦନ ସାହୁ, ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ,ସୁଶାନ୍ତ ମହାପାତ୍ର, ପ୍ରିୟନାଥ ସେଠୀ, କାଳୀଚରଣ, ଜଗନ୍ନାଥ ବାରିକ, ଅରୁଣ କୁମାର ପାତ୍ର,ପି଼ ସୀ, ବନମାଳୀ ମହାପାତ୍ର, ଦିବ୍ୟକାମ ମହାନ୍ତି, ପ୍ରଦୀପ୍ତ ପାତ୍ର, ବ୍ୟୋମକେଶ ସାହୁ ସମେତ କମିଟି ସଦସ୍ୟମାନେ ପ୍ରମୁଖ ପରିଚାଳନା କରିଥିଲେ । ବାଲିଆପାଳ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା । ପହଡ ପର୍ଯ୍ୟନ୍ତ ସଙ୍ଗୀତକାର ରମାନାଥ କର ଏବଂ ସାତୀ ଙ୍କ ଦ୍ୱାରା ଭଜନ ସଂନ୍ଧ୍ୟା ଅନୁଷ୍ଠିତ ହୋଇଥିଲା ।

# ବେଳାଭୂମିରେ ପଲ୍ଲିଶ୍ରୀ ମେଳାର ମଜା ନେଉଛନ୍ତି ଗ୍ରାହକ

ପୁରୀ, ୦୨/୦୭ (ନି.ପ୍ର): ରଥଯାତ୍ରା ସମୟରେ ପଲ୍ଲିଶ୍ରୀ ମେଳାର ଚାହିଦା ରହିଛି । ସହରବାସୀ, ପର୍ଯ୍ୟଟକ, ରଥଯାତ୍ରୀ ଓ ଶ୍ରଦ୍ଧାଳୁ ମାନେ ପଲ୍ଲିଶ୍ରୀ ମେଳାରେ ଘରକରଣା ଜିନିଷ କିଣି ଥାଆନ୍ତି । ଚଳିତବର୍ଷ ପଲ୍ଲିଶ୍ରୀ ମେଳା ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ଆୟୋଜିତ ହୋଇଛି । ମେଳାରେ ବିକ୍ରି ସାମାନ୍ୟ କମିଥିଲେ ମଧ ଅଧିକ ସ୍ଥାନ ନିଆଯାଇଥିବାରୁ କିଣାକିଣି ପାଇଁ ଗ୍ରାହକ ମାନଙ୍କୁ ଫ୍ରି ଲାଗୁଛି । ୨୬୧ଟି ଷ୍ଟଲ ପଡିଛି । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବଡ ମଂଚ କରାଯାଇଛି । ମେଳାର ଫୁଡ ଷ୍ଟଲରେ ଅଧିକାଂଶ ଯୁବକ ଯୁବତୀ ଓ ମହିଳାମାନେ ଗୁପଚୁପ, ଚାଟ ଓ ପାରୁଥିବା ଦୋକାନରେ ଗହଳି ଜମୁଥିବା ଦେଖିବାକୁ ମିଳୁଛି । ବାଣପୁର ବେତ ସାମଗ୍ରୀ ଗଦା ହୋଇଥିଲେ ମଧ ଗ୍ରାହକ ଦେଖୁଛନ୍ତି । ଲୁଗା, ଶାଢୀ, କାର୍ପେଟ, ଶଙ୍ଖମାଳି, ଆଚାର, କାଠ ସାମଗ୍ରୀ, କାଶ୍ମୀରରୁ ଆସିଥିବା ସାମଗ୍ରୀ ପଡିଛି । ଏହାସହ କଂସାବାସନ ଦୋକାନ ଖୋଲିଛି । ଗ୍ରାହକ ମାନେ ସାମଗ୍ରୀ କିଣିବା ସହ ବିସ୍ତୀର୍ଣ୍ଣ ନୀଳମୟ ସମୁଦ୍ର ଉପଭୋଗ କରୁଛନ୍ତି ।

**ଧାରାବାହିକ:** ଭାଗ-୬

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



ଅଘାସୁର ସମସ୍ତଙ୍କୁ ଗିଳି ପକାଇଲେ ବି କୃଷ୍ଣଙ୍କୁ ଗିଳି ନଥିବା କାରଣରୁ ମୁଖ ଖୋଲା ରଖିଥିଲା । ଭଗବାନ ଦେଖିଲେ ନିଜର ମିତ୍ରମାନେ ଭୟଭୀତ ହୋଇଗଲେଣି ଏଣୁ ମାୟାଧର ନିଜେ ସର୍ପ ନିକଟକୁ ଆସି ସାମାନ୍ୟ ଚାହିଁ ତା ମୁଖ ମଧ୍ୟରେ ପ୍ରବେଶ କରି ଯିବାରୁ ସର୍ପ ମୁଖ ବନ୍ଦ କରି ଅସୁର କୂଳର ଶତ୍ରୁ ନାଶଗଲା ଭାବି ଆନନ୍ଦିତ ହେଲା । ଦେବଗଣ ଭୟରେ ହା ହା କାର କରିବା ସହ ପରବର୍ତ୍ତୀ ବିଷ୍ଣୁଲୀଳା ଦେଖିବାକୁ ଉତ୍କଣ୍ଠିତ ହେଲେ । ଅସୁର ପାଟି ବନ୍ଦ କରିବା ମାତ୍ରେ ଭଗବାନ ନିଜର କାୟା ବିସ୍ତାର କରିବାରୁ ଅସୁର ଆଉ ତାଙ୍କୁ ଗିଳି ପାରିଲା ନାହିଁ କି ବାହାର କରିପାରିଲା ନାହିଁ । ସେ ପ୍ରାଣ ବିକଳରେ ଛଟପଟ ହେଲା । କୃଷ୍ଣ ନିଜର କାୟା ଆହୁରି ବିସ୍ତାର କରିବାରୁ ସର୍ପର ତାଳୁ ଫାଟିଗଲା ଓ ମୃତ୍ୟୁ ହେବାରୁ ସେ କୃଷ୍ଣଙ୍କ ଶରୀରରେ ଲୀନ ହେଲା । ଦେବଗଣ ପୁଷ୍ପ ବୃଷ୍ଟିକଲେ । ଶ୍ରୀକୃଷ୍ଣ ଅମୃତ ନୟନରୁ ଚାହିଁବାରୁ ସର୍ପ ଉଦରସ୍ଥ ଗୋପାଳମାନେ ପୁନର୍ଜୀବନ ପ୍ରାପ୍ତ ହୋଇ ସର୍ପ ଉଦରରୁ ବାହାରି କୃଷ୍ଣ ବଳରାମଙ୍କୁ ଘେରି ନୃତ୍ୟ କଲେ ।

### ୧୩ଶ ଅଧ୍ୟାୟ, ବ୍ରହ୍ମାଙ୍କର ମୋହ ଓ ତହିଁରୁ ମୁକ୍ତି

ରାଜା ପରୀକ୍ଷିତ ପଚାରିଲେ,ଏହି ଘଟଣାର ଏକ ବର୍ଷ ପରେ ଗୋପବାଳକମାନେ ନିଜ ନିଜର ପିତାମାତାଙ୍କୁ କହିଲେ ଯେ ସେମାନଙ୍କୁ ସର୍ପ ଗିଳିଥିଲା ଏବଂ ଶ୍ରୀକୃଷ୍ଣ ସର୍ପକୁ ମାରି ସେମାନଙ୍କୁ ଉଦ୍ଧାର କଲେ । ଏହାର କାରଣ କ'ଣ ? ସେମାନେ ସେହି ଦିନ ନକହି ବର୍ଷେ ପରେ କହିବାର କି ଲୀଳା ଅଛି ଦୟାକରି କୁହନ୍ତୁ । ଶ୍ରୀ ଶୁକଦେବ କହିଲେ ତୁମେ ପରମ ସାଧୁ । ଯେତେ କହିଲେ ଭାଗବତ । ତୋଷ ନହେଲା ତୋର ଚିତ୍ତ ॥ ସ୍ତ୍ରୈଣ ଲୋକଙ୍କ ନିକଟରେ ସ୍ତ୍ରୀ ବିଷୟକ କଥା ଯେପରି ପ୍ରୀତିପଦ ସେହିପରି ସଜ୍ଜନ ନିକଟରେ ହରିକଥା ପ୍ରୀତିପଦ । ସର୍ପର ଗର୍ଭରୁ ଉଦ୍ଧାର ପାଇ ଆସିଲା ପରେ ଶ୍ରୀକୃଷ୍ଣ ଗୋପବାଳକମାନଙ୍କୁ କହିଲେ ଯମୁନା ତଟସ୍ଥ ବାଲିକୁଦ ଖୁବ ମନୋରମ । ସେଠାରେ ବିବିଧ ବନ କୁସୁମର ସୌରଭ ବହନ କରି ମଳୟ ପ୍ରବାହିତ । ଆମେମାନେ ତ ନିଶ୍ଚିତ ମୃତ୍ୟୁ ମୁଖରୁ ଉଦ୍ଧାର ପାଇଲୁ ଚାଲ ବତ୍ସାମାନଙ୍କୁ ଚରିବାକୁ ଛାଡିଦେଇ ସେଠାରେ ଭୋଜନ କରିବା । ବାଳକମାନେ ଆନନ୍ଦ ମନରେ ନିଜ ନିଜର ଖାଦ୍ୟମାନ ଧରି ସେଠାକୁ ଯାଇ ପରସ୍ପର ମଧ୍ୟରେ ଅନ୍ନ ବ୍ୟଞ୍ଜନ ବିନିମୟ କରି ଖାଇବାକୁ ଲାଗିଲେ । ଶ୍ରୀକୃଷ୍ଣ ମଧ୍ୟ ସେଥିରେ ଯୋଗଦେବା ସହ ବିଭିନ୍ନ ପ୍ରକାର ହାସ ପରିହାସ ଚାଲିଥାଏ । ସେହି ସମୟରେ ବ୍ରହ୍ମଦେବ ବୃନ୍ଦାବନକୁ ଆସି ଦେଖନ୍ତି ତ ମନୁଷ୍ୟ ରୂପୀ ଭଗବାନ କିଭଳି ସାଧାରଣ ବାଳକଙ୍କ ଭଳି ସାଥୀଙ୍କ ସହ ହାସ ପରିହାସରେ ମଜ୍ଜି ଯାଇଛନ୍ତି । ବୋଧେ କଂସ ବଧ କଥା ଭୁଲିଗଲେ । ମୁଁ ମାୟାଧରଙ୍କୁ ମାୟା କରିବି । ଦେଖିବା ସେ କିପରି ଗୋକୁଳକୁ ରକ୍ଷା କରୁଛନ୍ତି ? ଏହା ଭାବି ବ୍ରହ୍ମା ମାୟା ବଳରେ ସମସ୍ତ ବତ୍ସା ସହ ଗୋପବାଳକମାନଙ୍କୁ ହରଣ କରିନେଇ ନିଜ କମଣ୍ଡଳୁ ମଧ୍ୟରେ ରଖିଦେଲେ ଓ ବ୍ରହ୍ମ ଲୋକକୁ ଫେରିଗଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଭକ୍ତ ବ୍ରହ୍ମାଙ୍କ ମନକଥା ଜାଣିନେଇ ତାଙ୍କ ସହ କୌତୁକ କରିବା ଉଦ୍ଦେଶ୍ୟରେ ନିଜ ମାୟାରେ ନିଜ ଅଂଶରୁ ସମସ୍ତ ବାଛୁରୀ ଓ ଗୋପବାଳକମାନଙ୍କୁ ଅବିକଳ ରଚନା କରି ଯମୁନା ତଟ ବାଲିକୁଦ ଉପରେ ପୂର୍ବବତ୍ ଚଳପ୍ରଚଳ ହେଲେ । ଦିବା ଅବସାନରେ ସମସ୍ତେ ଗୋପପୁରକୁ ଫେରି ଯେ ଯାହାର ଘରକୁ ଯାଇ ପୂର୍ବବତ ସ୍ୱଜନମାନଙ୍କ ସହ ମିଶିଲେ । ଭଗବାନ ନିଜର ପରମ ଭକ୍ତ ଗୋପପୁରବାସୀଙ୍କୁ ସେମାନଙ୍କର ସନ୍ତାନ ଭାବରେ ନିଜକୁ ପର୍ଯ୍ୟବେଶିତ କରି ଆମୋଦିତ କଲେ । ପ୍ରତିଦିନ ମାୟା ବତ୍ସା ସହ ମାୟା ଗୋପାଳମାନଙ୍କ ସହ ରାମକୃଷ୍ଣ ଗୋଚାରଣ ନିମିତ୍ତ ଯାଆନ୍ତି ଏବଂ ସନ୍ଧ୍ୟାରେ ଫେରନ୍ତି । ଏହିପରି ଏକବର୍ଷ ଅତିକ୍ରମ ପରେ ବଳରାମ ଦେଖିଲେ ଗୋପବାଳକମାନେ ନିଜର ବତ୍ସାମାନଙ୍କୁ ଗୋବର୍ଦ୍ଧନ ପର୍ବତ ତଳେ ଚରାଉଛନ୍ତି ଏବଂ ଗୋପୀ ଓ ଗାଈମାନେ ପର୍ବତ ଉପରୁ ଓହ୍ଲାଇ ଆସି ପୁତ୍ରମାନଙ୍କୁ କୋଳ କରିବା ସହ ବତ୍ସାମାନଙ୍କୁ ଦୁଗ୍ଧପାନ କରାଇଲେ । ବଳରାମ ଆଶ୍ଚର୍ଯ୍ୟାନ୍ୱିତ ହୋଇ ମନେ ମନେ ଭାବିଲେ, ଗୋପୁରରୁ ଗୋପୀ ଓ ଗାଈମାନେ କେତେବେଳେ ଓ କିପରି ପର୍ବତ ଉପରକୁ ଯାଇଥିଲେ ? ଏବଂ ତଳକୁ ବା କାହିଁକି ଆସିଲେ ? ଏ କ'ଣ ଗୋବିନ୍ଦର ମାୟା ? ଏହା ଭାବି ସେ ଯୋଗବଳରେ ଧ୍ୟାନନେତ୍ରରେ ଦେଖିଲେ ପ୍ରତ୍ୟେକ ବାଳକ ଓ ବାଛୁରୀ ପୀତବସନ ପରିଧାନ କରି କୋଟି କନ୍ଦର୍ପ ଲାବଣ୍ୟ ଜିଣି ଜ୍ୟୋତିର୍ମୟ ଚତୁର୍ଭୁଜ ରୂପ ଧାରଣ କରିଛନ୍ତି । ଏଣୁ ଶ୍ରୀକୃଷ୍ଣଙ୍କୁ ହସି ହସି ପଚାରିଲେ, ଏଉମାନେ ତ ବାଳକ ବତ୍ସା, କୌଣସି ମୁନିଋଷି ନୁହଁନ୍ତି ତେବେ କାହିଁକି ତୋ ସ୍ୱରୂପ ଧାରଣ କରିଛନ୍ତି ? ଶ୍ରୀକୃଷ୍ଣ ମୃଦୁହାସ ପୂର୍ବକ କହିଲେ ବ୍ରହ୍ମା ଆସି ମାୟା କରିବାରୁ ମୁଁ ମଧ୍ୟ ମାୟା ରଚନା କରିଛି । ଖୁବ ଶୀଘ୍ର ସେ ଏଠାକୁ ଆସିବେ । ତେଣେ ବ୍ରହ୍ମା ବିଚାର କଲେ, ଏକ ବର୍ଷ ହେଲା ମୁଁ ବତ୍ସା ଓ ବାଳକମାନଙ୍କୁ ଅପହରଣ କରି ନେଇ ଆସିଲି, ସେମାନଙ୍କ ଅଭାବରେ ଶ୍ରୀକୃଷ୍ଣ ନିଶ୍ଚିତ ବ୍ୟାକୁଳ ହେଉଥିବେ; ମୁଁ ଯାଇ ସ୍ୱଚକ୍ଷୁରେ ତାହା ଦେଖିଆସିବି । ଏହା ଭାବି ସେ ବୃନ୍ଦାବନରେ ପହଞ୍ଚି ଦେଖନ୍ତି ତ ବତ୍ସା ଓ ବାଳକମାନେ ରାମକୃଷ୍ଣଙ୍କ ସହ ପୂର୍ବବତ ଖେଳୁଛନ୍ତି । ସେ ବ୍ରହ୍ମଲୋକକୁ ଚାହିଁ ଦେଖିଲେ ଯେ ସେ ହରଣ କରିଥିବା ବତ୍ସା ଓ ବାଳକମାନେ ସେଠାରେ ଅଛନ୍ତି ଏବଂ ଦୁଇ ଦଳ ମଧ୍ୟରେ ସାମାନ୍ୟ ପାର୍ଥକ୍ୟ ନାହିଁ । ଭୟ ଓ ଲଜ୍ଜାରେ ବ୍ରହ୍ମା ବିଚଳିତ ହୋଇପଡିଲେ । ନିଜର କୁକର୍ମ ନିମନ୍ତେ ପଶ୍ଚାତାପ କରିବା ସହ ବିଷ୍ଣୁମାୟାରେ ପଡି ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧକାର ଦେଖାଗଲା । ସେ ଚେତାଶୂନ୍ୟ ହୋଇପଡିଲେ । ଚେତା ପାଇ ଦେଖିଲେ ଚାରିଆଡେ ଘନ କୁହୁଡି ଆଚ୍ଛାଦିତ ହୋଇଛି । ତାହାରି ଭିତରେ ପ୍ରତ୍ୟେକ ବତ୍ସା ଓ ବାଳକ ନୀଳ ଜଳଦ ତନୁକାନ୍ତି ଯୁକ୍ତ ଶଙ୍ଖ, ଚକ୍ର, ଗଦା, ପଦ୍ମ ପରିଶୋଭିତ ଚତୁର୍ଭୁଜ ରୂପ ଧାରଣ କରି ପୀତବସନ, ତୁଳସୀମାଳା ଓ ନାନା ଅଳଙ୍କାର ଭୂଷିତ ହୋଇ ମନୋହର ରୂପ ପ୍ରକାଶ କରୁଛନ୍ତି ତାଙ୍କ ଶରୀରର ତେଜରେ ବନଭୂମି ପ୍ରକାଶିତ ହେବା ସହ ମୁନି, ଋଷି, ଦେବତାମାନେ ସ୍ତୁତିପାଠ କରୁଛନ୍ତି ଏବଂ ନିଜେ ବ୍ରହ୍ମା ମଧ୍ୟ ସେବାରେ ଉପସ୍ଥିତ ଅଛନ୍ତି । ବ୍ରହ୍ମା ଏହି ଅପୂର୍ବ ଦୃଶ୍ୟ ଦେଖି ବିହ୍ୱଳିତ ହୋଇପଡିଲେ ଏବଂ ଶ୍ରୀକୃଷ୍ଣଙ୍କ ମାୟା ସ୍ୱରୂପ ବିସ୍ତାରକୁ ଉପଲବ୍ଧି କଲେ । ତାଙ୍କର ପୂର୍ଣ୍ଣ ଚୈତନ୍ୟୋଦୟ ହେଲା ଓ ସେ ଅନୁତପ୍ତ ହେଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଭକ୍ତର ଏହି ଅବସ୍ଥା ଦେଖି ଦୟା ହେବାରୁ ମାୟା ସମ୍ବରଣ କଲେ । ବ୍ରହ୍ମାଙ୍କର ସଂଜ୍ଞାଲାଭ ହେବାରୁ ସେ ଦେଖିଲେ ବନଲକ୍ଷ୍ମୀ ଅପୂର୍ବ ଶ୍ରୀ ଧାରଣ କରିଛନ୍ତି ଏବଂ ଶତ୍ରୁତା ଭୁଲି ମିତ୍ରପ୍ରାୟ ବିଚରଣ କରୁଛନ୍ତି । ଭଗବାନ ସ୍ୱୟଂ କଦମ୍ବ ମୂଳରେ ମୁରଲୀ ବଜାଉଛନ୍ତି, ପୁଣି ଆଖି ବୁଜି ଖୋଲିବାରୁ ଦେଖିଲେ ରାମକୃଷ୍ଣ ଖେଳୁଛନ୍ତି ତ ସାଥୀଙ୍କ ସହ ଅନ୍ନ ଭୁଞ୍ଜୁଛନ୍ତି । ବ୍ରହ୍ମା ସହସା ନିଜ ଯାନରୁ ଓହ୍ଲାଇ ଶ୍ରୀକୃଷ୍ଣଙ୍କୁ ପ୍ରଣିପାତ କରି ସ୍ତୁତି ପାଠକଲେ ।

### ୧୪ଶ ଅଧ୍ୟାୟ, ବ୍ରହ୍ମା ସ୍ତୁତି

ହେ ପ୍ରଭୁ ବ୍ରହ୍ମାଣ୍ଡ ଠାକୁର, ଏହି ସମଗ୍ର ବିଶ୍ୱ ତୁମରି ମାୟା । ତୁମ ସୁନ୍ଦର ରୂପର କଳନା ନାହିଁ । ହେ ନନ୍ଦନନ୍ଦନ ଗୋବିନ୍ଦ, ତୁମକୁ ନମସ୍କାର । ତୁମର ଧରାବତରଣ ମୋ ପରି ଦେବତାଙ୍କ ହିତ ନିମନ୍ତେ ହୋଇଛି । ହେ ଇଚ୍ଛାମୟ, କାହାର ଶକ୍ତିରେ ତୁମର କଳନା କରା ଯାଇନପାରେ । ଏହା ନଜାଣି ଅଜ୍ଞାନ ପ୍ରାଣୀ ବୃଥାରେ ତପସ୍ୟା କରି ଦେହାଶ୍ରମ କରି ଶେଷରେ ନିରାଶ ଓ ପଶୁ ଯୋନି ପାଇଥାନ୍ତି । କେବଳ ତୁମର ସେବା ଓ ଧ୍ୟାନ କରି ପ୍ରାଣୀ ତୁମକୁ ପାଇପାରେ । ତୁମେ ଭାବଗ୍ରାହୀ ଭାବ ଅନୁସାରେ ଫଳ ପ୍ରଦାନ କରିଥାଅ । ଭାବକୁ ନିକଟ ପୁଣି ଅଭାବକୁ ଦୂର । ପଣ୍ଡିତ ଚେଷ୍ଟାକଲେ ହୁଏତ ଧୂଳିକଣା, ବର୍ଷାଧାରା ଗଣି ଦେଇପାରେ ମାତ୍ର ତୁମର ମହିମା କେହି ବଖାଣି ପାରିବ ନାହିଁ । ତୁମେ ଅବର୍ଣ୍ଣନୀୟ ଏବଂ ଅନିର୍ବଚନୀୟ । ଯେ କେବଳ ପୂର୍ବଜନ୍ମାର୍ଜିତ କର୍ମଫଳ ଭୋଗ କରୁକରୁ ତୁମରି କୃପା ଲାଭ କରି ତୁମରି ଆରାଧନାରେ କାୟ ମନୋବାକ୍ୟ ନିୟୋଜିତ କରିପାରେ ସେହି ଏକା ମୁକ୍ତିଲାଭର ଅଧିକାରୀ । ହେ ପ୍ରଭୁ , ମୋର ଏ ପ୍ରକାର ଦୁର୍ବୁଦ୍ଧି କାହିଁକି ହେଲା ? ଯିଏ ମାୟାପତି ତାଙ୍କ ନିକଟରେ ମାୟାର ପରୀକ୍ଷା କଲି । ତୁମ ରଜୋଗୁଣରୁ ମୋର ଉତ୍ପତ୍ତି ଅଥଚ ମୁଁ ମାୟା ମୋହିତ ହୋଇ ତୁମକୁ ହିଁ ପରୀକ୍ଷା କଲି । ହେ କରୁଣା ବାରିଧି,ଏ ଶରଣାଗତର ସମସ୍ତ ଅପରାଧ କ୍ଷମାକର । ଏହି ଅଷ୍ଟ ଆବରଣ ବେଷ୍ଟିତ ବିଶ୍ୱବ୍ରହ୍ମାଣ୍ଡର ତୁମେ ସ୍ରଷ୍ଟା ହୋଇଥିବା ବେଳେ ମୁଁ ବାତାୟନରେ ଉଡୁଥିବା ରେଣୁକଣା ସହ ସମାନ ନୁହେଁ । ଯେଉଁପରି ଗର୍ଭସ୍ଥ ଶିଶୁ ମାତା ଗର୍ଭରେ ପଦାଘାତ କଲେ ବି ମାତା ତାହା ଧରେନାହିଁ ସେହିପରି ମୋ ଅପରାଧ କ୍ଷମାକର । ତୁମରି ଦୟାରୁ ତୁମରି ଉଦର ଭିତରେ ଅଶେଷ ବ୍ରହ୍ମାଣ୍ଡ ଦର୍ଶନ କରିବା ସହ ଜଳଧି ଶୟନରେ ଥିବା ଆପଣଙ୍କୁ ଦେଖିଲି ପୁଣି ତୁମ ନିର୍ଦ୍ଦେଶରେ ସୃଷ୍ଟି ସର୍ଜନା କଲି । ହେ ମାୟାଧର, ତୁମ ମାୟାର ପ୍ରଥମ ସାକ୍ଷୀ ତୁମ ମାତା । ତାଙ୍କୁ ପାଟିରେ ବ୍ରହ୍ମାଣ୍ଡ ଦେଖାଇଲ ପୁଣି ମୁଁ ଏବେ ମାୟା ସ୍ୱଚକ୍ଷୁରେ ଦେଖିଲି । ଯେତେ ବାଳକ ସେତେ ବାଛୁରି ପୁଣି ସମସ୍ତେ ଏକ ତୁମରି ରୂପ । ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ସର୍ବତ୍ର ସବୁ ସମୟରେ ସମଭାବେ ତୁମେ ବିଦ୍ୟମାନ । ତୁମେ ବାହାର ଓ ଭିତର ସବୁଠି ଅଛ । ସୁଦ୍ଧ ଅନ୍ତକରଣରେ ଯିଏ ତୁମକୁ ଯେଉଁଠି ଖୋଜେ ସେହିପରି ପାଏ । ହେ ପ୍ରଭୁ, ତୁମେ ଏ ଯେଉଁ ଗୋପବାଳକ ଓ ବତ୍ସାମାନଙ୍କର ରୂପ ଧାରଣ କଲ, ତାହା କେବଳ ମୋ ପ୍ରତି ଅନୁଗ୍ରହ ; ମୋର ଭ୍ରାନ୍ତି ଦୂର କରିବାକୁ । ତୁମର ସକଳ ସ୍ୱରୂପ ଦୁର୍ଜ୍ଞେୟ । କେବଳ ଭକ୍ତିରେ ତୁମେ ବନ୍ଧାପଡ । ତୁମର ସ୍ୱରୂପକୁ ଜ୍ଞାନୀ ଜାଣିବାକୁ ଚେଷ୍ଟାକରି ବିଫଳ ହେଉଥିବା ବେଳେ ଭକ୍ତ ତୁମେ ତାକୁ ଯେଉଁ ଅବସ୍ଥାରେ ରଖିଲେ ବି ଖୁସି ହୋଇଥାଏ । ପ୍ରାଣୀ ଭେଦଭାବରହିତ ହୋଇ ସମଦର୍ଶୀ ହେଲେ ଯାଇଁ ସନ୍ତୋଷ ମିଳିଥାଏ । ଏହି ଗୋପପୁରର ମନୁଷ୍ୟ କଥା କ'ଣ କହିବି, ଏଠାକାର ଜୀବଜନ୍ତୁମାନେ ମଧ୍ୟ ଅଶେଷ ପୁଣ୍ୟବାନ । ତୁମର ପ୍ରତକ୍ଷ ସଙ୍ଗଲାଭର ସୁଯୋଗ ତାଙ୍କୁ ତୁମେ ପ୍ରଦାନ କରିଛ । ଏଠାକାର କାଷ୍ଠ, ପାଷାଣ, ତୃଣଟିଏ ହେବାକୁ ମୋର ଇଚ୍ଛା ହେଉଛି । ତୁମର ମିତ୍ରମାନଙ୍କର ପାଦଧୂଳି ପ୍ରତ୍ୟହ ମୋ ଶିରରେ ଧାରଣ କରି ଧନ୍ୟ ହୁଅନ୍ତି । ହେ ପ୍ରଭୁ, ତୁମ ସମ୍ପର୍କରେ କ'ଣ ବା କହିବି ? ତୁମକୁ ମାରିବାକୁ ଆସିଥିବା ରାକ୍ଷସମାନଙ୍କୁ ମଧ୍ୟ ତୁମେ ପରମ ପଦ ପ୍ରଦାନ କରିଛ । ବ୍ରହ୍ମା ଏହିପରି ସ୍ତୁତି କରି ସମସ୍ତ ବତ୍ସା ଓ ବାଳକ ଆଣି ଶ୍ରୀକୃଷ୍ଣଙ୍କୁ ଫେରାଇଦେବା ସହ ପ୍ରଣିପାତ କରି ସ୍ୱଲୋକକୁ ଗମନ କଲେ । ଶ୍ରୀକୃଷ୍ଣ ମାୟା ସମ୍ବରଣ କରି ବତ୍ସା ଓ ବାଳକ ସହ ଗୋକୁଳକୁ ଫେରିଗଲେ । ହେ ରାଜା, ଏହି କାରଣରୁ ଏକବର୍ଷ ପରେ ଗୋପବାଳକମାନେ ସର୍ପଗ୍ରାସରୁ ଶ୍ରୀକୃଷ୍ଣଙ୍କ ଯୋଗେ ଉଦ୍ଧାର ପାଇଲେ ବୋଲି ନିଜ ପିତାମାତାଙ୍କ ନିକଟରେ ପ୍ରକାଶ କରିଥିଲେ ।

### ୧୫ଶ ଅଧ୍ୟାୟ, ଧେନୁକାସୁର ଉଦ୍ଧାର ଓ ଗୋପବାଳକମାନଙ୍କୁ କାଳୀୟ ବିଷରୁ ବଞ୍ଚାଇବା

ଶ୍ରୀକୃଷ୍ଣ ବଳରାମ ଟିକିଏ ବଡ ହୋଇଯିବାପରେ ସାଥୀମାନଙ୍କ ସହ ବତ୍ସା ସହିତ ଧେନୁମାନଙ୍କୁ ନେଇ ବନକୁ ଚରାଇ ନେଲେ ଏବଂ ନାନା ପ୍ରକାର କ୍ରୀଡା କଲେ । ବନଦେବୀର ସୌନ୍ଦର୍ଯ୍ୟରେ ସମସ୍ତେ ଏଭଳି କ୍ରୀଡାରେ ବ୍ୟସ୍ତ ହୋଇଗଲେ ଯେ କ୍ଷୁଧା ତୃଷା କଥା ଭୁଲିଗଲେ । ବନ ଭ୍ରମଣ ସମୟରେ ଫଳ, ପୁଷ୍ପ, ତରୁ ତୃଣାଦି ବଳରାମଙ୍କ ଚରଣ ସ୍ପର୍ଶ କରୁଥିବାର ଦେଖି ଶ୍ରୀକୃଷ୍ଣ କହିଲେ ହେ ଅଗ୍ରଜ, ଏ ସବୁ ବୋଧେ ସ୍ଥାବର ଜନ୍ମରୁ ମୁକ୍ତି ନିମନ୍ତେ ତୁମର ଚରଣରେ ପ୍ରଣାମ କରୁଛନ୍ତି । ନଦୀ, ନିର୍ଝର, ପଶୁପକ୍ଷୀମାନେ ଯେମିତି ତୁମ ଛଦ୍ମରୂପ ଜାଣି ସାଧୁଙ୍କ ଭଳି ମୁହଁକୁ ଚାହିଁ ଭଜନ ଗାନ କରିବା ସହ ଏହି ତୀର୍ଯ୍ୟକ ଜନ୍ମରୁ ମୁକ୍ତି ନିମନ୍ତେ ପ୍ରାର୍ଥନା କରୁଛନ୍ତି । ମଧ୍ୟାହ୍ନ ହେବାରୁ ବଳରାମଙ୍କ କ୍ଳାନ୍ତି ଦେଖି କୃଷ୍ଣ ସ୍ୱହସ୍ତରେ ତାଙ୍କ ନିମନ୍ତେ କୋମଳ ପଲ୍ଲବରେ ଶଯ୍ୟା ରଚନା କରି ତହିଁ ଉପରେ ଶୁଆଇ ଧୀରେ ଧୀରେ ତାଙ୍କର ଚରଣ ମଞ୍ଜାଳିଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

**ସମ୍ପର୍କର ରିଙ୍ଗ**

# କେମିତି ଜୀବନ ଆମର !!



ଶ୍ୱେତା ରାଉତ୍

ଭଗବାନ କୁକୁରଙ୍କୁ କହିଲେ ମୁଁ ତୁମକୁ କୋଡ଼ିଏ ବର୍ଷର ଆୟୁଷ ଦେଉଛି, ତୁମେ କେବଳ ଦିନ ରାତି ଭୁକିବ। କୁକୁର କହିଲେ କୋଡ଼ିଏ ବର୍ଷ ବେଶି ହୋଇଯାଉଛି ପ୍ରଭୁ, ଆମକୁ ଦଶ ବର୍ଷର ଆୟୁଷ ଦିଅ। ଭଗବାନ ରାଜି ହୋଇଗଲେ। ଭଗବାନ ମାଙ୍କଡମାନଙ୍କୁ କହିଲେ 'ମୁଁ ତୁମକୁ କୋଡ଼ିଏ ବର୍ଷ ଆୟୁଷ ଦେଉଛି, ତୁମେମାନେ ନାଚ କୁଦ କରି ଲୋକମାନଙ୍କୁ ହସାଇବ'। ମାଙ୍କଡମାନେ ନାହିଁ କଲେ 'ପ୍ରଭୁ ବେଶି ହୋଇଯାଉଛି, ଆମକୁ ବି କୁକୁର ଭଳି ଦଶ ବର୍ଷ ଆୟୁଷ ଦିଅ'। ଭଗବାନ ମାନିଗଲେ ଏବଂ ଗାଈବଳଦଙ୍କୁ କହିଲେ 'ମୁଁ ତୁମକୁ ଷାଠିଏ ବର୍ଷର ଆୟୁଷ ଦେଉଛି,ତୁମେ ଚାଷବାସରେ ଚାଷୀକୁ ସାହାଯ୍ୟ କରିବ'।

ଗାଈ, ବଳଦ ନାହିଁ କରି କହିଲେ 'ପ୍ରଭୁ ଷାଠିଏ ବର୍ଷ ବେଶି ହୋଇଯାଉଛି, କୃପା କରି କୋଡ଼ିଏ ବର୍ଷ ଆୟୁଷ ଦିଅ'। ଭଗବାନ ମାନିଗଲେ ଓ ତାପରେ ମନୁଷ୍ୟଙ୍କୁ କହିଲେ 'ମୁଁ ତୁମକୁ କୋଡ଼ିଏ ବର୍ଷ ଆୟୁଷ ଦେଉଛି, ତୁମେ ହସି ଖେଳି,ଖୁବ୍ ମସ୍ତି କରି ଜୀବନ ବ୍ୟତୀତ କରିବ'। ମନୁଷ୍ୟ କହିଲା 'ପ୍ରଭୁ ମାତ୍ର କୋଡ଼ିଏ ବର୍ଷ ଦେଉଛ, ଏମିତି କର ପ୍ରଭୁ, ମୋର କୋଡ଼ିଏ ବର୍ଷ ସହିତ କୁକୁରର ବଳକା ଦଶ ବର୍ଷ, ମାଙ୍କଡ଼ର ବଳକା ଦଶ ବର୍ଷ ଓ ଗାଈର ବଳକା ଚାଳିଶ ବର୍ଷ ବି ମିଶାଇ ଦେଇଦିଅ'। ଭଗବାନ ମନୁଷ୍ୟ କଥାରେ ରାଜି ହୋଇ କହିଲେ ଠିକ୍ ଅଛି ଯାହା ତୁମର ଇଚ୍ଛା।

ସେଥିପାଇଁ ଭଗବାନ ତାଙ୍କ ଇଚ୍ଛାରେ ମନୁଷ୍ୟକୁ ଦେଇଥିବା କୋଡ଼ିଏ ବର୍ଷ ଖୁବ୍ ହସ, ମଜା, ଖୁସି, ଆନନ୍ଦରେ କଟେ। ତା'ପରେ ଚାଳିଶ ବର୍ଷ (ଗାଈ,ବଳଦଠୁ ନେଇଥିବା) ଖୁବ୍ ଚିନ୍ତା ଓ ପରିଶ୍ରମରେ କଟେ, ତା'ପରେ ଦଶ ବର୍ଷ (ମାଙ୍କଡ଼ଠୁ ଆଣିଥିବା) ନାତି, ନତୁଣୀଙ୍କ ପାଇଁ ମାଙ୍କଡ ଭଳି ଡେଇଁ ଡେଇଁ, ନାଟ, ତାମସାରେ କଟେ। ତା'ପରେ ଦଶ ବର୍ଷ (କୁକୁରଠୁ ଆଣିଥିବା) କୁକୁର ଭଳି ଦୁଆର ମୁହଁରେ ବସିବାକୁ ପଡେ, ଯେତେ ଭୁକି ହେଲେ ବି କେହି ଶୁଣନ୍ତି ନାହିଁ।

ସତରେ ଚିନ୍ତାକଲେ ବଡ ଆଶ୍ଚର୍ଯ୍ୟ ଲାଗେ, ଆମେ ମନୁଷ୍ୟ ବାସ୍ତବିକ କେତେ ଲୋଭି !! ପ୍ରଥମ କୋଡ଼ିଏ ବର୍ଷ ହସ, ମଜା, ଖୁସି, ଆନନ୍ଦ ବାପା, ମାଆଙ୍କ ସ୍ନେହ ଓ ଅର୍ଥରେ ଆମକୁ ସହଜେ ପ୍ରାପ୍ତ ହୋଇଯାଏ।କିନ୍ତୁ ବାକି ଜୀବନ ଆମ ଲୋଭ, ମୋହ ପାଇଁ ଗାଈ, ମାଙ୍କଡ, କୁକୁର ଭଳି ଅତିବାହିତ ହୋଇଥାଏ। ଯଦିଓ ଏହା କର୍ମ ନେଇ ସମସ୍ତଙ୍କ କ୍ଷେତ୍ରରେ ଘଟିନଥାଏ, ତଥାପି ଅଧିକାଂଶ ଜୀବନ ଏମିତି ହିଁ ଦେଖିବାକୁ ମିଳେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ରୋଷେଇ ଗୃହର ପବିତ୍ରତା



ବାସ୍ତୁଶାସ୍ତ୍ର ମତରେ ରୋଷେଇ ଘର ସଦାସର୍ବଦା ଦକ୍ଷିଣପୂର୍ବ କୋଣ ବା ଅଗ୍ନି କୋଣରେ ୧୨୦ଡିଗ୍ରୀରୁ ୧୬୦ଡିଗ୍ରୀ ମଧ୍ୟରେ ରହିବା ଦରକାର । ଏହି ସ୍ଥାନଟି ଶୁକ୍ର ମହାଗ୍ରହଙ୍କ ସ୍ଥାନ ବୋଲି ବିବେଚନା କରାଯାଏ। ଏହି ସ୍ଥାନଟି ଆମର ଆର୍ଥିକ ସ୍ଥିତି, ସାମାଜିକ ପ୍ରତିଷ୍ଠା, ସମ୍ପର୍କ, ବ୍ୟବସାୟରେ ଲାଭର ସ୍ଥାନ ହୋଇଥାଏ, ଏହା ଜିଓ ବାସ୍ତୁ କହେ। ଯଦି ଏହି ଜାଗାରେ ରୋଷେଇ ଘର ହୋଇଥାଏ, ତେବେ ରୋଷେଇ କରିବା ସମୟରେ ଆମକୁ କେତୋଟି ନିୟମ ପାଳନ କରିବାକୁ ପଡ଼ିବ। ପ୍ରଥମେ ଚୁଲି ଲଗାଇବା ପୂର୍ବରୁ ବା ରୋଷେଇ ଗୃହକୁ ପ୍ରବେଶ ପୂର୍ବରୁ ମହିଳାମାନେ ବା ଯିଏ ରୋଷେଇ କରୁଛନ୍ତି, ଯଦି ସ୍ନାନ, ଶୌଚ ନକରି ରୋଷେଇ ଗୃହକୁ ପ୍ରବେଶ କରନ୍ତି ତେବେ ରୋଷେଇ ଘରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ି ଗୃହରେ ପୁରୁଷ ଓ ମହିଳାଙ୍କ ବୃତି କ୍ଷେତ୍ରରେ କର୍ତାର ବୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଗୃହରେ ଆର୍ଥିକ ସମସ୍ୟା ସୃଷ୍ଟି ହେବା ସହିତ ଅଯଥା ମାନସିକ ଚିନ୍ତା ବଢ଼ିଥାଏ। ଏଣୁ ରୋଷେଇ ଘରକୁ ସଫା ସୁତୁରା ରଖିବା ସହିତ ସ୍ନାନ ସାରି ଅଗ୍ନି ଦେବତାଙ୍କୁ ପ୍ରଣାମ କରି ରୋଷେଇ କଲେ ଶୁଭ ହୋଇଥାଏ। ରୋଷେଇ ସରିବା ପରେ ପ୍ରଥମେ ଖାଦ୍ୟରୁ ସାମାନ୍ୟ କିଛି ଅଲଗା ରଖି ଅଗ୍ନି ଦେବତାଙ୍କର ଉଦ୍ଦେଶ୍ୟରେ ପଶୁପକ୍ଷୀମାନଙ୍କୁ ଅର୍ପଣ କଲେ ସ୍ୱାସ୍ଥ୍ୟ କେବେହେଲେ ଖରାପ ହୁଏନାହିଁ। ରୋଷେଇ ଗୃହରୁ ପ୍ରଥମେ ଖାଦ୍ୟ ଆଣି ଐଶାନ୍ୟ କୋଣରେ ଥିବା ଦେବତାଙ୍କୁ ଅର୍ପଣ କରିବା ଉଚିତ୍। ଯଦି ଏହା କରାଯାଏ କେବେହେଲେ ଗୃହରେ ଅନ୍ନ ଅଭାବ ଦେଖାଦିଏନାହିଁ।

ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ରୋଷେଇ ଘରେ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଧୂପ ଦେବା ଏବଂ ଶ୍ରୀକର୍ପୂରରେ ଆଳତି କରିବା ଦରକାର। କୌଣସି ପର୍ବପର୍ବାଣିରେ ରୋଷେଇ କରାଯିବା ପରେ ସେଥିରୁ ସାମାନ୍ୟ ଖାଦ୍ୟ ଗୃହ ବାହାରେ ଦେଇ ଆସିବା ପରେ ଭୋଜନ କଲେ କେବେହେଲେ ପେଟ ସମସ୍ୟା ରହିବ ନାହିଁ। ଗୃହର ରୋଷେଇ ଘରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ। ଯଦି ଏହା କରନ୍ତି ଘରର ଉତ୍ତର ପୁରୁଷ ଗୃହ ତ୍ୟାଗ କରିବା ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ଘରେ ଯଦି କୌଣସି ଦେବମୂର୍ତ୍ତି, ଶାଳଗ୍ରାମ ଆଦି ରଖିଛନ୍ତି, ତେବେ ଗୃହରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ। ରୋଷେଇ ଘରେ କୌଣସି ବର୍ଜ୍ୟବସ୍ତୁ ଯଥା-ଭଙ୍ଗା ପ୍ଲାଷ୍ଟିକ ଡବା, ବୋତଲ, ଭଙ୍ଗା ବାସନକୁସନ, ଅସଜଡ଼ା ଗ୍ରାଇଣ୍ଡର ଆଦି କେବେହେଲେ ରଖିବେ ନାହିଁ। ଗୃହରୁ ଅଳିଆ ଆବର୍ଜନା ପ୍ରତି ଶନିବାର ବାହାର କରିଦେବା ଉଚିତ। ରୋଷେଇ କଲାବେଳେ ସଦାସର୍ବଦା ପୂର୍ବ ମୁଖ ହୋଇେ ରୋଷେଇ କରିବେ। ରୋଷେଇ ଗୃହର ଦ୍ୱାର ପୂର୍ବ, ପଶ୍ଚିମ ବା ଉତ୍ତରରେ ରଖନ୍ତୁ। ରୋଷେଇ ଘର ଝରକା ପୂର୍ବ କିମ୍ବା ଦକ୍ଷିଣକୁ ରଖନ୍ତୁ। ରୋଷେଇ ପାଇଁ ପ୍ଲାଟଫର୍ମ ଘରର ଆଗ୍ନେୟ କୋଣରେ ନିର୍ମାଣ କରନ୍ତୁ ଝରକା ସମ୍ମୁଖରେ ଗ୍ୟାସ ସିଲିଣ୍ଡର କିମ୍ବା ଚୁଲା ରଖନ୍ତୁ ନାହିଁ। ଦ୍ୱାର ମୁହଁରେ ଛିଡ଼ା ହେଲେ ଚୁଲା ବା ସିଲିଣ୍ଡର ଦେଖା ନଯିବା ଉଚିତ। ରୋଷେଇ ଘର ଯଦି ବାୟୁକୋଣରେ ଅର୍ଥାତ୍ ଉତ୍ତର-ପଶ୍ଚିମ କୋଣରେ ହୁଏ ତେବେ ଗୃହରେ ଅଯଥା ଖର୍ଚ୍ଚମାନ ବଢ଼ିଥାଏ। ଉତ୍ତର-ପଶ୍ଚିମ ବା ବାୟୁକୋଣରେ ରୋଷେଇ ଘର ରହିଲେ ଗୃହରେ ସଦାସର୍ବଦା ଅତିଥି ରହିଥାନ୍ତି। ନୈରୁତ କୋଣରେ ଅର୍ଥାତ୍ ଦକ୍ଷିଣ-ପଶ୍ଚିମ କୋଣରେ ରୋଷେଇ ଘର ରହିଲେ ଗୃହ କର୍ତ୍ତା ଦରିଦ୍ର ହୋଇଥାନ୍ତି। ଶୌଚାଳୟ ପାର୍ଶ୍ୱରେ କିମ୍ବା ସମ୍ମୁଖରେ ରୋଷେଇ ଗୃହ ରହିଲେ ସନ୍ତାନମାନଙ୍କୁ ଅସୁଖୀ କରିଥାଏ। ରୋଷେଇ ଗୃହର ରଙ୍ଗ ଗୋଲାପି, କମଳା, ହଳଦିଆ ହେଲେ ଶୁଭ। ଜାତଚକ୍ରରେ ଶୁକ୍ର ଓ ମଙ୍ଗଳ ଗ୍ରହ ଅଶୁଭ ଥିଲେ ମଧ୍ୟ ଆଗ୍ନେୟ କୋଣ ଯଦି ସଠିକ୍ ଥାଏ, ତେବେ ଆମେ ଗ୍ରହ କଷ୍ଟରୁ ମୁକ୍ତି ପାଇପାରିବା।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଜିଏସଟିର ଆଠ ବର୍ଷ: ଏକ ସମୀକ୍ଷା

ଭାରତୀୟ ଅର୍ଥନୀତିରେ 'ଗୋଟିଏ ଦେଶ, ଗୋଟିଏ ଟିକସ'ର ଧାରାକୁ ସାକାର କରିବା ପାଇଁ ଆଠ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ପଣ୍ୟ ଓ ସେବା କର (ଜିଏସଟି) ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ପହଞ୍ଚିଛି। ୨୦୧୭ ମସିହା ଜୁଲାଇ ୧ ତାରିଖରେ ଏହାର ଶୁଭାରମ୍ଭ ହୋଇଥିଲା, ଯାହା ଭାରତର ପରୋକ୍ଷ ଟିକସ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଥିଲା। ଏହି ଆଠ ବର୍ଷର ଯାତ୍ରା ଅନେକ ସଫଳତା, ଆହ୍ୱାନ ଏବଂ ଅନୁଭୂତିରେ ପରିପୂର୍ଣ୍ଣ। ଏହି ସମ୍ପାଦକୀୟରେ, ଆମେ ଜିଏସଟିର ବିଭିନ୍ନ ଦିଗକୁ ନିରପେକ୍ଷ ଭାବରେ ବିଶ୍ଳେଷଣ କରିବା।

ଜିଏସଟିର ମୂଳ ଉଦ୍ଦେଶ୍ୟ ଥିଲା ଏକାଧିକ କେନ୍ଦ୍ରୀୟ ଓ ରାଜ୍ୟ ଟିକସକୁ ଏକତ୍ର କରି ଏକ ସରଳ, ପାରଦର୍ଶୀ ଏବଂ ସୁସଂଗତ ଟିକସ ବ୍ୟବସ୍ଥା ପ୍ରତିଷ୍ଠା କରିବା । G ú ûeú Uìi C_ùe Uìi ' (cascading effect) ଭଳି ସମସ୍ୟା ଦୂର ହେବ ଏବଂ ବ୍ୟବସାୟିକ କାରବାର ସହଜ ହେବ ବୋଲି କୁହାଯାଇଥିଲା । ତଥ୍ୟ ଅନୁଯାୟୀ, ଜିଏସଟି ଲାଗୁ ହେବା ପରେ ଦେଶର ଟିକସ ସଂଗ୍ରହରେ ବୃଦ୍ଧି ଘଟିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ଜିଏସଟି ସଂଗ୍ରହ ୨୨.୦୮ ଲକ୍ଷ କୋଟି ଟଙ୍କାର ରେକର୍ଡ ସ୍ତରରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୯.୪ ପ୍ରତିଶତ ଅଧିକ । ଏହା ଅର୍ଥନୀତିର ଔପଚାରିକୀକରଣ ଏବଂ ଟିକସ ଅନୁପାଳନ ବୃଦ୍ଧିର ସଙ୍କେତ ଦେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ 'ନୂଆ ଭାରତ ପାଇଁ ଏକ ପଥପ୍ରଦର୍ଶକ ଆଇନ' ବୋଲି ଅଭିହିତ କରିଥିଲେ।

ବ୍ୟବସାୟୀମାନଙ୍କ ଦୃଷ୍ଟିକୋଣରୁ ଦେଖିଲେ, ଜିଏସଟି ମିଶ୍ରିତ ଫଳ ପ୍ରଦାନ କରିଛି। ବଡ଼ ଉଦ୍ୟୋଗଗୁଡ଼ିକ ପାଇଁ ଏହା ବରଦାନ ସଦୃଶ ହୋଇଛି। ଅନେକ ପ୍ରକାରର ଟିକସ ପରିବର୍ତ୍ତେ କେବଳ ଗୋଟିଏ ଟିକସ ଦେବାକୁ ପଡୁଥିବାରୁ ଏବଂ ଅନଲାଇନ୍ ରିଟର୍ଣ୍ଣ ଫାଇଲିଂ ବ୍ୟବସ୍ଥା ଥିବାରୁ ସେମାନଙ୍କ ପାଇଁ ଅନୁପାଳନ ସହଜ ହୋଇଛି । ଇନପୁଟ୍ ଟିକସ କ୍ରେଡିଟ୍ (ITC) ବ୍ୟବସ୍ଥା ଯୋଗୁଁ ଉତ୍ପାଦନ ଖର୍ଚ୍ଚ କମିଛି ଏବଂ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବାରେ ସହାୟକ ହୋଇଛି । ରାଜ୍ୟ-ରାଜ୍ୟ ମଧ୍ୟରେ ଚେକ୍‌ପୋଷ୍ଟ ହଟିଯିବାରୁ ପରିବହନ ସମୟ ଏବଂ ଖର୍ଚ୍ଚ କମିଛି, ଯାହା ଲଜିଷ୍ଟିକ୍ସ କ୍ଷେତ୍ରର ଦକ୍ଷତା ବୃଦ୍ଧି କରିଛି ।

କିନ୍ତୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (SMEs) ପାଇଁ ଜିଏସଟିର ଯାତ୍ରା ସେତେ ସହଜ ନଥିଲା । ଜିଏସଟିର ଜଟିଳ ଟିକସ ସ୍ଲାବ୍ (୫%, ୧୨%, ୧୮% ଏବଂ ୨୮%) ଏବଂ ବାରମ୍ବାର ନିୟମରେ ପରିବର୍ତ୍ତନ ସେମାନଙ୍କ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ଟେକ୍ନିକାଲ୍ ତ୍ରୁଟି, ଜିଏସଟି ପୋର୍ଟାଲର ଧୀର ଗତି ଏବଂ ରିଫଣ୍ଡ ମିଳିବାରେ ବିଳମ୍ବ ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜି ଉପରେ ନକାରାତ୍ମକ ପ୍ରଭାବ ପକାଇଛି । ଜିଏସଟି ଅନୁପାଳନ ପାଇଁ କମ୍ପ୍ୟୁଟର ଏବଂ ସଫ୍ଟୱେୟାର କିଣିବା ତଥା କର୍ମଚାରୀଙ୍କୁ ତାଲିମ ଦେବା ଭଳି କାର୍ଯ୍ୟ ସେମାନଙ୍କ ପରିଚାଳନା ଖର୍ଚ୍ଚ ବଢ଼ାଇ ଦେଇଛି । ଏହା ସତ୍ତ୍ୱେ, କମ୍ପୋଜିସନ୍ ସ୍କିମ୍ ଭଳି ବ୍ୟବସ୍ଥା ଛୋଟ ବ୍ୟବସାୟୀଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ଦେଇଛି ।

ଉପଭୋକ୍ତାଙ୍କ ଦୃଷ୍ଟିକୋଣରୁ ଜିଏସଟି ଏକ ମିଶ୍ରିତ ଅନୁଭବ ଆଣିଛି । ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଟିକସ ହାର କମିଥିବା ବେଳେ କେତେକ ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ସେବା ମହଙ୍ଗା ହୋଇଛି। ଟିକସ ବ୍ୟବସ୍ଥାରେ ପାରଦର୍ଶିତା ଆସିଥିବାରୁ ଗ୍ରାହକମାନେ ଏବେ ଜାଣିପାରୁଛନ୍ତି ଯେ ସେମାନେ କେଉଁ ସାମଗ୍ରୀ ପାଇଁ କେତେ ଟିକସ ଦେଉଛନ୍ତି । କେନ୍ଦ୍ର ସରକାର ନିକଟରେ କିଛି ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୧୨% ସ୍ଲାବକୁ ୫%କୁ ହ୍ରାସ କରିବା ପାଇଁ ବିଚାର କରୁଛନ୍ତି, ଯାହା ମଧ୍ୟବିତ୍ତ ଶ୍ରେଣୀକୁ ଆଶ୍ୱସ୍ତି ଦେଇପାରେ ।

ଅର୍ଥନୈତିକ ବିଶେଷଜ୍ଞମାନଙ୍କ ମତରେ, ଜିଏସଟି ଏକ ସାହସିକ ପଦକ୍ଷେପ ହୋଇଥିଲେ ମଧ୍ୟ ଏଥିରେ ଅନେକ ସୁଧାରର ଆବଶ୍ୟକତା ରହିଛି । ପେଟ୍ରୋଲ, ଡିଜେଲ ଏବଂ ବିଦ୍ୟୁତକୁ ଜିଏସଟି ପରିସରଭୁକ୍ତ କରିବା ପାଇଁ ଦାବି ହେଉଛି, ଯାହାଦ୍ୱାରା ଟିକସ ବ୍ୟବସ୍ଥା ଆହୁରି ସରଳ ହୋଇପାରିବ । ବର୍ତ୍ତମାନର ବହୁ-ସ୍ତରୀୟ ଟିକସ ସ୍ଲାବକୁ କମାଇ ଏକ ତିନି-ସ୍ତରୀୟ ବ୍ୟବସ୍ଥା କରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଉଛି।

ସାମଗ୍ରିକ ଭାବେ ଦେଖିଲେ, ଜିଏସଟିର ଆଠ ବର୍ଷର ଯାତ୍ରା ଏକ ନୂତନ ଅର୍ଥନୈତିକ ଦିଗ ସୃଷ୍ଟି କରିଛି। ଏହା ଭାରତୀୟ ବଜାରକୁ ଏକୀକୃତ କରିବା, ଟିକସ ଫାଙ୍କି ରୋକିବା ଏବଂ ଔପଚାରିକ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ସଫଳ ହୋଇଛି। ତେବେ, ଏହାର କାର୍ଯ୍ୟାରିତାରେ ଥିବା ଜଟିଳତା ଏବଂ ଆହ୍ୱାନଗୁଡ଼ିକୁ ଦୂର କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିବାକୁ ପଡ଼ିବ । ଆଗାମୀ ଦିନରେ ଜିଏସଟି କାଉନସିଲ୍ ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ କି ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା। ଜିଏସଟିକୁ ପ୍ରକୃତରେ 'ସରଳ ଏବଂ ସହଜ' କରିପାରିଲେ ହିଁ 'ଏକ ଦେଶ, ଏକ ଟିକସ'ର ସ୍ୱପ୍ନ ପୂର୍ଣ୍ଣାଙ୍ଗ ହୋଇପାରିବ।

# ଆଇପିଏଲ ଦୁଃଖ !



**ମହେଶ୍ୱର ପାତ୍ର**

ଆମ ଦେଶରେ କ୍ରିକେଟ ଖେଳର ଲୋକପ୍ରିୟତା ଆକାଶଛୁଆଁ। ଏଠି କ୍ରିକେଟକୁ ଧର୍ମ ଏବଂ କ୍ରିକେଟରଙ୍କୁ ଭଗବାନ ରୂପେ ପୂଜା କରାଯାଏ। ଭାରତରେ ଏମିତି କ୍ୱଚିତ ଗାଁ ଥିବ ଯେଉଁଠାରେ କ୍ରିକେଟ ଖେଳର ଉପସ୍ଥିତି ନଥିବ। ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏହା ପଛରେ ପାଗଳ। ଦିନ ଥିଲା କୁହାଯାଉଥିଲା; ତେନ୍ଦୁଲକର ବ୍ୟାଟିଂ କରିବା ସମୟରେ ସାରା ଭାରତ କିଛି କ୍ଷଣ ପାଇଁ ଅଟକି ଯାଏ ! ଏହି ବ୍ୟାଟିଂ କିମ୍ବଦନ୍ତୀ ୨୦୧୩ରୁ ଅବସର ନେଲେଣି ତଥାପି ଭାରତରେ କ୍ରିକେଟର ଲୋକପ୍ରିୟତାରେ ଟିକେ ବି ଆଞ୍ଚ ଆସିନି। ଏବେ ଏବେ ସରିଥିବା ଆଇପିଏଲ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ପ୍ରତ୍ୟେକ ଆଇପିଏଲ ସଂସ୍କରଣ ସହ ଏକ ଅବ୍ୟକ୍ତ ବେଦନା ପ୍ରତିଟି ଓଡିଆ କ୍ରିକେଟପ୍ରେମୀଙ୍କୁ ଗ୍ରାସ କରେ। ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଖେଳାଳିଙ୍କୁ ନେଇ ଦୀର୍ଘ ଦେଢ଼ ମାସ ଧରି ହେଉଥିବା ଏହି ପ୍ରତିଯୋଗିତାରେ ଜଣେ ବି ଓଡିଆ ଖେଳାଳି ନଖେଳିବା ପ୍ରତିଟି ସଚେତନ ଓଡିଆ କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଥାଏ। ଏକ ମାତ୍ର ଓଡିଆ କ୍ରିକେଟର ରୂପେ ପ୍ରଜ୍ଞାନ ଓଝା ଆଇପିଏଲର ଏକାଧିକ ସଂସ୍କରଣରେ ନଜର ଆସିଥିଲେ ସୁଦ୍ଧା, ସେ ବାସ୍ତବରେ ତାଙ୍କ ଖେଳ ଜୀବନ ହାଇଦ୍ରାବାଦ ପକ୍ଷରୁ ଆରମ୍ଭ କରିଥିଲେ। ଓଡ଼ିଶା କ୍ରିକେଟ ସହ ତାଙ୍କର କୌଣସି ସମ୍ପର୍କ ନାହିଁ କହିଲେ ଚଳେ। ସେହି ପରି ବର୍ତ୍ତମାନ ଓଡ଼ିଶା ରଣଜୀ ଦଳରୁ ଖେଳୁଥିବା ଓଡିଆ ପୁଅ ଅଭିଷେକ ରାଉତ୍ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୧୫ଟି ଆଇପିଏଲ୍ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ ସୁଦ୍ଧା ସେତେବେଳେ ସେ ଓଡ଼ିଶା କ୍ରିକେଟ ସହ ଜଡ଼ିତ ନଥିଲେ। ମହାରାଷ୍ଟ୍ର କ୍ରିକେଟ ଦଳରୁ ସେ ନିଜ ଖେଳ ଜୀବନ ଆରମ୍ଭ କରିଥିଲେ। ଓଡ଼ିଶାରୁ ଖେଳ ଜୀବନ ଆରମ୍ଭ କରିଥିବା ପ୍ରଥମ ଓଡିଆ ଭାବେ ଆଇପିଏଲର ଉଦଘାଟନୀ ବର୍ଷରେ ହଳଧର ଦାସ ଡେକାନ ଚାର୍ଜର ହାଇଦ୍ରାବାଦ ପକ୍ଷରୁ ହାତଗଣତି ମ୍ୟାଚରେ ନଜର ଆସିଥିଲେ କିନ୍ତୁ ତାଙ୍କ ଆଇପିଏଲ କ୍ୟାରିଅର ସେଭଳି ଆଖି ଦୃଶିଆ ନୁହେଁ। ଏହାର କିଛି ବର୍ଷ ପରେ ନଟରାଜ ବେହେରା କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳିବାର ସୁଯୋଗ ସୃଷ୍ଟି ହେଇଥିଲେ ସୁଦ୍ଧା ତାହା ଆଶାରେ ରହିଯାଇଥିଲା। ଓଡ଼ିଶା ରଣଜୀ ଦଳର ପୂର୍ବ ଅଧିନାୟକ ତଥା ବର୍ତ୍ତମାନର ତାରକା ଖେଳାଳି ଶୁଭ୍ରାଂଶୁ ସେନାପତି ୨୦୨୨-୨୩,୨୩-୨୪ ସିଜିନ ପାଇଁ ନିଜ ବେସ ପ୍ରାଇସ କୋଡ଼ିଏ ଲକ୍ଷ ଟଙ୍କାରେ ଚେନ୍ନାଇ ସୁପର କିଙ୍ଗସକୁ ଯାଇଥିଲେ ମଧ୍ୟ ପଦାର୍ପଣ କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ। ଉପରୋକ୍ତ ଖେଳାଳି ମାନଙ୍କ ମଧ୍ୟରୁ (ପ୍ରଜ୍ଞାନ ଓଝା ଓ ଅଭିଷେକ ରାଉତଙ୍କ ବ୍ୟତୀତ) କିଛି ପଦାର୍ପଣ କରିବାର ସୁଯୋଗରୁ ବଞ୍ଚିତ ରହିଥିବା ବେଳେ ଅନ୍ୟମାନେ ମିଳିଥିବା ସୀମିତ ସୁଯୋଗରୁ ଫାଇଦା ଉଠାଇବାରେ ଅସଫଳ ରହିଛନ୍ତି। ଦୁଃଖ ଓ ଲଜ୍ଜ୍ୟାକର ବିଷୟ ଏହା ଯେ, ରଣଜୀ ଟ୍ରଫି ପ୍ଲେଟ୍ ଗ୍ରୁପ୍ ଖେଳୁଥିବା କେତେକ ରାଜ୍ୟର ଖେଳାଳି ଆଇପିଏଲରେ ନିୟମିତ ସ୍ଥାନ ପାଉଥିବା ବେଳେ ଆମ ରାଜ୍ୟ ଏଲିଟ ଗ୍ରୁପ୍ ରେ ଥାଇ ମଧ୍ୟ ଦୀର୍ଘ ଅଠର ବର୍ଷରେ ଜଣେ ବି ଖେଳାଳି କୌଣସି ଆଇପିଏଲ ଦଳର ନିୟମିତ ସଦସ୍ୟ ହୋଇ ପାରି ନାହାଁନ୍ତି। ବିଗତ ଦିନରେ ଦେବାଶିଷ ମହାନ୍ତି ଓ ଶିବସୁନ୍ଦର ଦାସ ଦୀର୍ଘ ଦିନ ଧରି ଜାତୀୟ ଦଳରେ ଖେଳି ଓଡିଶାର ନାଁ ଉଜ୍ଜ୍ୱଳ କରିଥିଲେ। ଦେବାଶିଷ ମହାନ୍ତିଙ୍କ ବୋଲିଂ ଶୈଳୀକୁ ଆଇସିସି ୧୯୯୯ ମସିହା କ୍ରିକେଟ୍ ବିଶ୍ୱ କପର ଲୋଗୋ ମଧ୍ୟ କରିଥିଲା।ତାଙ୍କ ସ୍ୱିଙ୍ଗ ବୋଲିଙ୍ଗରେ ସଇଦ ଅନୱାର ଓ ଜୟସୁରିୟାଙ୍କ ପରି ଦିଗଜ ଖେଳାଳିମାନେ ମଧ୍ୟ ଧରାଶାୟୀ ହେଉଥିଲେ କିନ୍ତୁ ଏମାନଙ୍କ ପରେ ଓଡ଼ିଶାରୁ ଆନ୍ତର୍ଜାତୀୟ କ୍ରିକେଟ ଖେଳାଳି ସୃଷ୍ଟି ହେବା ଧାରାରେ ବ୍ରେକ୍ ଲାଗିଥିଲା। ପରିବର୍ତ୍ତିତ ପରିସ୍ଥିତି ସହ ତାଳ ଦେଇ ଓଡିଶାର ଅଗଣିତ କ୍ରିକେଟ ପ୍ରେମୀ ଏହି ଦୁଃଖକୁ ହୃଦୟରେ ଚାପି ରଖିବାକୁ ବାଧ୍ୟ ହୋଇଥିଲେ କିନ୍ତୁ ଆଇପିଏଲରେ ଜଣେ ବି ଓଡିଆ ଖେଳାଳି ନିୟମିତ ସ୍ଥାନ ନପାଇବାର ଦୁଃଖ ଏଯାବତ୍ ବଳବତ୍ତର ରହିଛି। ଯାହା ପ୍ରତିଟି ଆଇପିଏଲ ସିଜିନର ଆରମ୍ଭ ସହ ପୁଣିଥରେ ତାଜା ହୋଇ ଉଠୁଛି।

ଓଡିଶା କ୍ରିକେଟର ଏପରି ଦୟନୀୟ ଅବସ୍ଥା ପାଇଁ ସାଧାରଣରେ ଅନେକ ଚର୍ଚ୍ଚା ହୁଏ। ଆଲୋଚନା ପର୍ଯ୍ୟାଲୋଚନା ମଧ୍ୟ ହୁଏ କିନ୍ତୁ ଶେଷରେ ଫଳ ଶୂନ। ଅବଶ୍ୟ ଏଥି ପାଇଁ କାହାକୁ ନିର୍ଦ୍ଦିଷ୍ଟ ରୂପେ ଦାୟୀ କରାଯାଇ ପାରିବ ନାହିଁ। କିଛି ଲୋକ ଓଡ଼ିଶାରେ କ୍ରିକେଟ ଭିତ୍ତିଭୂମିର ଅଭାବକୁ ଏକ କାରଣ ବୋଲି କହିଥାନ୍ତି କିନ୍ତୁ ବାସ୍ତବ କଥା ହେଲା ପଚିଶ ବର୍ଷ ତଳେ ଓଡ଼ିଶାରେ ଯେଉଁ କ୍ରିକେଟ୍ ଭିତ୍ତିଭୂମି ଥିଲା ଏବେ ସେଥିରେ ଅନେକ ସୁଧାର ଆସିଛି ଅଥଚ ସେତେବେଳେ ଓଡିଶା କ୍ରିକେଟରୁ ଦୁଇ ଜଣ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି ହୋଇଥିଲେ ସୁଧା ଏବେ ଜଣେ ବି ଖେଳାଳି ଫ୍ରାଞ୍ଚାଇଜ୍ ସ୍ତରୀୟ କ୍ରିକେଟ ଖେଳିବା ନିମନ୍ତେ ଯୋଗ୍ୟ ବିବେଚିତ ହେଉ ନାହାନ୍ତି। ଓଡ଼ିଶା କ୍ରିକେଟକୁ ଆଗକୁ ନେବା ପାଇଁ ଓସିଏ ବିଦେଶୀ କୋଚ (ଅଷ୍ଟ୍ରେଲୀୟ) ମାଇକେଲ ବେଭାନଙ୍କ ସହ ପୂର୍ବ ଭାରତୀୟ କ୍ରିକେଟର ୱାସିମ୍ ଜାଫର ଓ ଦିନେଶ ମୋଙ୍ଗିଆଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିଥିଲେ ସୁଦ୍ଧା ଯେ ପର୍ଯ୍ୟନ୍ତ ସଫଳତାର ସ୍ୱାଦ ଚାଖି ପାରି ନାହିଁ। ରାଜ୍ୟର କିଛି ରଣଜୀ ଖେଳାଳି ବାହାର ରାଜ୍ୟରୁ ପ୍ରତିନିଧିତ୍ୱ କରି ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିବାର ବୃଥା ଉଦ୍ୟମ କରିଛନ୍ତି। ପୁନଶ୍ଚ, ଦେଶର କିଛି ସ୍ୱନାମଧନ୍ୟ ପୂର୍ବ ଆନ୍ତର୍ଜାତୀୟ କ୍ରିକେଟର ଓଡିଶାରେ ସେମାନଙ୍କ କ୍ରିକେଟ ଏକାଡେମି ପ୍ରତିଷ୍ଠା କରି ଏଠାରୁ ଜାତୀୟ ସ୍ତରର ଖେଳାଳୀ ସୃଷ୍ଟି କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏହାରି ମଧ୍ୟରେ ଓସିଏ; ଓଡ଼ିଶା ରଣଜୀ ଖେଳାଳିଙ୍କୁ ଶ୍ରୀଲଙ୍କା ପଠାଇ ସେଠାରେ ସ୍ଥାନୀୟ କ୍ରିକେଟରଙ୍କ ସହ ଖେଳି ଖେଳାଳି ମାନଙ୍କୁ ଶାଣିତ କରେଇବାର ପ୍ରୟାସ କରିଛି ॥

ଆମ ରାଜ୍ୟରେ ପ୍ରତିଭାବାନ ଖେଳାଳୀଙ୍କ ଅଭାବ ନାହିଁ କିନ୍ତୁ ପ୍ରତିଦ୍ୱନ୍ଦିତାପୂର୍ଣ୍ଣ କ୍ରିକେଟ ଖେଳିବା ନିମନ୍ତେ ଯେଉଁ ନିଷ୍ଠା, ଉଦ୍ୟମ ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି ସେଥିରେ କିଛି କମି ରହି ଯାଉଚି । ଖେଳାଳିଙ୍କ ଠାରେ ଉନ୍ନତ ପ୍ରଦର୍ଶନର ଭୋକ ରହୁ ନାହିଁ। ପ୍ରଦର୍ଶନରେ ସ୍ଥିରତା ରହୁ ନାହିଁ। ଆଭ୍ୟନ୍ତରୀଣ କ୍ରିକେଟ୍ ରାଜନୀତି, ପ୍ରିୟା ପ୍ରୀତି ତୋଷଣ, ନୂତନ ପ୍ରତିଭା ମାନଙ୍କୁ ଉପେକ୍ଷା ଆଦି କେତେ ଗୁଡ଼ିଏ କାରଣ ଖେଳାଳୀଙ୍କ ପ୍ରଗତିରେ ବାଧକ ସାଜିବାର ସମ୍ଭାବନା ରଖୁଛି। ଫଳ ସ୍ୱରୂପ ଓଡ଼ିଶାର ଖେଳାଳିମାନେ ଜାତୀୟ ସ୍ତରରେ ଚମକିବାର ସୁଯୋଗ ପାଉନାହାନ୍ତି। ପୁଣି, ବିଭିନ୍ନ ଆଇପିଏଲ ଫ୍ରାଞ୍ଚାଇଜର ମାଲିକ ମାନେ ମଧ୍ୟ ଓଡ଼ିଶାର କ୍ରିକେଟର ମାନଙ୍କୁ ନିଜ ଦଳରେ ସୁଯୋଗ ଦେବା ନିମନ୍ତେ ଆଗେଇ ଆସିବା ଉଚିତ କାରଣ ଏହା ଦ୍ୱାରା ସେମାନେ ସମଗ୍ର ରାଜ୍ୟବାସୀଙ୍କ ସମର୍ଥନ ପାଇବାରେ ସକ୍ଷମ ହେବେ। ୨୦୨୩ ମସିହାରେ ଚେନ୍ନାଇ ସୁପର କିଙ୍ଗସ୍ ଶୁଭ୍ରାଂଶୁ ସେନାପତିଙ୍କୁ ନିଜ ଦଳରେ ନେଇ ସମଗ୍ର ଓଡ଼ିଶାବାସୀଙ୍କ ସମର୍ଥନ ପାଇବାରେ ସକ୍ଷମ ହୋଇଥିଲା ଏବଂ ଯୋଗକୁ ସେହି ବର୍ଷ ଚାମ୍ପିଅନ ହେବାର ଆଖ୍ୟା ମଧ୍ୟ ଅର୍ଜନ କରିଥିଲା।


ଅଧ୍ୟାପକ
କୁଶଳେଶ୍ୱର ଆଞ୍ଚଳିକ
ମହାବିଦ୍ୟାଳୟ
ମୋ: ୯୭୭୬୧୫୦୦୩୩


# ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଜଗନ୍ନାଥ ଧାମର ସୂଚନା



**ପ୍ରଫେସର ଡାକ୍ତର ସମ୍ରାଟ କର**

ଯେତେଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହେଉଥିବେ, ଉତ୍ତରରେ ଉତ୍ତୁଙ୍ଗ ହିମାଚଳ ଦଣ୍ଡାୟମାନ ଥିବ, ଦକ୍ଷିଣରେ ଭାରତ ମହାସାଗର ଜନନୀ ଜନ୍ମଭୂମିର ପଦକ୍ଷାଳନ କରୁଥିବ, ଭାରତୀୟ ପବିତ୍ରତାର ପ୍ରତୀକ ଚିର ସ୍ରୋତସ୍ୱିନୀ ଗଙ୍ଗା-ଯମୁନାର ଅଖଣ୍ଡ ପ୍ରବାହ ଅବ୍ୟାହତ ରହିଥିବ, ସେତେକାଳ ପର୍ଯ୍ୟନ୍ତ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ କୋଟି କୋଟି ଭକ୍ତ ମାନସରେ ପ୍ରେରଣାର ଉତ୍ସ ସ୍ୱରୂପ ଶ୍ରୀଜଗନ୍ନାଥଙ୍କର ମହିମା ଯେ ଦେଦୀପ୍ୟମାନ ରହିବ, ଏହା ନିଃସନ୍ଦେହ। କେଉଁ ଅନାଦି ଯୁଗରୁ ଭାରତରେର ଚତୁର୍ଦ୍ଧାଢ଼ (ବଦ୍ରିନାଥ, ଦ୍ୱାରକାନାଥ, ରମାନାଥ ଓ ଜଗନ୍ନାଥ)ର ପ୍ରାଧାନ୍ୟ ଯେଭଳି ପ୍ରତିଷ୍ଠା ଲାଭ କରିଛି, ତାହା ଐତିହାସିକ ପର୍ଯ୍ୟାଲୋଚନାର ଊର୍ଦ୍ଧ୍ୱରେ। ସେହି ଅନାଦି ଯୁଗରୁ ହିଁ ପରମ୍ପରାକ୍ରମେ ବିଶ୍ୱାସ କରାଯାଇ ଆସିଛି ଯେ ପୁରୀ ଧାମରେ ଶ୍ରୀଜଗନ୍ନାଥ ତଥା ଚତୁର୍ଦ୍ଧାମୂର୍ତ୍ତିଙ୍କର ଦର୍ଶନ ବିନା ଅନ୍ୟ ତିନିଧାମର ତୀର୍ଥାଟନଜନିତ ପୁଣ୍ୟ ଆହରଣ ଅସମ୍ପୂର୍ଣ୍ଣ ଓ ନିଷ୍ଫଳ।

ବାସ୍ତବରେ ଜଗନ୍ନାଥଧର୍ମ ବିଶ୍ୱଧର୍ମର ପ୍ରତୀକ, ଜଗନ୍ନାଥଧାମ ସମଗ୍ର ବିଶ୍ୱବାସୀଙ୍କର ଆକର୍ଷଣ କେନ୍ଦ୍ର, ପୀଠର ପବିତ୍ରତା ଅଖଣ୍ଡ, ସ୍ୱୟଂ ସମ୍ପୂର୍ଣ୍ଣ, ତାହା ମୁକ୍ତ, ସଦଗତି ଓ ପରିପୂର୍ଣ୍ଣତାର ଆଧାର। ଶ୍ରୀଗନ୍ନାଥ କେବଳ ଉତ୍କଳର ଜାତୀୟ ଦେବତା ନୁହଁନ୍ତି, ଭାରତର ମଧ୍ୟ ରାଷ୍ଟ୍ର ଦେବତା ନୁହନ୍ତି, ସେ ସମଗ୍ର ଜଗତର ନାଥ ଜଗନ୍ନାଥ। ଏଥିପାଇଁ ପୃଥିବୀର ରାଜନୈତିକ ମାନଚିତ୍ରରେ ଓଡ଼ିଶା କିମ୍ବା ପୁରୀର ଉଲ୍ଲେଖ ନଥିବା କାଳରେ ମଧ୍ୟ ଜଗନ୍ନାଥଧାମ ତଥା ପୁରୁଷୋତ୍ତମ ବା ନୀଳାଚଳଧାମ ସମଗ୍ର ବିଶ୍ୱରେ ସୁପରିଚିତ ଥିଲା। ଏହି କାରଣରୁ ବହୁ ପ୍ରାଚୀନକାଳରୁ ଜଗନ୍ନାଥଧାମର ପ୍ରସିଦ୍ଧି କୋଟି କଣ୍ଠରେ ପରିକୀର୍ତ୍ତିତ ହୋଇଅଛି। ଆମର ବିଭିନ୍ନ ପ୍ରାଚୀନ ପୁରାଣ ଶାସ୍ତ୍ର ଏହାର ପର୍ଯ୍ୟାପ୍ତ ପ୍ରମାଣ ଦିଏ। ନିମ୍ନରେ କେତୋଟି ଦୃଷ୍ଟାନ୍ତ ପ୍ରଦତ୍ତ ହେଲା -

କପିଳ ସଂହିତା - 'ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶନାମୁତ୍କଳଃ ଶ୍ରୁତଃ, ଉତ୍କଳସ୍ୟ ସମୋଦେଶଃ ଦେଶୋ ନାସ୍ତି ମହୀତଳେ।'

ସ୍କନ୍ଦ ପୁରାଣ - 'ଓଡ୍ରଦେଶ ଇତି ଖ୍ୟାତୋ ବର୍ଷେ ଭାରତ ସଂଜ୍ଞିତମ୍, ଦକ୍ଷିଣସ୍ୟୋଦଧେସ୍ତୀରେ କ୍ଷେତ୍ରଂ ଶ୍ରୀ ପୁରୁଷୋତ୍ତମମ୍। ତତ୍ର ନୀଳଗିରିନାମ ସମନ୍ତାତ୍ କାନନାବୃତମ୍। ତସ୍ୟ ପଶ୍ଚ୍ୟାଦିଶି ଖ୍ୟାତଂ କୁଣ୍ଡଂ ରୌହିଣୀ ସଂଜ୍ଞିତମ୍।'

ବହ୍ମପୁରାଣ - 'ଉତ୍କଳେ ତୁ ମୁନି ଶ୍ରେଷ୍ଠା ବେଦିତ ବ୍ୟାନି ତାନିବୈ, ସମୁଦ୍ରସ୍ୟୋତ୍ତରେ ତୀରେ ତସ୍ମିନ୍ ଦେଶେ ଦ୍ୱିଜୋତ୍ତମାଃ। ଆସ୍ତେ ପୁଣ୍ୟ ପରଂ କ୍ଷେତ୍ରଂ ମୁକ୍ତିଦଂ ପାପନାଶନମ୍। ଧନ୍ୟାସ୍ତେ ବିବୁଧ ପ୍ରଖ୍ୟା ଯେ ବସନ୍ତ୍ୟୁତ୍କଳେ ଜନାଃ। ତୀର୍ଥରାଜ ଜଳେ ସ୍ନାତ୍ୱା ପଶ୍ୟନ୍ତି ପୁରୁଷୋତ୍ତମମ୍, ସ୍ୱର୍ଗେ ବସନ୍ତି ତେ ମର୍ତ୍ତ୍ୟା ନ ବସନ୍ତି ଯମାଳୟେ।' ବ୍ରହ୍ମଣ୍ଡ ପୁରାଣ - 'ତତ୍ରାସ୍ତେ ଭାରତେବର୍ଷେ ଦକ୍ଷିଣୋଦଧି ସଂସ୍ଥିତଃ, ଉଡ୍ରଦେଶ ଇତି ଖ୍ୟାତଃ ସ୍ୱର୍ଗମୋକ୍ଷ ପ୍ରଦାୟକଃ।'

ମତ୍ସ୍ୟ ପୁରାଣ - 'ଗୋକର୍ଣ୍ଣଂ ଗଜକର୍ଣ୍ଣଂ ଚ ତଥାଚ ପୁରୁଷୋତ୍ତମଃ, ଦ୍ୱାରକା କୃଷ୍ଣତୀର୍ଥଂ ଚ ତଥାର୍ବୁଚ ସରସ୍ୱତୀ।'

କୂର୍ମ ପୁରାଣ - 'ସିଂହାଦ୍ରୌ ଦେବଦେବେଶଂ ବୈକୁଣ୍ଠଂ ମାଗଧେ ବନେ, ସର୍ବପାପହରୋଃ ବିନ୍ଧ୍ୟେ ଉଡ୍ରେ ଶ୍ରୀପୁରୁଷୋତ୍ତମମ୍।'

ଶିବ ପୁରାଣ - 'ଅଯୋଧ୍ୟା ମଥୁରା ଗୟା କାଶୀ କାଞ୍ଚୀ ଅବନ୍ତିକା, ପୁରୀ ଦ୍ୱାରାବତୀ ଚୈବ ସପ୍ତୈତେ ମୋକ୍ଷଦାୟିକା। ସୀମାମୁତ୍କଳ ଦେଶସ୍ୟ ବିତ୍ତଜନ୍ତୀ ବନାନ୍ତରେ, ମାର୍ଗାସ୍ଥାଂ ଚଣ୍ଡିକାଂ ପ୍ରାପ ଚର୍ଚ୍ଚିତଂ ମୁଣ୍ଡମାଳୟା। ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତନ୍ୟଦ ଭବମୋଚନମ୍। ଯତ୍ର ସାକ୍ଷାତ ପରଂବହ୍ମ ଦାରୁବ୍ୟାଜ ଶରୀର୍ଯଭୂତ।'

ବୃହତ୍ ନୃସିଂହପୁରାଣ - 'ପୁରୁଷୋତ୍ତମାତ୍ ପରଂ କ୍ଷେତ୍ରଂ ନାସ୍ତ୍ୟତ୍ର ପୃଥିବୀତଳେ, ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲ୍ଲଭମ୍।'

ମହାଭାରତ - 'ତତଃ ପ୍ରସନ୍ନା ପୃଥିବୀ ତପସ୍ୟା ତସ୍ୟ ପାଣ୍ଡବ, ପୁନରୁନ୍ମାର୍ହ୍ୟ ସଳିଳାଦ ବେଦୀ ରୂପା ସ୍ଥିତୌବଭୌଂ। ସୈଷା ପ୍ରକାଶତେ ରାଜନ୍ ବେଦୀ ସଂସ୍ଥାନ ଲକ୍ଷଣା, ଆରୁହ୍ୟାତ୍ର ମହାରାଜ ବୀର୍ଯ୍ୟବାନ ବୈ ଭବିଷ୍ୟତ। ସୈଷା ସାଗରମାସାଦ୍ୟ ରାଜନ୍ ବେଦୀ ସମାଶ୍ରିତା, ଏତାମାରୁହ୍ୟ ଭଦ୍ରନ୍ତେ ତ୍ୱମେକସ୍ତର ସାଗରମ୍।' ତନ୍ତ୍ରଯାମଳ - 'ଭାରତେତୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ, ଦାରୁରୂପୀ ଜଗନ୍ନାଥୋ ଭକ୍ତାନାମଭୟପ୍ରଦଃ।'

ରୁଦ୍ର ଯାମଳ - 'ମହାକନ୍ଦବାସୀ ମହାନନ୍ଦବାସୀ ପୁରଗ୍ରାମବାସୀ ମହାପୀଠଦେଶା, ଜଗନ୍ନାଥ ବକ୍ଷଃସ୍ଥଳସ୍ଥୋ ବରେଣ୍ୟୋ ବୃତାନନ୍ଦ କର୍ତ୍ତା। ଶିବାନନ୍ଦକର୍ତ୍ତ୍ରୀ'।

ଶକ୍ତି ସଙ୍ଗମତନ୍ତ୍ର - 'ଜଗନ୍ନାଥାତ୍ ପୂର୍ବଭାଗାତ୍ କୃଷ୍ଣତୀରାନ୍ତଗଂ ଶିବେ, କଳିଙ୍ଗଦେଶଃ ସମ୍ପ୍ରୋକ୍ତ ରାମମାର୍ଗ ପରାୟଣଃ। କଳିଙ୍ଗ ଦେଶମାରଭ୍ୟ ପଞ୍ଚାଷ୍ଟ ଯୋଜନଂ ଶିବେ, ଦକ୍ଷିଣସ୍ୟାଂ ମହେଶାନି କଳିଙ୍ଗ ପରିକୀର୍ତ୍ତିତଃ।'

ତ୍ରିକାଣ୍ଡଶେଷ - ହେମ ଶଙ୍ଖଃ ଶତାବର୍ତ୍ତୋ ମନୁଶାଶ୍ୱତ ବାରୀଶାଃ, ବର୍ଦ୍ଧମାନଃ ଶତାନନ୍ଦୋ ଜଗନ୍ନାଥଃ ସୂୟାମୁନଃ।'

ଜ୍ଞାନସିଦ୍ଧି - 'ତାନ୍ ପ୍ରଯୁକ୍ତ୍ୟା ଜଗନ୍ନାଥୈଃ ବଜ୍ରସତ୍ୱ ବିଭାବନୈଃ, ଭୁଜବର୍ଣ୍ଣ ସମାୟୁକ୍ତ ମୁଦ୍ରାମଣ୍ଡଳକୈ ସ୍ତଥା। ଅତଏବ ଜଗନ୍ନାଥ ବାଳାନଂ ପ୍ରତିବୋଧନେ, ନିବର୍ଣ୍ଣ ଦର୍ଶୟନ୍ତ୍ୟେବ ରୂପସ୍ୟା ନିତ୍ୟଦର୍ଶକାଃ। ସର୍ବଜ୍ଞଃ ସର୍ବଦର୍ଶୀଞ୍ଚ ସର୍ବ ଲୋକାର୍ଥ କାରକଃ। ତତ୍ରତତ୍ର ଜଗନ୍ନାଥୈଃ ଦର୍ଶତଃ କରୁଣାତ୍ମଭିଃ।'

ଅନର୍ଘରାଘବ - 'ଭୋ ଭୋ ଲବଣୋଦବେଳା ବନାଳୀ ତମାଳତରୁ କନ୍ଦଳସ୍ୟ, ତ୍ରିଭୁବନ ମୌଳିମଣ୍ଡଳ ମହାନୀଳମଣେଃ, କମଳାକୁଚକଳସ କେଳିକସ୍ତୁରିକା ପତ୍ରାଙ୍କରସ୍ୟ, ଭଗବତଃ ଶ୍ରୀ ପୁରୁଷୋତ୍ତମସ୍ୟ ଯାତ୍ରାୟାଂ ମୁପସ୍ଥାନୀୟା ସଭାସଦଃ।'

ଏଠାରେ ଯେଉଁସବୁ ପୁରାଣଶାସ୍ତ୍ରରୁ ଦୃଷ୍ଟାନ୍ତମାନ ପ୍ରଦାନ କରାଗଲା, ସେଗୁଡ଼ିକର ରଚନାକାଳ ପ୍ରତି ଲକ୍ଷ୍ୟ କଲେ ପୁରୁଷୋତ୍ତମ କ୍ଷେତ୍ରର ପ୍ରାଚୀନତା ସ୍ୱତଃ ସ୍ପଷ୍ଟ ପ୍ରତିପାଦିତ ହୁଏ।

> ବାସ୍ତବରେ ଜଗନ୍ନାଥଧର୍ମ ବିଶ୍ୱଧର୍ମର ପ୍ରତୀକ, ଜଗନ୍ନାଥଧାମ ସମଗ୍ର ବିଶ୍ୱବାସୀଙ୍କର ଆକର୍ଷଣ କେନ୍ଦ୍ର, ପୀଠର ପବିତ୍ରତା ଅଖଣ୍ଡ, ସ୍ୱୟଂ ସମ୍ପୂର୍ଣ୍ଣ, ତାହା ମୁକ୍ତ, ସଦଗତି ଓ ପରିପୂର୍ଣ୍ଣତାର ଆଧାର। ଶ୍ରୀଗନ୍ନାଥ କେବଳ ଉତ୍କଳର ଜାତୀୟ ଦେବତା ନୁହଁନ୍ତି, ଭାରତର ମଧ୍ୟ ରାଷ୍ଟ୍ର ଦେବତା ନୁହନ୍ତି, ସେ ସମଗ୍ର ଜଗତର ନାଥ ଜଗନ୍ନାଥ। ଏଥିପାଇଁ ପୃଥିବୀର ରାଜନୈତିକ ମାନଚିତ୍ରରେ ଓଡ଼ିଶା କିମ୍ବା ପୁରୀର ଉଲ୍ଲେଖ ନଥିବା କାଳରେ ମଧ୍ୟ ଜଗନ୍ନାଥଧାମ ତଥା ପୁରୁଷୋତ୍ତମ ବା ନୀଳାଚଳଧାମ ସମଗ୍ର ବିଶ୍ୱରେ ସୁପରିଚିତ ଥିଲା।


ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ମୋ: ୯୧୩୨୪୩୩୩୩୩





## ଧନ୍ୟ ଗୋପବନ୍ଧୁ ଧନ୍ୟ ଧନ୍ୟ

**ନୀଳମଣି ଚାନ୍ଦ**

ଚୁଡ଼ା ଚାଉଳରେ ମମତା ବୋଳା
ନିହିତ ଯେ ଥିଲା ଦାନର କଳା
ବନ୍ୟାଘେରରେ ବନ୍ୟାକ୍ଲିଷ୍ଟ ପାଇଁ
ମେଣ୍ଟାଉଥିଲା ଯେ କ୍ଷୁଧାର ଜ୍ୱାଳା।

ଗୋଟିଏ ମଣି ସେ ଉତ୍କଳମଣି
ଆଜି ବି ଜୀବନ୍ତ ନୁହେଁ କାହାଣୀ
ଦୀନଦୁଃଖୀ ପାଇଁ ଦରଦୀ ମଣିଷ
ନେଉଥିଲେ ଯିଏ ହୃଦୟ ଜିଣି।

ବନବିଦ୍ୟାଳୟ ଆରମ୍ଭ କଲେ
ସମାଜ ହାତରେ 'ସମାଜ' ଦେଲେ
ନବଉତ୍କଳର ସ୍ୱପ୍ନ ଦେଖିଥିଲେ
ନେତ୍ରୋତ୍ସବ ଦିନ ସେ ଛାଡ଼ିଗଲେ।

ସୁଆଣ୍ଡୋରେ ଭୂମିଷ୍ଠ କର୍ମବୀର
ଥିଲେ ବାଗ୍ମୀ ସୌମ୍ୟ, ଆଦର୍ଶ, ଧୀର
ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ
ଆଜି ପୁଣ୍ୟତିଥି ସ୍ମରଣ କର ।

କାରାକବିତାରେ ଜାତୀୟ ପ୍ରେମ
ହେ ଜନନାୟକ ଅଗ୍ରଗଣ୍ୟ
ଅବତରି ଥିଲ ଦେବଦୂତ ହୋଇ
ଧନ୍ୟ ଗୋପବନ୍ଧୁ ଧନ୍ୟ ଧନ୍ୟ ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


## ମା' ବାପା, ମୋତେ କ୍ଷମା କର

**ଡ. ଶିଶିର କୁମାର କର**

ବାପା ମୋର ପାକିସ୍ତାନୀ
ମା' ବାଙ୍ଗଲାଦେଶୀ
ସର୍ଜିକାଲ ଷ୍ଟ୍ରାଇକ୍‌ରେ
ଥିଲି, ଟାଣୁଆ ଅଫିସର୍
ଗୁଳିଗୁଳା ମିଶାଇଲ୍ ....
ମଝିରେ ମୁଁ ସଚ୍ଚା ହିନ୍ଦୁସ୍ଥାନୀ।

ପହଲ୍‌ଗାମରେ ଆତଙ୍କବାଦୀଙ୍କ
ନିଷ୍ଠୁର ଗଣ ହତ୍ୟା ପରେ
ବଦଳିଗଲା
ଭାରତର ମାନବବାଦୀ ଚିନ୍ତାଧାରା
ଦେଶ ମାଟିରୁ ପାକିସ୍ତାନୀଙ୍କୁ
ବିଦା କରିବା ଲାଗି କଠୋର
ନିର୍ଦ୍ଦେଶ
ଖୋଜା ଚାଲିଲା ଗାଁ ଓ ସହର।

ଭିସା କାଳ ପୂରି ସାରିଥିବା
ବାପାଙ୍କୁ ନେଇ ଛାଡ଼ିଲି
ୱାଘା ବଡ଼ର୍ ଗେଟ୍‌ରେ
ଶୂଳୀକୁ ଯାଉଥିବା କଏଦୀ ପରି
ବାପା ଚାଲିଗଲେ ଝୁଣ୍ଟିଝୁଣ୍ଟି
ମା' ପୁଅ ଛାତିକୁ ପଥର କରି
ବଳେଇ ଦେଲୁ ଆଖିର ଲୁହରେ ।

ଏବେ ଏବେ ବାଙ୍ଗଲାଦେଶରୁ
ଡ଼ଙ୍କିରୁଟ୍ ଦେଇ
ପସି ଆସୁଛନ୍ତି ପଲ ପଲ ଶରଣାର୍ଥୀ
ପୂର୍ବ ଭାରତ ରହଣି ସ୍ଥାନ
ଦଲାଲ୍ ବନାଉଛନ୍ତି
ମାତୁଳ ଶକୁନିର ପଶାକାଠି
ଜାଲ୍ ରେସନ୍ ଆଧାର କାର୍ଡ଼
ଟଙ୍କା ନେଇ ଶହ ଶହ
ହନ୍ତସନ୍ତ ବାସିନ୍ଦା ଓ ପୁରାତନ ପ୍ରବାସୀ ।
ଏମିତି ହୋଇପାରେ
ସମଗ୍ର ବାଙ୍ଗଲାଦେଶୀ ଦିନେ
ଚାଲିଯିବେ ନିଜ ଦେଶକୁ
ବାପାଙ୍କ ପରି ମା'ଙ୍କୁ ଛାଡ଼ିପାରେ
ବାଙ୍ଗଲାଦେଶ ବର୍ଡ଼ର୍‌ରେ
ହତଭାଗ୍ୟ ସନ୍ତାନ ମୁଁ
ଜୀବନ ପଥେ ନାହିଁ ସ୍ନେହ-ପ୍ରୀତି ।

ସେମାନେ ଭାବନ୍ତି
ଆମ ପୁଅ ସେନାବାହିନୀରେ
ବଡ଼ ଅଫିସର
ପରିବାର ଉପରକୁ ଆସିବନି
ବିଭେଦର କୁରୁକ୍ଷେତ୍ର
ମୋଟି କାମ କରି
ବଡ଼ କରିଛୁ ଛୁଆକୁ
ଧନ୍ୟ ଧନ୍ୟ ଏ ଭାରତ ମାଟି ।

ଜାତୀୟ କର୍ତ୍ତବ୍ୟ ପାଇଁ
ଶୁଝି ପାରୁନାହିଁ ପିତୃ-ମାତୃ ଋଣ
ଜନ୍ମ ମାଟି ଠାରୁ କେହି ନାହିଁ ବଡ଼
ନାଚାର ମୁଁ ଅଭାଗା କର୍ଣ୍ଣ
ହାତ ପାଦରେ ଶିକୁଳି, ହୃଦରେ
ପଥର
ମା' ବାପା ମୋତେ କ୍ଷମା କର,
କ୍ଷମା କର କ୍ଷମା କର ।


'ଶ୍ରୀ' ନିବାସ
ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ - ୯୭୭୮୫୪୩୮୯୭



## ମୁଁ ଏମିତି ଏକ ନାୟକ

**ରମାକାନ୍ତ ଦାସ**



ମୁଁ ଏମିତି ଏକ ନାୟକ
ଜୀବନ ମରୁରେ ମୁଁ
ଆତ୍ମହରା ପଥିକ
ମୋ ଜୀବନ କାହାଣୀର
ମୁଁ ନୀରବ ଶୀର୍ଷକ ।।
ମୁଁ ସ୍ୱପ୍ନ କିଣେ ସ୍ୱପ୍ନ ବିକେ
ଜୀବନ ହାଟରେ
କଏଦୀ ହୁଏ ମୁଁ ନିତି
ସମୟ କୋଚରୀରେ
ହୃଦୟକୁ ରଖେ ମୁଁ
ଖଣ୍ଡାର ଧାରରେ ।।
ମୁଁ ଜୀଏଁ ମୋ ଆବେଗରେ
ଯାର ରୂପ ନାହିଁ
ମୁଁ ଜୀଏଁ ମୋ ପ୍ରଣୟରେ
ଯାର ପୂର୍ଣ୍ଣତା ନାହିଁ
ମୁଁ ନିତି ଜୀଏଁ ନିତି ମରେ
ସ୍ୱାର୍ଥ ପାଉଁଶେ ସମାଧୀ ପାଇ ।।
ଅସହାୟ ମୁଁ ନିରନ୍ତର
ନୀରବ ମୁଁ ନିରୁତ୍ତର
ପରାଜୟ ଘାଟେ ମୁଁ
ସ୍ୱପ୍ନର ସୌଦାଗର
ମୁଁ ଆକାଶର ସପ୍ତରତୁ
ଅନୁଭବ ନାହିଁ ଯାର ।।
ଡରେନା କା ଆତଙ୍କକୁ
ମୁଁ ଆବେଗ ହୀନ ପର୍ବତ
ଉଦାସ ବେଳାଭୂମି ମୁଁ
ମୋ ଇଚ୍ଛାର ନାହିଁ ଅସ୍ତିତ୍ୱ
ଜୀବନର ପ୍ରତି ମୋଡେ
ହୁଏ ମୁଁ ପରାସ୍ତ ।।
ମୋ ଲୁହ ସବୁ ଲୁଚିରହେ
ପଲକର ପଣତରେ
ହୃଦୟ ମୋ ବନ୍ଦୀହୁଏ
ଅବଶୋଷ କାରାଗାରେ
ଶଯ୍ୟାଶାୟୀ ହୁଏ ମୁଁ
ବିବଶତା ପଲଙ୍କରେ ।।



ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ: [illegible]



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୭୧





ଡ. ସିନ୍ଧୁ ସେନ୍

॥ ବତିଶ ॥

ସୂର୍ଯ୍ୟ, ଉତ୍ତାପ ଓ ଆଲୋକର ଗନ୍ତାଘର । ତେଣୁ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର ବୋଲି କୁହାଯାଏ । ମାତ୍ର ଏହି ଶକ୍ତି ଉପରେ ଆଉ ଏକ ଶକ୍ତି ରହିଛି । ତାହା ହେଲା ପରମାନନ୍ଦ । ଯାହା କେବଳ ସାଧକମାନେ ଲାଭ କରିବାରେ ସକ୍ଷମ ହୋଇଥାନ୍ତି । ତେବେ ଜୀବନର ପୂର୍ଣ୍ଣତାରୁ ଜାତ ହୁଏ ଆନନ୍ଦ । ଆଉ ଶୂନ୍ୟତାରୁ ଦୁଃଖ, କାମନାର ଜାଲରେ ପଡ଼ି ମଣିଷ ବନ୍ଧନଗ୍ରସ୍ତ । ବିଷୟବାସନା, କ୍ଷମତା, ପ୍ରତିପତ୍ତି, ସମ୍ପଦ ମୋହରେ ସବୁ ବୁଲିଯାଇ ଔଦ୍ଧତ୍ୟ ଦେଖାଇଥାନ୍ତି । ନିଜକୁ ସର୍ବଶ୍ରେଷ୍ଠ ମନେ କରନ୍ତି । ମାତ୍ର ଏ ସମସ୍ତର ସ୍ଥାୟୀତ୍ୱ ସ୍ୱଳ୍ପ ସମୟ ପାଇଁ । ମାତ୍ର ପରମାନନ୍ଦ ଲାଭର ଅନୁଭୂତି ଅନନ୍ୟ । ସେଇମାନଙ୍କୁ କେବଳ ପରମାନନ୍ଦ ପ୍ରାପ୍ତି ହୋଇଥାଏ ଯେଉଁମାନଙ୍କ ପାଖରେ ଅହଂ ସର୍ବସ୍ୱ ମନୋବୃତ୍ତି, ଈର୍ଷା, ଅସୂୟା, ସର୍ବୋପରି ସାଂସାରିକ ବନ୍ଧନ ନଥାଏ ।

ଭାବିପାରୁ ନଥିଲି, ମୋର ଏମିତି ଶୂନ୍ୟାନୁଭୂତି ଆସୁଥିଲା କାହିଁକି ? ମୋର ତ କିଛି ଅଭାବ ନାହିଁ, ମୋ ପାଖରେ ରାଜକୀୟ ଐଶ୍ୱର୍ଯ୍ୟ, ବିଭବ ମଧ୍ୟ କିଛି କମ୍ ନୁହେଁ, ତ୍ରିଭୁବନ ବିଜୟୀ ଲଙ୍କାଧିପତି ମୁଁ ରାବଣ, ଦୈବୀବଳରେ ମଳୀୟାନ୍ । ହାତ ପାଆନ୍ତାରେ ଯାହା ଚାହିଁବି, ପାଇପାରିବି, ଜୀବନକୁ ସମ୍ଭୋଗ କରିବାପାଇଁ ମୋ ପାଖରେ ପୂର୍ଣ୍ଣଯୌବନା ନାରୀ ମାନଙ୍କର ମଧ୍ୟ ଅଭାବ ନାହିଁ । ତଥାପି, ମୋତେ ଏସବୁ ଆନନ୍ଦ ଦେଇପାରୁ ନାହିଁ କାହିଁକି ? ମୋ ମନରେ ଏତେ ନିରାନନ୍ଦ କାହିଁକି ? କେଉଁଥିପାଇଁ ମୋର ଏ ଦୁଃଖ ? କେଉଁଠି କ'ଣ ଯେମିତି ମୋର ଅଭାବ ରହିଯାଇଛି । ଯେଉଁଥିପାଇଁ କି, ମୁଁ ନା ପାଇପାରୁଛି ଶାନ୍ତି ନା ସୁଖ । କାହାକୁ ମୁଁ ଭୟ କରୁଚି । ସୀତା ତେବେ ମନ୍ଦୋଦରୀଙ୍କୁ ଯାହା ସବୁ କହିଛନ୍ତି ସେ କ'ଣ ସତ, ମୋର କ'ଣ ତେବେ ଆତ୍ମିକ ମୃତ୍ୟୁ ହୋଇସାରିଛି, ବାକି ଯାହା ଶାରୀରିକ ମୃତ୍ୟୁ ବାକି ରହିଛି । ହୁଏତ ଅଳ୍ପଦିନ ମଧ୍ୟରେ ଶାରୀରିକ ମୃତ୍ୟୁ ମଧ୍ୟ ମୋତେ ଗ୍ରାସ କରିବ । ତେଣୁ ଏବେ ମୃତ୍ୟୁର ବିଭୀଷିକାକୁ ଦେଖିପାରୁଛି । ପିତାଙ୍କ ଠାରୁ ଶୁଣିଥିଲି ଜୀବନର ଦୁଇଟି ଦିଗ । ଗୋଟିଏ ଅମୃତ ଅନ୍ୟଟି ମୃତ୍ୟୁ । ମୃତ୍ୟୁର ଭୟ ଜାତ ହେଲେ ଅମୃତ ଦୂରେଇଯାଏ । ସେଇ ମୃତ୍ୟୁର ଛାୟା ମୋତେ ଗୋଡ଼ାଇବାରେ ଲାଗିଛି । ଯେଉଁଥିପାଇଁ ମୋ ମନରେ ଏତେ ଉତ୍କଣ୍ଠା, ଏତେ ଭୟ, ପ୍ରତଟି ମୁହୂର୍ତ୍ତ ମୋ ପାଇଁ ଭୟର ମୁହୂର୍ତ୍ତ, ମୁହଁ ଖୋଲି କିଛି ପ୍ରକାଶ କରି ନପାରୁଥିଲେ ମଧ୍ୟ ମୁଁ ଯେ ଦଶରଥ ନନ୍ଦନ ରାମଙ୍କୁ ଭୟ କରୁଥିଲି, ତାହା ମୁଁ ମର୍ମେମର୍ମେ ଅନୁଭବ କରି ପାରୁଥିଲି । ସେତିକି ନୁହେଁ, ମୋ ଦ୍ୱାରା ନିର୍ଯାତିତା ରମଣୀ ମାନଙ୍କ ତପ୍ତ ଦୀର୍ଘଶ୍ୱାସ, ମୋ ପାଇଁ ପାଲଟି ଯାଇଛି ମାରଣାସ୍ତ୍ର । ଏଭଳି ପରିସ୍ଥିତିରେ କିଏ ମୋତେ ରକ୍ଷା କରିବ । ନିଜର ପାପକର୍ମ ପାଇଁ ନିଜକୁ ମୁଁ ତିଳତିଳ କରି ହତ୍ୟା କରିଛି । ଏବେ କିଏ ବା କାହିଁକି ମୋତେ ସୁରକ୍ଷା ଦେବ ?

ସେଦିନ ଗୁପ୍ତଚର ସଂସ୍ଥାଠାରୁ ଖବର ପାଇଥିଲି ସମୁଦ୍ରର ଅପରପାର୍ଶ୍ୱରେ ରାମ ବିରାଟ ବାନରବାହିନୀ ମାନଙ୍କୁ ନେଇ ସମାବେଶର ଆୟୋଜନ କରିଛନ୍ତି । ଯେଉଁ ଭୟ ମୋତେ ଦୀର୍ଘଦିନ ଧରି ଗ୍ରାସ କରି ଚାଲିଥିଲା, ତାହା ଏବେ ପୂରଣ ହେବାକୁ ଯାଉଛି । ସମୁଦ୍ର ପାର ହେବା ପାଇଁ ରାମ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି । ସେଇଥିପାଇଁ ବାନରସେନା ଯନ୍ତ୍ରୀ ନଳଙ୍କ ପରାମର୍ଶରେ ପଥରର ଏକ ଭାସମାନ ସେତୁ ସମୁଦ୍ର ଉପରେ ତିଆରି କରିବାର ଯୋଜନା କରିଛନ୍ତି । ଭାସମାନ ସେତୁବନ୍ଧ ତିଆରି କଥାକୁ ମୁଁ ପ୍ରଥମେ ସହଜରେ ଗ୍ରହଣ କରିପାରୁ ନଥିଲି । ଅଶାନ୍ତ ସମୁଦ୍ର, ଉତ୍ତୁଙ୍ଗ ଲହରୀ । ସେଥିରେ ପୁଣି ପଥରର ସେତୁ..., ଜଳ ମଧ୍ୟରେ ଭାସମାନ ଅବସ୍ଥାରେ । ଏହା କ'ଣ ବାସ୍ତବରେ ସମ୍ଭବ ମୁଁ କିଛି ବୁଝିପାରୁ ନଥିଲି । ଜଳରେ ପଥର ପଡ଼ିଲେ ବୁଡ଼ିଯାଏ ସେହି ପଥର ପୁଣି ତରଙ୍ଗାୟିତ ଜଳ ଉପରେ ଭାସିବ । ଏହା କ'ଣ ତେବେ ବୈଜ୍ଞାନିକ ଯନ୍ତ୍ରୀ ନଳର କରାମତି ନା ରାମଙ୍କ ଯାଦୁ । ଯାହା ବି ହେଉନା କାହିଁକି, ଆମକୁ ତ ସେଥିପାଇଁ ସତର୍କ ରହିବାକୁ ପଡ଼ିବ । ସେତୁବନ୍ଧ ନିର୍ମାଣ କାମ ଯେମିତି ଜୋରସୋରରେ ଆଗେଇ ଚାଲିଛି । ମନେହେଉଛି, ଏହା ଯେମିତି କୋଡ଼ିଏ, ପଚିଶ ଦିନ ମଧ୍ୟରେ ସରିଯିବ । ତାପରେ ନିଶ୍ଚିତ ଭାବେ ଆରମ୍ଭ ହୋଇଯିବ ରାମ, ରାବଣ ଯୁଦ୍ଧ । ଆସନ୍ନ ଯୁଦ୍ଧର ପ୍ରସ୍ତୁତି ପାଇଁ ମୁଁ ତେଣୁ ରାଜସଭା ଡାକିବାକୁ ଆଦେଶ ଦେଲି । ସମସ୍ତଙ୍କ ସହ ପରାମର୍ଶ କରି ଏମିତି ଜରୁରି କାଳୀନ ପରିସ୍ଥିତିକୁ କେମିତି ମୁକାବିଲା କରାଯିବ ସେ ବିଷୟରେ ଆଲୋଚନା କଲି । ସମସ୍ତଙ୍କ ଠାରୁ ସହଯୋଗର ଅଭୟବାଣୀ ଶୁଣି ଆନନ୍ଦିତ ହେଲି, ବାସ୍ତବରେ ଆମ ରାକ୍ଷସବାହିନୀ ମାନଙ୍କର ଏକତା ରହିଛି । ସେମାନେ ମୋତେ ସମର୍ଥନ କରନ୍ତି ଏବଂ ଯୁଦ୍ଧ ସମୟରେ ପରସ୍ପର ମିଳିମିଶି କାମ କରିବେ, ସେ ଦିଗରେ ମୁଁ ଦୃଢ଼ ନିଶ୍ଚିତ ହୋଇଗଲି । ମହାମନ୍ତ୍ରୀ ଠାରୁ ଆରମ୍ଭ କରି ସେନାପତି ଆଦି ସମସ୍ତ ପାରିଷଦର ଅନ୍ୟାନ୍ୟ ସଦସ୍ୟ ମାନେ ସମସ୍ୱରରେ ମୋ ପଛରେ ଛିଡ଼ା ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କଲେ । ଏପରିକି, ଭାଇ ବିଭୀଷଣ ମଧ୍ୟ ମୋ ସହ ସହଯୋଗ କରିବେ ବୋଲି ସମ୍ମତି ପ୍ରଦାନ କଲେ । ମୁଁ ତ ସଂପୂର୍ଣ୍ଣ ଆଶ୍ଚର୍ଯ୍ୟ ହୋଇଯାଇଥିଲି ।

ବିଭୀଶେ, ମୋ ଭାଇ ହୋଇପାରନ୍ତି । ମାତ୍ର ସେ ତ ମୋର ବିପରୀତ ଧର୍ମ । ବିଶେଷକରି ସେ ଜଣେ ବିଷ୍ଣୁଭକ୍ତ, ଆଉ ତାଙ୍କର ବିଶ୍ୱାସ ରାମଚନ୍ଦ୍ର ବିଷ୍ଣୁଙ୍କ ଅବତାରୀ ପୁରୁଷ । ସୀତାଦେବୀଙ୍କୁ ଅପହରଣ କରିବା ପରଠାରୁ ସେ ତ ମୋତେ ପ୍ରବଳ ବିରୋଧ କରି ଆସିଛନ୍ତି । ମୁଁ ଯେମିତି ସୀତାଦେବୀଙ୍କୁ ରାମଙ୍କ ହାତରେ ସମର୍ପଣ କରିଦିଏ ସେ ବିଷୟରେ ମୋତେ ପରାମର୍ଶ ଦେଇଛନ୍ତି, ଅଥଚ ଏବେ କହୁଛନ୍ତି, ସେ ମୋ ପଛରେ ଛିଡ଼ା ହେବେ, ଏହାଠାରୁ ବଳି ବିସ୍ମୟକର ଆଉ ଜଣେ ହୋଇପାରେ ? ପରେ ଅବଶ୍ୟ ବୁଝିପାରିଥିଲି ବିଭୀଷଣଙ୍କ ଏମିତି କହିବା ପଛରେ କ'ଣ ଉଦ୍ଦେଶ୍ୟ ଥିଲା । ସେ ମୋତେ ଯେମିତି କାମ କରିବାକୁ କହିଥିଲେ, ତାହା ମୁଁ କରି ନଥିଲି । ବରଂ ସାନଭାଇ ବୋଲି ଅନେକ ବେଖାତିର କରିଥିଲି । ସାନଭାଇ ଭାବେ ସେ ମୋତେ ରାମଙ୍କ ସହ ସନ୍ଧିର ପ୍ରସ୍ତାବ ଦେଇଥିଲେ । ସେଦିନ ତା ମୁହଁରୁ ଏମିତି ସନ୍ଧିର ପ୍ରସ୍ତାବ ଶୁଣି ଉତ୍ୟକ୍ତ ହୋଇ ଉଠିଥିଲି । ବିଭୀଶେ ମୋ ପଛରେ ଠିଆ ହେବେ ବୋଲି କହି ସନ୍ଧିର କଥା କହୁଛନ୍ତି କିପରି ? ତାଙ୍କର ଯୁକ୍ତି ଥିଲା । ଯୁଦ୍ଧ କେବେ ଶାନ୍ତି ସ୍ଥାପନ କରିପାରେନା, ତେଣୁ ଯୁଦ୍ଧ ପୂର୍ବରୁ ସନ୍ଧି କଲେ ହୁଏତ ରାମଙ୍କ ମନ ତରଳି ଯାଇପାରେ । କାରଣ ସେ ତ ସାଧାରଣ ମାନବ ନୁହଁନ୍ତି । ତାଙ୍କର ବାହ୍ୟରୂପ ମଧ୍ୟରେ ଭିନ୍ନ ଏକ ରୂପ ଲୁକ୍କାୟିତ ହୋଇ ରହିଛି । ତାଛଡ଼ା ରାମଙ୍କ ସହ ମିତ୍ରତା କରିବା ଭାଗ୍ୟରେ ଥିଲେ ମିଳେ । ଏସବୁ ଦୃଷ୍ଟିରେ ରଖି ବିଭୀଷଣ ମୋତେ ମିତ୍ରତାର ମାର୍ଗ ଦେଖାଇ ଦେଇଥିଲେ । ସେ ଚାହୁଁଥିଲେ କେବଳ ମୁଁ ଏକାକୀ ନୁହେଁ । ସମଗ୍ର ରାକ୍ଷସ କୁଳ ରକ୍ଷା ପାଇପାରିବେ । କାହାରି କିଛି କ୍ଷତି ନ ହୋଇ ବରଂ ମଂଗଳ ହେବ ।

ବିଭୀଷଣଙ୍କ କଥା ମୋତେ ଠିକ୍ ଲାଗୁ ନଥିଲା । ଏମିତିକି ଅନେକେ ତାଙ୍କୁ ବିରୋଧ କରୁଥିଲେ । ଆମ ପାରିଷଦ ମାନେ କହୁଥିଲେ ରାମ ଜଣେ ବନଚାରୀ । ଯିଏ ରାଜପ୍ରାସାଦ ଛାଡ଼ି ଅରଣ୍ୟ ମଧ୍ୟରେ ସନ୍ନ୍ୟାସୀ ଭଳି ଜୀବନ ବିତାଉଛନ୍ତି ସେ କ'ଣ କେବେ ରାକ୍ଷସ ବାହିନୀକୁ ମୁକାବିଲା କରିପାରିବେ। ଆମକୁ ତେଣୁ ଯୁଦ୍ଧ କରି ଆମ ବଳ, ପରାକ୍ରମ ଦେଖାଇବାର ଅଛି । ଅନ୍ୟମାନେ ତାଚ୍ଛଲ୍ୟ କରି କହୁଥିଲେ, ମୁଁ ସୀତାଙ୍କୁ ଚୋରାଇ ଆଣିଲି ସତ । ହେଲେ ତାଙ୍କୁ ଉପଭୋଗ କରିବା ପରିବର୍ତ୍ତେ ସମ୍ମାନର ସହ ଅଶୋକବନରେ ରଖିଲି କାହିଁକି ? ସୀତାଙ୍କୁ ଯଦି ଅସତୀ କରି ଦିଆଯାଏ ତେବେ ରାମ ତ ଦୁଃଖ ଅପମାନରେ ଲଙ୍କା ଛାଡ଼ି ପଳାଇଯିବେ । ମୁଁ ସମସ୍ତଙ୍କ ବାର୍ତ୍ତାଳାପକୁ ଶୁଣୁଥିଲି ତଥାପି ନିରୁତ୍ତର ଥିଲି । କାରଣ, ମୁଁ କେବଳ ସୀତାଙ୍କୁ ଚୋରାଇ ଆଣିବାରେ ମୋର ପ୍ରକୃତ ଉଦ୍ଦେଶ୍ୟ କ'ଣ ? ଆଉ ରହିଲା ସୀତଦେବୀଙ୍କ ସତୀତ୍ୱର କଥା । ସେମାନେ କେମିତି ଜାଣିବେ ରାବଣ କେବଳ ନିଷ୍ଠୁରତା ପ୍ରତିଭୂ ନୁହେଁ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୯୭ ॥

ହଠାତ ପୁଣି ବୃତ୍ରର ପରିବର୍ତ୍ତନ ହେଲା । ହୁଏତ ସେହି ଅଥର୍ବଣ ଋଷିଙ୍କ ଆତ୍ମା କିମ୍ୱା ବିଷ୍ଣୁଙ୍କର ଶକ୍ତି କିଛି କୂଟ କରିଥିବେ କି କ'ଣ ! ସେ ଡାକ ଛାଡିଲା, 'ମୋତେ ବଧକର ଇନ୍ଦ୍ର,ମୋତେ ବଧକର' । ପୁଣି ସେ ବୃତ୍ତ (ଏକ ପ୍ରକାର ଅସ୍ତ୍ର)/ ,ପରିଘ, ଶୂଳ ଧରି ଦୌଡ଼ି ଆସିଲା ଇନ୍ଦ୍ର ଆଡକୁ । ଇନ୍ଦ୍ର ମଧ୍ୟ ବୀର ଦର୍ପରେ ସବୁ ଛେଦିବାରେ ଲାଗିଲେ । ହଠାତ ମୁଖ ବ୍ୟାଦାନ କରି ଜିହ୍ୱା ଲହଲହ କରି ବୃତ୍ର ମାଡ଼ିଆସିଲା ଓ ଇନ୍ଦ୍ରଙ୍କୁ ଗୋଟା ଗିଳି ପକାଇଲା । ଦେବ ଲୋକରେ ହାହାକାର ପଡିଗଲା । ସମସ୍ତେ ମନେକଲେ ଇନ୍ଦ୍ର ଆଉ ନାହାନ୍ତି । ଲୌହ କାୟ ଦୈତ୍ୟର ଗର୍ଭ ମଧ୍ୟରେ ସେ ଜୀର୍ଣ୍ଣହୋଇ ଯାଇଛନ୍ତି । କିନ୍ତୁ ବାସ୍ତବରେ ହେଲା କ'ଣ ? ଅଥର୍ବଣ (ଅଥର୍ବଣ ଙ୍କର ଅନ୍ୟନାମ ଦଧିଚୀ ଥିଲା)ଙ୍କର ଯୋଗ ଶକ୍ତି ଥିବା ଅସ୍ଥିର ଆୟୁଧରେ ଓଲଟା ବୃତ୍ରର ପେଟ ଚିରି ବାହାରି ଆସିଲେ ଜୀବନ୍ତ ଇନ୍ଦ୍ର । ଅସ୍ଥି ନିର୍ମିତ ସେହି ବଜ୍ର (ବିଜ୍ଞାନ ଦୃଷ୍ଟିରୁ ଦେଖିଲେ ଅସ୍ଥି ଷ୍ଟିଲ ବା ଲୌହ ପରି ଖୁବ୍ କଠିନ ଓ ଓଜନଦାର । ଏହି ଅସ୍ଥି ମଧ୍ୟ ଦେଇ ବିଦ୍ୟୁତ୍ ଶକ୍ତି ବା ଇନ୍ଦ୍ରଙ୍କ ବଜ୍ର ଶକ୍ତି ପ୍ରବାହିତ ହୋଇ ପାରେ !) ତୀବ୍ର ଗତିରେ ଯାଇ ବୃତ୍ରର ଶିରକୁ ଛେଦ କରିଦେଲା । 'ଆଃ' ଦାନବ ଜନନୀ ଦିତି ମନେମନେ ଅସ୍ଫୁଟ ଚିତ୍କାର କରି ଉଠିଲେ । କିଏ ଜାଣିଥିଲା ଯେ,ଐଶ୍ୱରୀୟ ପବିତ୍ରତା ଓ ଯୋଗ ଶକ୍ତିରେ ନିର୍ମିତ ଗୋଟାଏ ଅସ୍ଥି ଏତେ ବଳବାନ ହୋଇପାରେ ? ବୃତ୍ରା ସୁରର ମୃତ୍ୟୁ ପରେ ଜନନୀ ଦିତିଙ୍କର ହୃଦୟ ଭାଙ୍ଗି ପଡିଲା । ହୋଇପାରନ୍ତି ଦେବତାମାନଙ୍କର ଜନନୀ ଅଦିତି ତାଙ୍କର ନିଜ ଜ୍ୟୋଷ୍ଠ, ଭଗ୍ନୀ, ତଥାପି ଯେଉଁ ଦିନରୁ ସେ ଉପଲବ୍ଧି କରିଥିଲେ ଯେ, କଶ୍ୟପ ତାଙ୍କର ସମସ୍ତ ପତ୍ନୀମାନଙ୍କ ଅପେକ୍ଷା ଅଦିତିଙ୍କୁ ଅଧିକ ପ୍ରେମ କରନ୍ତି ଓ ତାଙ୍କର ଆଚରଣକୁ ନିଜେ ମଧ୍ୟ ଗ୍ରହଣ କରିବାକୁ ଉଚିତ ମନେ କରନ୍ତି, ସେହି ଦିନଠାରୁ ତାଙ୍କ ହୃଦୟରେ ଅଦିତିଙ୍କ ପ୍ରତି ହିଂସା ଭାବର ସୃଷ୍ଟି ହୋଇଥିଲା । ଠିକ ଦକ୍ଷ ପ୍ରଜାପତିଙ୍କର ଚନ୍ଦ୍ରଙ୍କୁ ଦାନ କରିଥିବା ସତେଇଶ ଜଣ କନ୍ୟାଙ୍କ ମଧ୍ୟରୁ ଯେପରି ଚନ୍ଦ୍ର ରୋହିଣୀଙ୍କୁ ଅଧିକ ପ୍ରେମ କରୁଥିଲେ, ସେପରି କଶ୍ୟପ ମଧ୍ୟ ଅଦିତିଙ୍କୁ ତାଙ୍କର ପଞ୍ଚଦଶ ପତ୍ନୀଙ୍କ ମଧ୍ୟରେ ସର୍ବାଧିକ ପ୍ରେମ କରୁଥିଲେ । ସେ ତାଙ୍କ ନିକଟରେ ରହିବାକୁ ଅଧିକ ପସନ୍ଦ କରୁଥିଲେ । କିନ୍ତୁ ଦିତି ଏକଥା କେବେ ମଧ୍ୟ ତାଙ୍କର ପିତା ଦକ୍ଷ ପ୍ରଜାପତିଙ୍କ ନିକଟରେ ପ୍ରକାଶ କରିପାରୁ ନଥିଲେ । କାରଣ ତାଙ୍କ ପିତାଙ୍କର ସ୍ୱଭାବ ବିଷୟରେ ସେ ଉତ୍ତମ ରୂପେ ଅବଗତ ଥିଲେ । ନିଜର ଆତ୍ମର୍ଗ୍ୱ ଓ ଅଭିମାନ ଯୋଗୁଁ ସେ ବେଳେ ବେଳେ ବିବେକ ବିଚାର ମଧ୍ୟ ହରାଇ ବସୁଥିଲେ । ପୂର୍ବ ଜନ୍ମରେ ତାଙ୍କର ଏହି ବଦଗୁଣ ଯୋଗୁଁ ସତୀ ଯଜ୍ଞ ବେଦୀରେ ଆତ୍ମାହୂତି ଦେଇଥିଲେ । ଶିବ ପ୍ରଳୟ ତାଣ୍ଡବ ରଚନା କରିଥିଲେ । ପୁଣି ତାଙ୍କର ଅଭିଶାପରୁ ଚନ୍ଦ୍ରଙ୍କୁ କ୍ଷୟ ରୋଗରେ ପୀଡିତ ହେବାକୁ ପଡିଥିଲା । ଦିତି ଅଦିତିଙ୍କୁ ହିଂସା କରିବା ସତ୍ୱେ ମଧ୍ୟ କଶ୍ୟପଙ୍କୁ ଖୁବ ପ୍ରେମ କରୁଥିଲେ ଏବଂ କଶ୍ୟପ ପ୍ରଜାପତିଙ୍କ ପରି ପତି ମଧ୍ୟ ସେଥିପାଇଁ ସୁଯୋଗ୍ୟ ଥିଲେ । ସେ କଶ୍ୟପଙ୍କର କୌଣସି କ୍ଷତି ହେଉ, ଏକଥା ଆଦୌ ଚାହୁଁନଥିଲେ । ସେ ଜାଣିଥିଲେ ଯେ, ତିମିଙ୍କଠାରୁ ଜଳଜନ୍ତୁ, ତାମ୍ରାଠାରୁ ଶ୍ୱାନ, ଗୃଧ, କ୍ରୋଧବଶାଠାରୁ ଶୁକ ଓସର୍ପ, ଇଳା ଠାରୁ ବୃକ୍ଷ ଲତା, କାଷ୍ଠାଠାରୁ ଏକ ଖୁର ଜନ୍ତୁମାନେ ଓ ଯେଉଁ ସାଧାରଣ ମାନବ ସୃଷ୍ଟି ହୋଇଛନ୍ତି ,ଏମାନେ କେବେ ପୃଥିବୀର ସମ୍ରାଟ ହୋଇ ପାରିବେ ନାହିଁ । ଦନୁ, ସୁରସା, କାଳକା ଓ ପୁଲୋମାଠାରୁ ଦାନବ ମାନେ ଜନ୍ମ ନେଲେ ଓ ସେମାନେ ଦିତିଙ୍କର ପୁତ୍ର ମାନଙ୍କୁସହାୟତା କରିବେ । ମୁନି ଓ ଅରିଷ୍ଟା ଗନ୍ଧର୍ବଓ ଅପ୍ସରାମାନଙ୍କୁ ଜନ୍ମ ଦେଇଛନ୍ତି, ଯେଉଁମାନେ କି ଇନ୍ଦ୍ରଙ୍କର ସଭାରେ ନୃତ୍ୟ ଗୀତ ଆଦି କରିବେ । ସୁରଭିଙ୍କଠାରୁ ଗୋ, ମହିଷ ଆଦି ଜନ୍ମ ହୋଇଛନ୍ତି ଓ ସରମାଙ୍କଠାରୁ ଶ୍ୱାପଦ ମାନଙ୍କର ଜନ୍ମ । ଏକମାତ୍ର ଅଦିତିଙ୍କର ସନ୍ତାନ ମାନେ ହିଁ ସ୍ୱର୍ଗଭୁବନ ପ୍ରତିଷ୍ଠା କରିଛନ୍ତି ଓ ସେମାନେ ଏହି ପୃଥିବୀକୁ ଭୋଗ କରିବା ପାଇଁ ଦାନବ ମାନଙ୍କର ଶତ୍ରୁ ହେବେ । କାରଣ, ବିବାହ ପୂର୍ବରୁ ମଧ୍ୟ ସେ ଜାଣିଛନ୍ତି ଯେ, କେବଳ ଦିତି ଓ ଅଦିତିଙ୍କର ସନ୍ତାନମାନେ ହିଁ ଏ ପୃଥିବୀକୁ ଭୋଗ କରିପାରିବେ । କଶ୍ୟପ ଙ୍କର ପ୍ରୀତି ଲାଭ କରିଥିବାରୁ ଯେତିକି ନୁହେଁ ,ନିଜ ସନ୍ତାନ ମାନଙ୍କର ପ୍ରତିଦ୍ୱାନ୍ଦୀଙ୍କର ମା' ଭାବରେ ସେ ଅଦିତିଙ୍କ ପ୍ରତିଅଧିକ ଶତ୍ରୁ ଭାବ ପୋଷଣ କରୁଥିଲେ । ଯେତେବେଳେ ହିରଣାକ୍ଷ୍ୟ ଶୂକରଙ୍କ ହସ୍ତରେ ଓ ବୃତ୍ରାସୁର ଇନ୍ଦ୍ରଙ୍କ ହସ୍ତରେ ନିହତ ହେଲେ, ସେତେବେଳେ ଅଦିତିଙ୍କର ସହିଷ୍ଣୁତା ତାର ସୀମା ଅତିକ୍ରମ କଲା । ଆର୍ଯ୍ୟମାନେ ଅସୁର ପ୍ରଜା, ଯେଉଁ ଅସୁର ମାନେ ଯୁଦ୍ଧ ରେପରାଜିତ ହୋଇ ପଣ ବନ୍ଦୀ ହେଉଥିଲେ, ନିୟମ ଭଂଗ କରି ନିର୍ବାସିତ ହେଉଥିଲେ, ଆର୍ଯ୍ୟ ସଭ୍ୟତାର ଶେଷ ପର୍ଯ୍ୟାୟ ବେଳକୁ ସେମାନେ ତାଙ୍କୁ ଦସ୍ୟୁ, ଡାକୁ ବାଦିକୁ, ଭାଗାବାଣ୍ଡ, ଡ଼ାକିନୀ, ଦାସ ଆଦି ନାମରେ ଡାକୁଥିଲେ । ଏମାନଙ୍କୁ ଶୂଦ୍ର ଭାବରେ ଆର୍ଯ୍ୟ ମାନଂକ ସେବା କରିବାକୁ ହେଉଥିଲା । ଏମାନେ ଚଣ୍ଡାଳ, ରଜକ ଆଦି ଥିଲେ ।ଏମାନେକୌଣସି ଦେବ କାର୍ଯ୍ୟ ବା ଯଜ୍ଞରେ ଯୋଗ ଦେଉନଥି ଲେ । କିନ୍ତୁ ଦେବତା ବା ଆର୍ଯ୍ୟମାନେ ସାମ୍ୟବାଦୀ ଥିବାରୁ ସେମାନେ ତାଙ୍କୁ ସତ୍ କର୍ମ ପାଇଁ ଉନ୍ନୀତ କରାଉଥିଲେ ।କର୍ମ ହିଁ ମାନବ, ଦାନବ ବା ଦେବତାଙ୍କ ମାନଦଣ୍ଡ ଥିଲା । ଦିତି ନିଜ ପୁତ୍ର ମାନଙ୍କର ବିନାଶ ଦେଖି କ୍ରୋଧାଗ୍ନିରେ ଜଳିବାକୁ ଲାଗିଲେ । ଯଦିଓ ସେ ଜାଣିଥିଲେ ଯେ, ହିରଣ୍ୟାକ୍ଷ ଓ ହିରଣ୍ୟ କଶିପୁ ତାଙ୍କର ଉଦ୍ଧତ କାମନା ପାଇଁ ଅଭିଶପ୍ତହୋଇ ଜନ୍ମ ହୋଇଛନ୍ତି ଓ ସେମାନେ ଯେପରି କର୍ମ କରିଛନ୍ତି ,ଆର୍ଯ୍ୟ ବା ଦେବତା ମାନେ ତାଙ୍କୁ କ୍ଷମା ଦେବେନାହିଁ । ତଥାପି ସନ୍ତାନ ମାନଙ୍କ ବିଚ୍ଛେଦ ତାଙ୍କ ଜନନୀପ୍ରାଣକୁ ଅଧୀର କରୁଥିଲା । ସେ ଇନ୍ଦ୍ର ବା ଶକ୍ରଙ୍କ ଉପରେ ଅତ୍ୟନ୍ତ କ୍ରୋଧାନ୍ଧ ହୋଇଗଲେ । ତାଙ୍କ ଭାଗିନୀର ପୁତ୍ର ହେଲେ ମଧ୍ୟ ଇନ୍ଦ୍ର ଅଧର୍ମୀ ଓ ଅନ୍ୟାୟୀ । ସେ ପାପିଷ୍ଠଓ ଦୁଷ୍ଟମତି । ସେ ଅତ୍ୟନ୍ତ ନିଷ୍ଠୁର ଭାବରେ ବିଶ୍ୱରୂପ ତଥା ନିଜର କନିଷ୍ଠ ଭାଇମାନଙ୍କୁ ବିନାଶ କରିଛି । ଏବେ ସେହି ଇନ୍ଦ୍ରକୁ ବିନାଶ କରିବା ପାଇଁସେ ଦୃଢ଼ ସଂକଳ୍ପ କଲେ । ଦିତି ମଧ୍ୟମା ଓ ଦୀର୍ଘ ଦେହୀ ହେଲେ ମଧ୍ୟ ମନ୍ଦୋଦରୀ । ସେ କୃଷ୍ଣବର୍ଣ୍ଣା ଓ ଦିବ୍ୟ ସୁନ୍ଦରୀ ନ ହେଲେ ମଧ୍ୟ ତାଙ୍କର ଭାବଭଙ୍ଗୀ ଥିଲା କାମ ଉଦ୍ରେକ କାରିଣୀ । ସେ ସେଦିନ କଶ୍ୟପ ପ୍ରଜାପତିଙ୍କର ହୃଦୟକୁ ଜୟ କରିବା ପାଇଁ ନିଜକୁ ଋଷି ମତିହରା ବେଶବାସରେ ସଜାଇଥିଲେ । ରୂପେଲୀ ଅଳଙ୍କାର, କୁସୁମ ଓ ବସ୍ତ୍ରରେ ନିଜର ସର୍ବାଙ୍ଗକୁ ମନୋରମ କରିଥିଲେ । ଶିରୋପରି କୃଷ୍ଣ ଗଭାରେ ମଣ୍ଡିତ କରିଥିଲେ ଆକାଶ ମଲ୍ଲି । ଝୋଟ ଓ କାର୍ପାସ ମିଶା, ଗଳାର ଅଳଙ୍କାର ତଳୁ ଜଂଘ ତଳ ପର୍ଯ୍ୟନ୍ତ ଲମ୍ବିଥିବା ଘାଗରାରେ ଥିଲା ହସ୍ତ ଶିଳ୍ପୀ ମାନଂକ ରଙ୍ଗୀନ ଚିତ୍ର । ତାଙ୍କର ପୀନ ପୟୋଧର, ଗଭୀର ନାଭିକେନ୍ଦ୍ର ନୟନକୁ ଆକର୍ଷିତ କରୁଥିଲା । ସେ ଜାଣି ନ ଜାଣିବା ପରି କଶ୍ୟପଙ୍କର ଯଜ୍ଞ ବେଦୀରୁ ପ୍ରତ୍ୟାବର୍ତ୍ତନ କରିବା ପଥରେ, ନର୍ମଦା ତୀରସ୍ଥ ଆମ୍ରବନର ଚିତ୍ର ଛାୟା ମଧ୍ୟରେ, ଏକ ମୃଣ୍ମୟୀ କଳସୀ ଉପରେ ହସ୍ତ ରଖି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରୁଥିଲେ ।

ନବ ବସନ୍ତର ସମୟ । ଚ୍ୟୁତ ଓ ନବ ମଲ୍ଲିକାର ମହକରେ ସାନ୍ଧ୍ୟ ସମୀର ପ୍ରାଣକୁ ପୁଲକିତ କରୁଥିଲା । ଅଷ୍ଟମୀ ଶୁକ୍ଳ ଚନ୍ଦ୍ରମାର ଜ୍ୟୋତ୍ସ୍ନା ତାର ନୂତନ ମଧୁର ସ୍ପର୍ଶରେ ମାୟାର ଚିତ୍ରପୁରୀ ସୃଷ୍ଟି କରିଥିଲା । ସହକାରର ଶାଖାରୁ ଶୁଣାଯାଉଥିଲା ପିକର ପଞ୍ଚମ ତାନର ସ୍ୱର । ବନ ମଧ୍ୟରେ ଚାଲିଥିଲା ହରିଣ,ହରିଣୀ ଓ ବିହଙ୍ଗମ ମାନଙ୍କର ଯୁଗଳ ରତି କ୍ରୀଡ଼ା ।

ପ୍ରତ୍ୟାବର୍ତ୍ତିତ କଶ୍ୟପ ଅଟକି ଯାଇଥିଲେ । ଦେହରେ ବେକଠାରୁ ପାଦ ପର୍ଯ୍ୟନ୍ତ ଲମ୍ବା ଗଇରିକ ପୋଷାକ ଉପରେ ମେଣ୍ଢା ଲୋମର ଜାମା, ହାତରେ ବ୍ୟାଘ୍ର ଚର୍ମର ଥଳି । ମୁଖରେ ଗହଳ ଶ୍ମଶ୍ରୁ । ସେ କେଉଁଠାରୁ ପ୍ରତ୍ୟାବର୍ତ୍ତନ କରୁଥିଲେ ?(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ସମର୍ପଣ

ସୁଲକ୍ଷଣୀ ସାହୁ

ଅତି ଆକୁଳେ ହୋଇ ନିର୍ବିର୍ଣ୍ଣ,
ଚାହିଁ ଦେଲି ଯେବେ ପ୍ରଭୂ
ତୁମ ଦିବ୍ୟ ଶ୍ରୀ ବର୍ଣ୍ଣ !
ଅଶ୍ରୁଳ ନୟନ' ମନ ବିହ୍ୱଳ
ଆତ୍ମା ମୋ ନିସ୍ତବ୍ଧ ଦରଶନେ ବିମୋହିତ,
ସତେକି ହୋଇଲି ଦାରୁଭୂତ
ଉଚ୍ଛ୍ୱାସେ ବାଧା ସମୂହ ହୋଇଲା ନିରସିତ।।

ହେ ଇଚ୍ଛାମୟ, ତୁମ ଇଚ୍ଛା ବିନା
କିବା କହିବି କାମନା,
ସମ୍ମୁଖେ ତୁମ ନ ଫିଟେ ତୁଣ୍ଡରୁ ବଚନ,
କଳା ଶ୍ରୀ ମୁଖ ଦରଶନେ
ମୁଁ ଯେ ଆଜି ମୁଗ୍ଧ,
ସତେ କେଡେ ମନଲୋଭା ରୁପଲାବଣ୍ୟ
ଜଳ ଜଳ,ଢଳ ଢଳ
ସଦା ଜାଗ୍ରତ
ଚକା ନୟନ ଯୁଗଳ ନିଦିଷ୍ଟା।

ନୁହେଁ ତ ସହଜ, କି ଦେଇ ଉପମା
ବଖାଣିବି କଳା ଶ୍ରୀମୁଖ !
ନାଲି ନାଲି ରଙ୍ଗା ଅଧରେ ଲାଳିତ୍ୟ
କୋଟି ବିଦ୍ୟୋତ, ମାଧୂର୍ଯ୍ୟମୟା

ଅଲୌକିକ ସେ ବାଙ୍କ ଚାହାଣି,
ମଧୁମୟ ଠାଣି
ତୁମେ ହିଁ ଆରମ୍ଭ ତୁମେ ହିଁ ଅନ୍ତ,
ଆହେ ମୟୂର ଚୂଳିଆ କାଳିଆ ସାଆନ୍ତ।।

ହେ ମହାମନାଃ
ମୋର ସମସ୍ତ ସତ୍ତାକୁ ନେଇ,
ସମ୍ମୁଖେ ତୁମ ନତ ମୁହିଁ ।
ଅଛପା ନୁହଁ
ମୋର ସବୁ ଭାବ ଅଭାବ,ରାଗ ଅନୁରାଗ
କର୍ମ କୁକର୍ମ,କର୍ତ୍ତବ୍ୟ ଅକର୍ତ୍ତବ୍ୟ
ସବୁ ନିକୃଷ୍ଟ ଅବା ଗୁଣ୍ଠିତ କର୍ମ,
ସବୁକୁ କରୁଛି ସମର୍ପିତ।।
କିବା ମାଗିବି କିବା ଯାଚିବି,
କର ହେ ନିଷ୍ପତ୍ତି
ଆହେ ପ୍ରଭୂ ବିହସିତ।।

ଥାଳରେ ବାଢ଼ିଛି ଲାଗିପାଇଁ,
ତୁମର ହିଁ ସୃଷ୍ଟ ସମସ୍ତ ଚିଜ,
ମିଠାଫଳ ତୁଳସୀ ସୁମନଃ,
କର୍ପୂର ଧୂପ ଚନ୍ଦନ
ସାଥେ ସମର୍ପିତ ଏଇ ମୋ କ୍ଷୁଦ୍ର ମନ ।

ଏଇ ସ୍ଥାବରଜଙ୍ଗମ ତୁମ
ଇସାରାରେ ତ ଚାଳିତ,
ପ୍ରତିଟି ଦରବ ଦେଇଛ ଯାଚି,
ଯାହା ବି ଯେତେବେଳେ ଲୋଡ଼ିଛି
ନାହିଁ ତୁମଠେ କିଛି ଅନୁଯୋଗ,
ଯେଉଁଥିପାଇଁ ମୁଁ ଯୋଗ୍ୟ,
ତାହାହିଁ ଦେଇଛ ବିଚାରିଣ ମୋ କର୍ମ ।

+ସହକାରୀ ଶିକ୍ଷୟିତ୍ରୀ,
ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ,
ଖରିଆର ରୋଡ
ଜି:ନୂଆପଡ଼ା
ଫୋ:୯୯୩୭୮୯୨୦୨୯

## ହେ କରୁଣା ସାଗର

କୁମୁଦିନୀ ଘି



କାନ୍ତାର ଶ୍ରୀକ୍ଷେତ୍ରରୁ ଶୀରୀକ୍ଷେତର
କହ ହେ ମହାପ୍ରଭୁ
କେତେ ଯେ ଦୂର,
ନିୟମଗିରି ଡେଇଁ ପାରିବି ଯାଇ
ଅଠର ନଳା ଛୁଇଁ
ନୀଳ କନ୍ଦର ।

ଶ୍ରୀ ନନ୍ଦିଘୋଷ ଆଉ ତାଳଧ୍ୱଜରେ
ଦେବଦଳନେ ବସି
କେତେ ସଜରେ,
ଆସୁଛି ରଥଯାତ ହେ ଜଗନ୍ନାଥ


ଭାଇ ଭଉଣୀ ଯିବ
ଗୁଣ୍ଡିଚା ଘର ।

ବରଷକେ ଥରୁଟେ ଭକତ ଚାହିଁ
ଶ୍ରୀମନ୍ଦିରୁ ଆସୁଛ
ଦର୍ଶନ ଦେଇ,
ପତିତ ଜନପାଇଁ ହେଉଛି ଭିଡ଼

ନାହିଁ ଭେଦ ବିଚାର
ସାନ କି ବଡ ।

ହିନ୍ଦୁ ମୁସଲମାନ ଶିଖ ଜଇନ
ବୌଦ୍ଧ ଖ୍ରୀଷ୍ଟିୟାନ
ତୁମ ସନ୍ତାନ,
ଆଶା କୁମୁଦିନୀର ବୟସ ତେର
ହେ କରୁଣା ସାଗର
କରୁଣା କର ।

+ଅଷ୍ଟମ ଶ୍ରେଣୀ
ସରସସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ, କଳାହାଣ୍ଡି
ମୋ: ୯୩୪୮୬୫୩୫୮୯



## ଗଛଟିଏ...

ପ୍ରତିଭା ଦାଶ

ଗଛଟିଏ କର ହେ ପ୍ରଭୁ
ସଭିଙ୍କୁ ଦେବି ମୁଁ ଛାଇ
ଆଶ୍ରୟ ନେବେ ପଶୁପକ୍ଷୀ
ମାନବ କ୍ଳାନ୍ତ ହୋଇ ।
ଯୋଗାଇବି ସୁସ୍ୱାଦୁ ଫଳ
ଭୋକିଲା ଜୀବଜନ୍ତୁକୁ
ଭଗବାନଙ୍କର ପୟରେ
କରିବେ ଅର୍ପଣ ତାକୁ ।
ଦେବି ମୁଁ ସୁବାସିତ ପୁଷ୍ପ
ଲାଗିବ ଦେବୀଙ୍କ ଶିରେ
ମହକିବ ସେ ପରିବେଶ
ତା' ଅପୂର୍ବ ବାସନାରେ ।
ଦେବି ଜଡ଼ିବୁଟି ସଭିଙ୍କୁ
ରୋଗ ହେବ ଯେ ମୋଚନ
ଦେବି ମୁଁ ଚନ୍ଦନର କାଠ
ପ୍ରଭୁଙ୍କ ହେବ ତିଳକ ।
ଦେବି ଅମ୍ଳଜାନ ପ୍ରାଣୀଙ୍କୁ
ବଞ୍ଚିବେ କରି ଗ୍ରହଣ
ଉନ୍ନତି ହେବ ମାନବର
ମୋ ବଂଶ ରଖିଲେ ଜୀବନ ।

+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି ନୂଆପଡ଼ା

# ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ଅବହେଳାକୁ ନେଇ ଦେବସେନ ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବସ୍ତା, ୦୨/୦୭ (ନି.ପ୍ର): ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଓ କର୍ମଚାରୀ ବଦଳି ଏବଂବିଭିନ୍ନ ଅବହେଳାକୁ ନେଇ ଗତ ୧୮ ତାରିଖରେ ବସ୍ତା ଦେବସେନା ସଂଗଠନ କର୍ମକର୍ତ୍ତା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଭେଟି ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଭିନ୍ନ ସମସ୍ୟା ମେଡିକାଲକୁ ଆସୁଥିବା ବିଭିନ୍ନ ଫଣ୍ଡ ଜରିଆରେ ଅର୍ଥ ହରିଲୋଟ ସମ୍ବନ୍ଧରେ ଏକ ଦାବିପତ୍ର ଗତ ତା ୧୦/୬।୨୦୨୫ ରିଖ ପ୍ରଦାନକରାଯାଇଥିଲା । ହେଲେ ୨୦ ଦିନ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ ନକରିବା ଏବଂ ଦେବସେନା କର୍ମକର୍ତ୍ତାଙ୍କ ଫୋନ ନ ଉଠାଇବା ମୋବାଇଲ ଫୋନ ସୁଇଚ ବନ୍ଦ କରିବା ଏବଂ ଅଭିଯୋଗ ପତ୍ରକୁ କାର୍ଯ୍ୟକରି ନକରିବା ପ୍ରତିବାଦରେ ଆଜି ଦିନ ୧୦ ଘଟିକା ସମୟରେ ବାହାର୍ଦା ପଞ୍ଚାୟତ ଗାନ୍ଧିଛକ ନିକଟରେ ଦେବସେନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।ବସ୍ତା ମୁଖ୍ୟ ଚିକିତ୍ସାଳୟ ଚାଲୁଥିବା ଅନିମତତାକୁ ଯାଞ୍ଚ କରି ତୁରନ୍ତ ପଦକ୍ଷେପ ଗ୍ରହଣ ନକରିବା ଦୁଃଖ ଓ ପରିତା ପର ବିଷୟ ବୋଲି ଦେବସେନା ଆଇଟିସେଲ ଅଧ୍ୟକ୍ଷ ବାବୁପାଣି ପ୍ରକାଶ



କରିଛନ୍ତି । ଦିର୍ଘଦିନଧରି ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ପ୍ରକା ରର ଅବହେଳା ରେ ରହିଅଛି । ମାସିକ ସ୍ୱାସ୍ଥ୍ୟମେଳା ଖାଲି କାଗଜ ପତ୍ରରେ ସୀମିତ ରଖିବା,ଗର୍ଭବତୀ ମାନଙ୍କ ପ୍ରସବ ସମୟରେ କର୍ମଚାରୀଙ୍କ ଦ୍ୱାରା ହାତଗୁଞ୍ଜା ମାଗିବା,ବାହାରୁ ଔଷଧ ଆଣିବା ପାଇଁ ରୋଗୀଙ୍କୁ ବାଧ କରିବା, କାର୍ଯ୍ୟରତ କର୍ମଚାରି ମାନେ କର୍ତ୍ତବ୍ୟରେ ଅବହେଳା କରୁଥିଲେମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ବା ଦୁଃଖ ଓ ପରିତାପର ବିଷୟ ହୋଇଛି । ଖୁଦ ଭାରପ୍ରାପ୍ତ ଅଧିକାରୀ ଡାକ୍ତରଖାନାରେ ନରହି ରୋଗୀ ଦେଖିବାତ ଦୂରର କଥା ତାଙ୍କୁ ସାକ୍ଷାତକରିବା କୁ ହେଲେ ସଧ୍ୟାରେ ଦେଖାକର ବୋଲି କହୁଛନ୍ତି । ଦିର୍ଘବର୍ଷଧରି ଗୋଟିଏ ମେଡିକାଲରେ ରହିବାଯୋଗୁ ଦୁର୍ନିତିରେ ଲମ୍ଫେଇ ଯାଇଛି ବୋଲି ଅଭିଯୋଗ ହୋଇଛି । ନୂତନ ଭାବେ ବସ୍ତା ମେଡିକାଲ ହୋଇଛି ହେଲେ ବିଭିନ୍ନ ବିଭାଗର ଡାକ୍ତର ନିଯୁକ୍ତି ନାହାନ୍ତି । ସାଧାରଣ ତ ପେଟ ଯନ୍ତ୍ରଣା ହେଲେ ରୋଗୀଙ୍କୁ ବାଲେଶ୍ୱର ପଠାଉଛନ୍ତି ।ଅଲଟ୍ରା ସାଉଣ୍ଡ ଡିଜିଟାଲ ଏକ୍ସରେ ଓ ଅନ୍ୟାନ୍ୟ ମେସିନ ଗୁଡ଼ିକ ଥାଇ ମଧ୍ୟ ଅଚଳ ଅବସ୍ଥାରେ ପଡିରହିଛି । ସବୁଠୁ ଦୁଃଖର ବିଷୟ ଡିଉଟି ନ କରି ଦୀର୍ଘ ଦଶ ବର୍ଷ ଧରି ବସି ରହିଥବା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦେବବ୍ରତ ଜେନା, ବି ପି ଏମ ଅରବିନ୍ଦ ଦିଣ୍ଡା ଓ ମୁଖ୍ୟ କିରାଣି ହିମାଂଶୁ ନାୟକଙ୍କୁ ଏଠାରୁ ଯଥାଶୀଘ୍ର ଅନ୍ୟତ୍ର ବଦଳି କରିବା ବା ସହିତ ମେଡିକାଲରେ ଆସୁଥିବା ଅର୍ଥକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବା ପାଇଁ ଦେବସେନା ପକ୍ଷରୁ ଓଡିଶାର ମୂଖ୍ୟମନ୍ତ୍ରୀ. ସ୍ୱାସ୍ଥ୍ୟମନ୍ତ୍ରୀ .ଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ତେବେ ଡାକ୍ତରଖାନାକୁ ବିଭିନ୍ନ ବିଭାଗରେ ଆସୁଥିବା ସରକାରୀ ଅର୍ଥ ଆତ୍ମସାତ କରିବା ଏବଂ ୨୦୨୨/ ୨୩/ ୨୪/୨୫ରେ ଆସି ଥିବା କାୟକଳ୍ପ ଟଙ୍କାର ଯାଞ୍ଚ ଓ ପ୍ରତି ମାସରେ ଆସୁଥିବା ସ୍ୱାସ୍ଥ୍ୟ ମେଳାର ଅର୍ଥରାଶି କୁ ତୁରନ୍ତ ଯାଞ୍ଚ କରାଇ ସାର୍ବଜନୀନ କରାଯାଉ ବୋଲି ସାମ୍ବାଦିକ ସମ୍ମିଳନୀ ରେ ଉପସ୍ଥାପନା କରିଛନ୍ତି । ସଂଗଠନ ଜିଲ୍ଲା ସଭାପତି ଶଙ୍କର କୁମାର ଜେନା,ଆଇଟି ସେଲ ଜିଲ୍ଲା ସଭାପତି ବାବୁ ପାଣି, ଅନ୍ତର୍ଯ୍ୟାମୀ ରାଉଳ, ନୀଳ ମାଧବ ସିଂହ, ପିନାକୀ ନାରାୟଣ ପ୍ରହରାଜ, ଉମେଶ ବେହେରାଙ୍କ ସମେତ ବହୁ ଦେବ ସୈନିକ ଉପସ୍ଥିତ ରହିନିଜର ମତ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି ଆଗାମୀ ୭ ଦିନ ମଧରେ ଡାକ୍ତର ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ସମସ୍ତ ଅର୍ଥର ତଦାରଖ କରା ନ ଗଲେ ଦେବସେନା ସଂଗଠନ ମେଡିକାଲ ସମ୍ମୁଖରେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଜିଲ୍ଲା ଅଧ୍ୟକ୍ଷ ଶଙ୍କର କୁମାର ଜେନା ଓ ଜିଲ୍ଲା ଆଇଟି ସେଲ ଅଧକ୍ଷ ବାବୁ ପାଣି ପ୍ରକାଶ କରିଛନ୍ତି ।

## କେନ୍ଦ୍ରାପଡାରେ ଓ.ଏ.ଏସ୍. ଅଫିସରଙ୍କ ସମୂହ ଛୁଟି

କେନ୍ଦ୍ରାପଡା, ୦୨/୦୭ (ନି.ପ୍ର):- କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓ.ଏ.ଏସ୍ ଅଧିକାରୀ ମାନେ ସମୂହ ଛୁଟିରେ ରହିଥିବା ଜଣାପଡିଛି । ଗତକାଲି ଭୁବନେଶ୍ୱର ସ୍ଥିତ ମହାନଗର ନିଗମର ଡେପୁଟି କମିଶନର ଅଫିସରେ କାର୍ଯ୍ୟରତ ଥିବାବେଳେ କେତେକ ଦୁର୍ବୃତ୍ତ ତାଙ୍କୁ ଅଫିସରୁ ଘୋଷାଡି ଆଣି ନିସ୍ଥୁକ ମାଡ ମାରିବା ଘଟଣା ସମଗ୍ର ରାଜ୍ୟରେ ଚହଳ ପକାଇ ଦେଇଛି । ରାଜ୍ୟ ଓ.ଏ.ଏସ୍ ସଂଘର ନିଷ୍ପତି କ୍ରମେ କେନ୍ଦ୍ରାପଡା ର ଓ.ଏ.ଏସ୍ ଅଧିକାରୀ ମାନଙ୍କ ଜରୁରୀ ବୈଠକ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଡିଏମ ରବିନ୍ଦ୍ର କୁମାର ମଲିକ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେରାବିଶ ବିଡିଓ ନମିତା ବାରିକଙ୍କ ସମେତ ବହୁ ଓ.ଏ.ଏସ୍ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ । ରାଜ୍ୟ ସଂଘର ନିଷ୍ପତି କ୍ରମେ ଆଜିଠାରୁ ସମସ୍ତେ ଓ.ଏ.ଏସ୍ ଅଧିକାରୀ ସଂଘର ପରବର୍ତୀ ନିଷ୍ପତି ପର୍ଯ୍ୟନ୍ତ ଛୁଟିରେ ଯିବାପାଇଁ ନିଷ୍ପତି ନେଇଛନ୍ତି ।

# ଅବସର ନେଲେ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ: ଖାଲି ପଡିଲା ପଦବୀ

ଜୟପୁର, ୦୨/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚିନ୍ କୁମାର ମଲ୍ଲିକ ଚାକିରିରୁ ଅବସର ଗ୍ରହଣ କରିଛନ୍ତି ତତ୍ ସହିତ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧିନରେ କାର୍ଯ୍ୟରତ ୩ ଜଣ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଛନ୍ତି ଓ ବିଭିନ୍ନ ସଂଗଠନ ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ଅପରପକ୍ଷରେ ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅବସରପ୍ରାପ୍ତ ୩ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ଉକ୍ତ ସଭାରେ ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶୋୟୀ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସଭାପତି ଶଶୀ ଭୂଷଣ ଦାସ, ବୋରିଗୁମ୍ମା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, କୁମୁଲି ସଭାପତି ରମାକାନ୍ତ ମହାପାତ୍ର, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚିନ୍ କୁମାର ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତି ସି ଏଚ୍ ଲକ୍ଷ୍ମୀ, ଶ୍ରୀମତି ପୁଷ୍ପଲତା ମହାରଣା ଓ ଶ୍ରୀମତି ମନୋରମା ମିଶ୍ର ମଂଚାସୀନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓ ଶ୍ରୀ ଦାଶ୍ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ନିଜର ଅଭିଭାଷଣରେ ଶ୍ରୀ ମଲ୍ଲିକଙ୍କ କାର୍ଯ୍ୟଶୈଳୀ ଉପରେ ତାଙ୍କର ଅଭିଭାଷଣ ପ୍ରଦାନ କରିବା ସହ ଶ୍ରୀ ମଲ୍ଲିକଙ୍କ ଅବସର ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀର ଅପୁରଣିୟ କ୍ଷତି ବୋଲି ବକ୍ତବ୍ୟ ରଖିଥିଲେ ଓ ଯେହେତୁ ବୋରିଗୁମ୍ମା ଓଡ଼ିଶାର ସର୍ବବୃହତ ବ୍ଲକ୍ ତେଣୁ ଉକ୍ତ ପଦବୀକୁ ଅତି ଶିଘ୍ର ପୁରଣ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିଥିଲେ ଓଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରୁ ସନ୍ତୋଷ ନାୟକ, ଗୋପାଳ ପାତ୍ର, କିଶୋର ସାହୁ, ସ୍ମୃତି ପଟ୍ଟନାୟକ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଶିକ୍ଷୟିତ୍ରୀ ମାନଙ୍କୁ ଫୁଲୋ ତୋଡ଼ା, ଉପଢୌକନ ଓ ଉପହାର ଦେଇ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଓପରିଶେଷରେ କିଶୋର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ ସଚିବଙ୍କୁ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କଲା ଓଡ଼ିଶା ଅମଲା ସଂଘ

ଜୟପୁର, ୦୨/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ ସଚିବଙ୍କୁ ତାଙ୍କ କାର୍ଯ୍ୟାଳୟ ଭିତରେ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କଲା ଓଡ଼ିଶା ଅମଲା ସଂଘ ଓ ଏନେଇ ଓଡ଼ିଶା ଅମଲା ସଂଘ ରାଜ୍ୟ ସାଧାରଣ ସମ୍ପାଦକ ପତ୍ର ସଂଖ୍ୟା ୧୦୯ ତା ୩୦ ୦୬ ୨୦୨୫ ରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି ଓ ଉକ୍ତ ଘଟଣାକୁ ନେଇ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି ଓ ସଭାପତି ଶଶୀଭୂଷଣ ଦାଶ୍ ଉକ୍ତ ଘଟଣାର ତୀବ୍ର ନିନ୍ଦା କରିବା ସହିତ, ଅତିରିକ୍ତ ସଚିବଙ୍କୁ ସୁରକ୍ଷା ଦେବା ସହିତ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ଅନୁରୋଧ କରିଥିଲେ ଓଶ୍ରୀ ଦାଶ୍ କହିଥିଲେ ଯେ, କର୍ମଚାରି ମାନେ ସରକାରଙ୍କ ସେବକ ହୋଇ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୁପାୟନ କରନ୍ତି ଦରକାର ସ୍ଥଳେ ଦିନରାତି ମଧ କାମ କରନ୍ତି ତାଙ୍କ ନିଜ କର୍ମଚାରିଙ୍କୁ ମାଡ଼ ମାରିବା ନିଶ୍ଚିତ ଭାବରେ ଲଜ୍ଜାଜନକ ବୋଲି ମତ ଦେଇଥିଲେ ଓ ସମସ୍ତ ଉପସ୍ଥିତ ଅମଲା କର୍ମଚାରି ଏଇ ଘଟଣାର ଦୃଢ଼ ନିନ୍ଦା କରିବା ସହିତ ଅତିରିକ୍ତ ସଚିବଙ୍କୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଅନୁରୋଧ କରିଥିଲେ । ଉକ୍ତ ବୈଠକରେ ସଞ୍ଜୟ କୁମାର ପଣ୍ଡା ସମ୍ପାଦକ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଜଗନ୍ନାଥ ଦାଶ, କୈଳାସ ସାମନ୍ତରାୟ, ପଦ୍ମେଶ୍ୱର ବିଷୋୟୀ, ବାଳ ଗୋପାଳ ମିଶ୍ର, ଗୈରି ପ୍ରସାଦ ଦାଶ୍, ସାନ୍ଟୁନୁ ଜେନା ବରିଷ୍ଠ ସଦସ୍ୟଙ୍କ ସମେତ ବହୁ ଅମଲା ଯୋଗଦାନ କରିଥିଲେ । ପରିଶେଷରେ ଶ୍ରୀ ଦାଶ୍ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

## ଅଜଣା ଗାଡ଼ି ଧକ୍କାରେ ଦୁଇ ମୃତ, ଜଣେ ଗୁରୁତର

କେନ୍ଦୁଝର, ୦୨/୦୭ (ନି.ପ୍ର): କି କେନ୍ଦୁଝର ଜିଲ୍ଲା ରିମୁଳି ଥାନା ଅନ୍ତର୍ଗତ ରିମୁଳି-ଯୋଡା ୫୨୦ ନମ୍ବର ଜାତୀୟ ରାଜପଥ ତଡୁଆବାହାଲ ଠାରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ସ୍କୁଟି ଆରାହୀଙ୍କୁ ଅଜଣା ଟ୍ରକ ଧକ୍କା ଦେବା ଫଳରେ ସ୍କୁଟିରେ ଥିବା ଦୁଇଜଣଙ୍କ ଘଟଣା ସ୍ଥଳରେ ମୃତ୍ୟ ହୋଇଥିବା ବେଳେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଜଣକୁ ଗୁରୁତର ଭାବେ ଭର୍ତି କରାଯାଇଥିବା ସୂଚନା ମିଳିଛି । ମୃତକ ଦୁଇ ଜଣ ହେଲେ ଯୋଡ଼ା ଥାନା ବିଲେଇପଦାର ନିରଞ୍ଜନ ମଲ୍ଲିକ ଓ ଦାମପୁର ଅଂଚଳର ସଚିନ ମହାକୁଡ ହୋଇଥିବା ବେଳେ ଗୁରୁତର ଜଣକ କଣ୍ଡରା ଗ୍ରାମର ମୁନା ମହାକୁଡ ବୋଲି ଜଣାପଡିଛି । ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଚମ୍ପୁଆ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ 'ଅନୁଭୂତିରେ ଶ୍ରୀଜଗନ୍ନାଥ'

ବାଲେଶ୍ୱର, ୦୨/୦୭ (ନି.ପ୍ର): ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ନବଦିବସୀୟ 'ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ'ର ପଞ୍ଚମ ଦିବସରେ ଅନୁଷ୍ଠାନର ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ତଥା କୋଷାଧକ୍ଷ ଦୀପକ ବୋଷଙ୍କ ସଂଯୋଜନାରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ରମାକାନ୍ତ ନାୟକ, କଲ୍ୟାଣୀ ନନ୍ଦ, ସ୍ନିଗ୍ଧା ସାମନ୍ତରାୟ, ସୁନାମଣି ଜେନା, ଅର୍ଚ୍ଚନା ନନ୍ଦୀ, ଅର୍ଚ୍ଚନା କର, ରାଜେନ୍ଦ୍ର ରାଉତ, ପୁଷ୍ପଲତା ଚକ୍ରବର୍ତ୍ତୀ, ନରେନ୍ଦ୍ର ନାଥ ପାଣିଗ୍ରାହୀ ପ୍ରମୁଖ ଶ୍ରୀଜଗନ୍ନାଥଙ୍କ ସଂପର୍କିତ ନିଜ ନିଜ ଅନୁଭୂତି




ବଖାଣି ଥିଲେ । ପ୍ରଭୁ ଜଗନ୍ନାଥଙ୍କ ପ୍ରତି ନିଜକୁ ସଂପୂର୍ଣ୍ଣ ସମର୍ପିତ କରି ମଣିଷ ଯେତେବେଳେ ନିଜର ସମସ୍ତ କାର୍ଯ୍ୟ ତୁଲାଇଥାଏ, ଆପଦବିପଦବେଳେ ସ୍ୱୟଂ ଜଗନ୍ନାଥ କେଉଁ ନା କେଉଁ ରୂପରେ ଆବିର୍ଭୂତ ହୋଇ ମଣିଷକୁ ବିପଦରୁ ଉଦ୍ଧାର କରନ୍ତି ବୋଲି ସମସ୍ତଙ୍କର ବକ୍ତବ୍ୟର ସାରମର୍ମ ଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ କୁମରନାଥ ପାତ୍ର ଓ ଡ. ହେମମାଳା ଦାଶଙ୍କ ଶୁଭଜନ୍ମଦିନ ଅବସରରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଶେଷରେ ଯୁଗ୍ମସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ କୁମାର ଗ୍ୱଟାର୍ଜୀ, ତପନ ରାୟ, କରୁଣାକର ସ, ଶରତ କୁମାର ମହାପାତ୍ର, ହରେକୃଷ୍ଣ ପଲେଇ, ଅନାଦୀ ଚରଣ ଜେନା, ନିରଞ୍ଜନ ରାଉତ, ବେଣୁଧର ସାହୁ, ଉଦୟ ଶଙ୍କର ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ଦୀପକ କୁମାର ଦାସ, ଲମ୍ବୋଦର ନାୟକ, ଉର୍ମିଳା ନାୟକ, ବିଦ୍ୟାଧର ସାହୁ, ସୁବ୍ରତା ମହାନ୍ତି, ମଧୁସୂଦନ ମାଝୀ, ଡ. କ୍ଷିତୀଶ୍ୱର ଦାଶ, ନିତ୍ୟାନନ୍ଦ ରାଉତ, ଡ. ରତ୍ନାକର ସିଂହ, ରମାକାନ୍ତ ମହାନ୍ତି, ତନ୍ମୟ ମିଶ୍ର ପ୍ରମୁଖ ବହୁ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ ।

# ଆଇନଜୀବୀଙ୍କ ଗିରଫକୁ ଜିଲ୍ଲା ଓକିଲ ସଂଘର ନିନ୍ଦା

କେନ୍ଦ୍ରାପଡା, ୦୨/୦୭ (ନି.ପ୍ର): ବାଲେଶ୍ୱର ଠାରେ ବରିଷ୍ଠ ଆଇନଜୀବୀ ପୁରୁଷୋତମ ଦାସଙ୍କୁ ପୋଲିସ ଗିରଫ ଓ ଆଇ.ଏ.ଏସ୍ ଅଫିସରଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥିବାରୁ କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ତରଫରୁ ଏକ ଜରୁରୀ ବୈଠକ ଜିଲ୍ଲା ଓକିଲ ସଂଘ ସଭାପତି ଗୋବର୍ଦ୍ଧନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏପରି କାର୍ଯ୍ୟକୁ ନିନ୍ଦା କରିବା ସହିତ ଏହାର ତୀବ୍ର ବିରୋଧ କରାଯାଇଛି । ଟ୍ରେନିଂରେ ଥିବା ଆଇ.ଏ.ଏସ୍. ଅଧିକାରୀଙ୍କ ଏଭଳି କାର୍ଯ୍ୟକଳାପକୁ ବିରୋଧ କରି ରାଜ୍ୟ ଆଇନଜିବୀ ପରିଷଦ ଓଡିଶା କଟକ ଏବଂ ବାଲେଶ୍ୱର ଜିଲ୍ଲା ଓକିଲ ସଂଘଙ୍କ ସହ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଚିଠି ପଠାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ସଭାରେ ଜିଲ୍ଲା ଓକିଲ ସଂଘ ସଂପାଦକ ନୃସିଂହ ରାଉତ, ଉପ ସଭାପତି ହାଡିବନ୍ଧୁ ସିଂହଙ୍କ ସହ ଭୀମସେନ ଭୂୟାଁ, ସରୋଜରାଜ ସିଂହ, ସହ ସଂପାଦକ ବିନୋଦ କୁମାର ବେହେରା, କୋଷାଧକ୍ଷ ବିଭୂତି ଭୂଷଣ କର, ମହିଳା ସଭ୍ୟ ରେଣୁବାଳା ସାମଲ, ହରି ପ୍ରସାଦ କର, ମମତାମୟୀ ସାମଲଙ୍କ ସହ ବହୁ ଆଇନଜିବୀ ଉପସ୍ଥିତ ରହି ଘଟଣାର ତୀବ୍ର ନିନ୍ଦା କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଜୟପୁର, ୦୨/୦୭ (ନି.ପ୍ର): ଜୟପୁର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ଆଜି ଦିନ ୧୨ଟା ୩୦ ମିନିଟ ସମୟରେ ପରିଦର୍ଶନ କଲେ କୋରାପୁଟ ଜିଲାପାଳ ଭି କିର୍ତିଭାସନ । ଜିଲାପାଳଙ୍କ ସହ ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡି , ତହସିଲଦାର ଚିତ୍ତ ରଞ୍ଜନ ପଟ୍ଟନାୟକ, ପୌର ଯନ୍ତ୍ରୀ ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ । ବର୍ତମାନ ଏହି ବିଦ୍ୟାଳୟ ଏକ ଅସ୍ଥାୟୀ କ୍ୟାମ୍ପସରେ ଆରମ୍ଭ ହୋଇଛି । ପ୍ରଥମ ଠାରୁ ପଞ୍ଚମ ଯାଏ ଶ୍ରେଣି ରହିଛି । ଜୁଲାଇରେ ପାଠ ପଢ଼ା ଆରମ୍ଭ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି । କେନ୍ଦ୍ରୀୟ ବିଦ୍ୟାଳୟକୁ ଜଗନ୍ନାଥ ସାଗର ନିକଟରେ ୮ ଏକର ଜମି ଦିଆଯାଇଛି । ସେହି ଜମିକୁ ମଧ ପରିଦର୍ଶନ କରିଥିଲେ ଜିଲାପାଳ । କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ହରିହର ପଣ୍ଡାଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ନାମ ଲେଖା ଜାରି ରହିଥିବା ଜିଲାପାଳ ସୂଚନା ଦେଇଥିଲେ ।

# ବଲାଙ୍ଗିର ସିନିୟର ନକଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଚତୁର୍ଥ ଦିବସ

ବଲାଙ୍ଗିର, ୦୨/୦୭ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆଜି ୮ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଟାଉନ ହାଇସ୍କୁଲ ପଡିଆରେ ସିସିଏଫ୍ଏ ବଲାଙ୍ଗିର ୧୧-୦ ଗୋଲରେ ସରକାରୀ ଆଇଟିଆଇ ଦଳ କୁ ହରାଇଛି । ଅତିଥି ଭାବେ କ୍ରୀଡା ସଂସଦର କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ । ଟୁର୍ଣ୍ଣାମେଂଟ କମିଟି ଅଧକ୍ଷ ହେମନ୍ତ କୁମାର ବେହେରା ଓ ପୂର୍ବତନ ଖେଳାଳି ପ୍ରଦୀପ ମହାରଣା ମଂଚାସିନ ଥିଲେ । ଖେଳକୁ ଜିତେନ୍ଦ୍ର ପାତ୍ର, ରାଜେନ୍ଦ୍ର ସେଠ, ବିକି ବିଶି, ଜିତୁ ଦଲାଇ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ଚନ୍ଦନଭାଟି ବନାମ ପ୍ରୋଗେସିଭ କ୍ଲବ ୨-୨ ଗୋଲରେ ଡ୍ର ରହିଥିଲେ । ଟ୍ରାଇବ୍ରେକର ୩-୧ ରେ ଚନ୍ଦନଭାଟି ଦଳ ବିଜୟୀ ହୋଇଛି । ଅତିଥି ଭାବେ ସୁଶ୍ରୀ ଡିପ୍ଲୋମା ଇଞ୍ଜିନିଅରିଂ ଅଧକ୍ଷା ନମିତା ପଟେଲ ଯୋଗ ଦେଇଥିବା ବେଳେ ପୂର୍ବତନ ଖେଳାଳି ଗରୁଡଧ୍ୱଜ ସାଏ ଓ ସୁନିଲ ଚନ୍ଦ୍ର ବିଶ୍ୱାଲ ମଂଚାସିନ ଥିଲେ । ଖେଳକୁ ସଂଜିବ ମହାରଣା, ନିଶାରକାନ୍ତ ନାଗ, ଜ୍ୟୋର୍ତିମୟ ରାଉତ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ । ଚୁଡାପାଲି ପଡିଆରେ ନକଟାସର ୧-୦ ଗୋଲରେ ରେଙ୍ଗଟାସିଲ କୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ଗୋପାଳ ପଟେଲ ଓ ରଘୁମଣି ମେହେର ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମଂଚାସିନ ଥିଲେ । ଖେଳକୁ ଜଳନ୍ଧର ସାହୁ, ପୁରୁଷୋତମ ବୁଡେକ, ମଂଟୁ ବେହେରା ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ । ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଚାନ୍ଦୋତରା ୮-୦ ଗୋଲରେ କେସି ୟୁନାଇଟେଡ କୁ ହରାଇ ବିଜୟୀ ହେଲା । ଖେଳକୁ ମଳୟ ଘିଭେଲା, ପ୍ରୀତମ ନାଏକ, ମୋହନ ପ୍ରଧାନୀ, ରାଜେଶ ସ୍ୱାଇଁ ଓ ଧବଳେଶ୍ୱର ଦଳବେହେରା ପରିଚାଳନା କରିଥିଲେ । ଜରାସିଂହା ମିନି ଷ୍ଟାଡିୟମ ରେ ମହିପୁର ୫-୨ ଗୋଲରେ ବର୍ଲା କୁ ହରାଇ ବିଜୟୀ ହେଲା । ପୂର୍ବତନ ଖେଳାଳି ନବୀନ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳକୁ ଶ୍ରୀବତ୍ସ ମେହେର, ଡୋଳାମଣି ବଗର୍ତି, କୁନ୍ତେ ମେହେର ଓ କୈଳାସ ଚନ୍ଦ୍ର ବଗର୍ତି ପରିଚାଳନା କରିଥିଲେ ।

# ଜଳସ୍ତର ବୃଦ୍ଧି ପୂର୍ବରୁ ମାଫିଆଙ୍କ ବାଲି ସଞ୍ଚୟ: ଚଢ଼ା ଦରରେ ବାଲି ବିକ୍ରି, ପ୍ରଶାସନ ନିରବ

ଜୟପୁର, ୧ ଜୁଲାଇ (ହି.ସ.) ବର୍ଷା ଆରମ୍ଭ ହୋଇଯାଇଛି । ନଦୀରେ ଜଳସ୍ତର ବୃଦ୍ଧି ଧୀରେ ଧୀରେ ହୋଇଛି । ହେଲେ ବାଲି ଦର ବୃଦ୍ଧି ପାଇଛି । ହଠାତ ଦର ବୃଦ୍ଧିର କାରଣ ପଚାରିଲେ ଘାଟରେ ଟ୍ରକ ପିଛା ଅଧିକା ଦେବାକୁ ପଡୁଛି ବୋଲି କୁହାଯାଇଛି । ଅନ୍ୟପଟେ, ଆଗକୁ ବର୍ଷା ୪ ମାସ ପାଇଁ ଏବେଠାକୁ ବାଲି ଘରେ ମଧ ଆରମ୍ଭ ହୋଇଯାଇଛି । ରାତି ଅଧିଆ ହାଇୱା ଟ୍ରକ ଯୋଗେ ଘାଟରୁ ନେଇ ବିଭିନ୍ନ ସ୍ଥାନରେ ଜମା କରାଯାଉଛି । ବର୍ଷା ଦିନେ ସେହି ବାଲିକୁ ଆହୁରି ଅଧିକରେ ବିକ୍ରି କରାଯିବ । ଏଭଳି ବେଆଇନ କାରବାର କରି ବାଲି ମାଫିଆ କାଇଦାନ ହେଉଥିଲା ବେଳେ ଘାଟାରେ ପଡୁଛନ୍ତି ସାଧାରଣ ଗ୍ରାହକ । କିନ୍ତୁ ପ୍ରଶାସନର ଏଥିପ୍ରତି ନିଘା ନାହିଁ । ଟ୍ରିପ ପିଛା ଶହରୁ ଛଅ ଶହ ଟଙ୍କା ବୃଦ୍ଧି ପଇଛି । ଏବେ ନାଲି ଟ୍ରାକ୍ଟର ପିଛା ୨୪ ଶହ ରୁ ୨୫ ଶହ ଟଙ୍କା ନିଆଯାଉଛି ଦୃଦ୍ଧି ହେବା ପଛରେ ମାଫିଆଙ୍କ ମନୋବୃରି ଥିବା କୁହାଯାଇଛି । ସାଧାରଣତଃ ଇଗାଣ ବର୍ଷା ମାସକରେ ଟ୍ରିପ ପିଛା ୮୦୦ରୁ ୧୨୦୦କୁ ବୃଦ୍ଧି ଏ ଜୁଲାଇରୁ ଅକ୍ଟୋବର ଯାଏ ୫ ଗୁଣା ଅକରେ ବିକ୍ରି ଲାଭବାନ ଲିଜଧାରୀ/ଚାଲାଣକାରୀ; ଘାଟାରେ ଗ୍ରାହକ । ଅଧିକାଂଶ ଘାଟ ଉପରେ ଅଙ୍କୁଶ ଲାଗିବା ସହେ ଏବେବି ବାଲି ଉଠାଣ ଜାରି ରହିଛି । ତେବେ ବାଲି ଯେଉଁ ଘାଟରୁ ବାଲି ଆସିଲେ ବି ସହରରେ ଟ୍ରାକ୍ଟର ଟ୍ରିପ ପିଛା ୧୮ ଶହ ଟଙ୍କା ଥିଲା । କିନ୍ତୁ ଗଲା ରଜ ସଂକ୍ରାନ୍ତି ପରଠୁ ହଠାତ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବୃଦ୍ଧି ପରେ ଘାଟ ଗୁଡିକ ବନ୍ଦ ହୋଇଯାଏ । ଏହି ସମୟରେ ଚାଲି ଉଠାଣ ସମ୍ଭବ ନଜ୍ଞାରୁ ଷ୍ଟକ ଦା ସଞ୍ଚ ବାଲି ଉପରେ ନିଜର କରିବାକୁ ପଡେ । ଏଭଳି ସ୍ଥିତି ସବୁବେଳେ ଲାଗିରହିବାରୁ ଚଳିତ ଥର ବାଲି ମାଫିଆମାନେ ଆଗୁଆ ସତର୍କ ହୋଇପଡିଛନ୍ତି । ମାପିଆମାନେ ଏବେଠାରୁ ବାଲି ଆଣି ସଞ୍ଚୟ କରୁଥିବା ଦେଖିଲାକୁ ମିଳୁଛି । ପ୍ରତି ରାତି ୧୨ଟାରୁ ଭୋର ସମୟ ମଧରେ ସଂଖ୍ୟାଧିକ ଟ୍ରାକ୍ଟର ଓ ହାଇଠାରେ ବାଲି ବୋଝେଇ କରି ସହର ଓ ଉପକଣ୍ଠକୁ ନେଇ ଜମା କରାଯାଉଛି । ନଦୀରେ ପାଣି ଆସିବା ପରେ ତାହାକୁ ଟ୍ରିପ ପିଛା ୫ ଗୁଣା ଅଧିକେ ଦାମରେ ବିକ୍ରି କଳାଯିବ । ଏହି ବେଆଇନ କାରବାରରେ ଉଭୟ ଚାଲାଣିକାର ଲାଭବାନ ହେଉଛନ୍ତି । ଘାଟ ଲିଜଧାରୀ ସବୁ କଟକଣା ଭୂରି ଧାର୍ଯ୍ୟ ଠାରୁ ଅଧିକେ ବାଲି ଖନନ କରୁଥିଲା ବେଳେ ତାଙ୍କୁ ଅଧିକ ଦର ଦେଇ ଚାଲାଣକାରୀମାନେ ବାଲି ନେଇ ଠୁଳ କରୁଛନ୍ତି । ଏପଟେ ବାଲିର ଅଭାବ, ନଦୀରେ ଜଳସ୍ତର ବୃଦ୍ଧିକୁ ଆଳ କରି ଦର ବୃଦ୍ଧି କରାଯାଇଛି । ଏପରିକି ଅର୍ଥ ଲୋକରେ ମାଫିଆମାନେ କେତେକ ବନ୍ଦ ପୂବା ବାଲିଘାଟରୁ ଖନନ କରୁବା ଅଭିଯୋଗ ହେଉଛି । ଆଗାମୀ ଜୁଲାଇରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ନଦୀରୁ ବାଲି ଉଠାଣ ସମ୍ଭବ ହେବନାହିଁ । ଏହି ସୁଯୋଗରେ ମାଫିଆମାନେ ଆସନ୍ତା ୪ ମାସ ଚାଲି ଚିକ୍ରି କରି ମୋଟା ଅକର ଆୟ କରିବେ । ଏଥିପାଇଁ ରାତି ହେଲେ ବାଲି ଗାଡିର ବେସ ବଢିଯାଉଛି । ଅଞ୍ଚଳ ଜିଲ୍ଲା ପ୍ରଶାସନ, ପୋଲିସ କିମ୍ବା ଖଣି ବିଭାଗ ଏ ପ୍ରତି ଦୃଷ୍ଟି ଦେଇନାହିଁ । ଏଥିରେ ରୋକ ଲଖାଇବାକୁ ସାଧାରଣରେ ବାଟି ହୋଇଛି ।

# ପାଟନାଳୀ ହେଉନି ସଫେଇ : ଚାଷଜମି ଜଳମଗ୍ନ, ଚିନ୍ତାରେ ଚାଷୀ

ସାଲେପୁର , ୦୨/୦୭ (ନି.ପ୍ର): କଟକ ଡ୍ରେନେଜ୍ କଟ୍ ପକ୍ଷରୁ ପ୍ରତିବର୍ଷ ଡ୍ରେନେଜ୍ ସଫା ହେବାକୁ ଅର୍ଥ ମଞ୍ଜୁର ହୋଇଥାଏ । ତାହା କେବଳ ଠିକାଦାର ଯନ୍ତ୍ରୀ ଜାଣିଥାଆନ୍ତି । ଚାଷୀଙ୍କୁ ଅଜ୍ଞାତରେ ରଖି ଲୁଟି ଖାଇଥାଆନ୍ତି ଠିକାଦାର ଯନ୍ତ୍ରୀ ହେଲେ ଚାଷୀମାନେ ଚାଷ କରିନପାରି ମୁଣ୍ଡରେ ହାତ ଦେଇ ବସିଥାଆନ୍ତି । ଏବେ ଚାଷୀମାନେ ତଳିଘେରା ପ୍ରସ୍ତୁତ କରି ତଳି ପକାଇବା ସହ ଯେଉଁଚାଷୀମାନେ ଧାନ ବୁଣାକାମ (ବୁଆ)କରିଛନ୍ତି ସେହି ଚାଷଜମିଗୁଡିକ ଏବେ ଜଳମଗ୍ନ ହୋଇ ରହିଛି ହଳରେ ଚାଷୀ ନା ପକାଇପାରିଛି ଧାନ ତଳି ନା କରିପାରୁଛି ବୁଆ ବେଉଷଣ । ବୁଆ ଧାନ କିଆରୀରେ ଆଣ୍ଠୁଏ ପାଣି । ପାଣି ଜମିରହିବା ଫଳରେ ଧାନ ଗଛ ଗୁଡିକ କଟିବାରେ ଲାଗିଲାଣି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବଗୁଲିପଡା ମାଇନର ପାଟନାଳୀରେ । ଏହି ପାଟନାଳୀ ନଗସପୁର ବାଲିଗରଡାଠାରୁ ଦାଉଦପୁର, ବୋଧଙ୍ଗ, ବଙ୍ଗୁଲୀପଡା ଓ ନରାଜପୁର ଦେଇ ପ୍ରବାହିତ । ଏହି ପାଟନାଳୀ ସଫେଇ ନହେବାରୁ ସେ ଅଂଚଳର ଶହ ଶହ ଏକର ଚାଷଜମିରେ ଚାଷ କାମ ହେବା ପାଇଁ ଆଶଙ୍କା ଦେଖାଦେଇଛି । ପ୍ରତିବର୍ଷ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ ସଠିକ୍ ସମୟରେ ପାଟନାଳୀ ସଫେଇ ନହେବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି ।

# ବନ ବିଭାଗ ପକ୍ଷରୁ ତାରିଣୀ ମନ୍ଦିର ପରିସରରେ ୭୬ତମ ବନସପ୍ତାହ ପାଳିତ

କେନ୍ଦୁଝର, ୦୨/୦୭ (ନି.ପ୍ର): ୭୬ ତମ ବନ ସପ୍ତାହ ଆରମ୍ଭ ହୋଇଛି । ଏହି ଅବସରରେ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଘଟଗାଁ ରେଞ୍ଜ ଆୟୋଜନରେ ଘଟଗାଁ ତାରିଣୀ ମନ୍ଦିର ପରିସରରେ ବନ ସପ୍ତାହ ପାଳନ ହୋଇଛି । ଏହି ସପ୍ତାହ ଅବସରରେ ଘଟଗାଁ ରେଞ୍ଜର ସରୋଜ ମିଶ୍ର, ତହସିଲଦାର ଚାରୁଲତା ସିଂ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ସରପଂଚ ରିମାଲତା ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ମନ୍ଦିର ବରିଷ୍ଠ ପୂଜକ ରବିନାରାୟଣ ଦେହୁରୀ ପୂଜାର୍ଚ୍ଚନା କରିଥିବା ବେଳେ ଏହି ଅବସରରେ ସ୍ଥାନୀୟ ବୁଦ୍ଧିଜୀବୀ, ସାମ୍ବାଦିକ ଓ ବନ କର୍ମଚାରୀ ମାନେ ମନ୍ଦିର ପରିସରରେ ବୃକ୍ଷ ରୋପଣ କରିଥିଲେ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଓ ସ୍ୱାଗତ ଉତ୍ସବ



ଜଳେଶ୍ୱର, ୦୨/୭ (ନି.ପ୍ର): ଜଳେଶ୍ୱର ବ୍ଲକ ରାୟାଁ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ସ୍ଥିତ ଏକତାଳି ଗ୍ରାମରେ ୧୯୫୮ ମସିହାରେ ପ୍ରତିଷ୍ଠିତ ସରକାରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦେ ଓ ମଧ ଇଂରାଜୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ର ନାଥ ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ।ଏହି ଉତ୍ସବରେ ଗ୍ରାମର ବରିଷ୍ଠ ବ୍ୟକ୍ତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୃଷ୍ଟିଧର ସାସମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଥିଲା ।ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଉପସ୍ଥିତ ହୋଇ ଶିକ୍ଷକ ଶିକ୍ଷୟତ୍ରୀ କର୍ତ୍ତବ୍ୟ ପରାୟଣ ଓ ସମୟ ବର୍ତ୍ତିତା ହେବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ବିଦାୟ ନେଉଥିବା ଦୁଇ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଚାକିରୀ କାଳ ମଧ୍ୟରେ ତାଙ୍କର କାର୍ଯ୍ୟକଳାପ ବିଷୟରେ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି, ବାଘମାରି କ୍ଲଷ୍ଟରର ସିଆରସିସି ସୁବ୍ରତ କୁମାର ସେନାପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଖଗେନ୍ଦ୍ର ନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ସାହୁ,ଲକ୍ଷ୍ମୀଧର ଗିରି, ସୁଦର୍ଶନ ସାସମଲ, ବିଦ୍ୟାଳୟର ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣି ଦେ, ଏକତାଳି ମଧ ଇଂରାଜୀ ବିଦ୍ୟାଳୟର ବିଦାୟୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜେନ୍ଦ୍ର ନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ପାଳ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ କମିଟିର ସଭାପତି ଭବଶଙ୍କର ସାହୁଙ୍କ ସହ ସମସ୍ତ ସଦସ୍ୟ ସଦସ୍ୟା ତଥା ସହକାରୀ ଶିକ୍ଷକ ଅଜିତ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଦେବସ୍ମିତା ନନ୍ଦ ବ୍ରହ୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କ ଦ୍ୱାରା ବିଦାୟୀ ଶିକ୍ଷକ ଶିକ୍ଷୟତ୍ରୀ ଦୁଇ ଜଣଙ୍କୁ ଉପଢୌକନ, ମାନପତ୍ର ସହିତ ଅଙ୍ଗବସ୍ତ୍ର ଓ ବିଭିନ୍ନ ସାମଗ୍ରୀ ପ୍ରଦାନ କରା ଯାଇଥିଲା ।ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀଙ୍କ ତରଫରୁ ବିଭିନ୍ନ ପ୍ରକାର ସାମଗ୍ରୀ ତଥା ବାଘମାରୀ କ୍ଲଷ୍ଟରର ଶିକ୍ଷ ଶିକ୍ଷୟତ୍ରୀଙ୍କ ପକ୍ଷରୁ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟିର ସଭାପତି ଭବଶଙ୍କର ସାହୁ ଓ କମିଟିର ସଭ୍ୟ ସଭ୍ୟା,ଗ୍ରାମମୁଖ୍ୟ ଶୁଭାଶିଷ ପାଳ ଓ ବିଜୟ କୁମାର ପାଳ,କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ବସ୍ତା, ୦୨/୭ (ନି.ପ୍ର): ବସ୍ତା ଅବସର ପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଅଷ୍ଟମ ବେତନ କାର୍ଯ୍ୟକାରୀ ପାଇଁ ବସ୍ତା ବିଡିଓ ମିହିର ରଞ୍ଜନ ବେହେରାଙ୍କ ଜରିଆରେ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସିଭିଲ ଓ୍ୱାରିୟର ବିବେଚନାକରି ୧୯ ୭୨ ମସିହା ସେଣ୍ଟ୍ରାଲ ସିଭିଲ ରୋଲ ଅନୁସାରେ କେନ୍ଦ୍ର ଓ ରାଜ୍ୟ ସରକାର ଅଧିନରେ ସମସ୍ତ କର୍ମଚାରୀଙ୍କୁ ପେନସନ ଦେଇ ଆଶୁଛନ୍ତି । ହେଲେ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉନଥିବା ନେଇ ଅବସର କର୍ମଚାରୀ ସଂଘ ଅଭିଯୋଗ ବାଢିଛନ୍ତି । ଏନେଇ ଆଜି ସଂଘର ସଭାପତି ଶିଶିର କୁମାର ରଥ ସମ୍ପାଦକ କୁମୁଦ ରଞ୍ଜନ ଗିରି, ଉପଦେଷ୍ଟା ଶଙ୍କର କୁମାର କର, କାର୍ଯ୍ୟକାରୀ ସଭାପତି ଗଗନ ବିହାରୀ ଜେନା, ଶ୍ରୀପତି ଚରଣ ପାତ୍ର, ବିଜୟକୃଷ୍ଣ ପ୍ରମାଣିକ, ସମେତ ପ୍ରାଣକୃଷ୍ଣ ବାଗ, ମଳୟ ନନ୍ଦ, ବିଶ୍ୱନାଥ ସେଠୀ, ହରିଶ୍ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ଜେନା ଉପସ୍ଥିତ ରେପ୍ରଧାନମନ୍ତ୍ରୀ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରିବା ସହିତ ପୂର୍ବରୁ ଓଡିଶାର ମୂଖ୍ୟମନ୍ତ୍ରୀ ମଧ୍ୟ ଦାବିପତ୍ର ପ୍ରେରଣ କରିଛନ୍ତି ବୋଲି ସଂଘ ସଭାପତି ଶ୍ରୀଯୁକ୍ତ ରଥ ପ୍ରକାଶ କରିଛନ୍ତି।

## ପୋଖରୀରେ ବୁଡ଼ି ମୂକ ଯୁବକଙ୍କ ମୃତ୍ୟୁ

ଭଦ୍ରକ, ୦୨/୭ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ନଦୀଗାଁ ପଂଚାୟତ ର ତିନିଘରିଆ ଗ୍ରାମ ର ଉମାକାନ୍ତ ବସନ୍ତିଆ ଙ୍କ ପୁଅ ଜ୍ୟୋତି ବସନ୍ତିଆ ( ୧୯ ) ବୁଧବାର ଦିନ ୨ ଟା ସମୟରେ ନିକଟସ୍ତ ପୋଖରିକୁ ଶୌଚ ହେବାକୁ ଯାଇଥିବା ବେଳେ ସେଠାରେ ପାଣିରେ ବୁଡି ଯାଇ ଥିଲେ। ଘର ଲୋକ ଖୋଜା ଖୋଜି କରି ଉକ୍ତ ପୋଖରୀ ରୁ ଜ୍ୟୋତିର ମୃତଦେହ ଉଦ୍ଧାର କରିଥିଲେ । ଖବର ପାଇ ଧୁଷୁରି ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିଛନ୍ତି। ଏ ସଂପର୍କ ରେ ଥାନା ରେ ଏକ ଅପମୃତୁ ମାମଲା ରୁଜୁ ହୋଇଛି । ପ୍ରକାଶ ଥାଉ କି ମୃତ ଯୁବକ ଜ୍ୟୋତି ଜଣେ ମୂକ ହୋଇ ଥିବାରୁ ପାଣିରେ ପଡି ଯିବାପରେ କାହାରିକୁ ଡାକି ପାରି ନଥିଲା । ଫଳରେ ତାର ମୃତ୍ୟୁ ହୋଇ ଥିଲା।

## କନ୍ୟା ସନ୍ତାନ ପାଇଁ ସୁକନ୍ୟା ସମୃଦ୍ଧି ଆକାଉଂଟ ଖୋଲନ୍ତୁ : ପ୍ରମିଳା ପଣ୍ଡା



ଉଦଳା , ୦୨/୭ (ନି.ପ୍ର): କନ୍ୟା ସନ୍ତାନ ପାଇଁ ସୁକନ୍ୟା ସମୃଦ୍ଧି ଆକାଉଂଟ ଖୋଲିବାକୁ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅନୁରୋଧ ଜଣାଇଛନ୍ତି । ଏହି ସୁବିଧା ସମସ୍ତ ଡ଼ାକ ଘର, ସରକାରୀ ବ୍ୟାଙ୍କ ଶାଖା ଏବଂ ଘରୋଇ ବ୍ୟାଙ୍କ ଶାଖାରେ ଉପଲବ୍ଧ। ସୁକନ୍ୟା ସମୃଦ୍ଧି ଯୋଜନା ହେଉଛି ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଆର୍ଥିକ ସଂଚୟ ମୂଳକ ଯୋଜନା । ଏହି ଯୋଜନା କେବଳ କନ୍ୟା ସନ୍ତାନ ମାନଙ୍କ ପାଇଁ ପ୍ରଯୁଜ୍ୟ । ପିତା ମାତାଙ୍କୁ ସେମାନଙ୍କ କନ୍ୟା ସନ୍ତାନର ଭବିଷ୍ୟତ ଶିକ୍ଷା ଏବଂ ବିବାହ ଖର୍ଚ୍ଚ ପାଇଁ ପାଣ୍ଠି ଗଠନ କରିବାକୁ ଉତ୍ସାହିତ କରିଥାଏ । ଉକ୍ତ ଯୋଜନାରେ ଗୋଟିଏ ଆର୍ଥିକ ବର୍ଷରେ ସର୍ବ ନିମ୍ନ ୨୫୦ ଟଙ୍କା ଏବଂ ସର୍ବାଧିକ ୧ ଲକ୍ଷ ୫୦ ହଜାର ଟଙ୍କା ରଖିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଭାରତ ସରକାରଙ୍କର ଅର୍ଥ ବିଭାଗ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ବେଳେ ଅଧିକ ସୂଚନା ପାଇଁ ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ନଗରପାଳ ଶ୍ରୀମତି ପଣ୍ଡା ଜଣାଇଛନ୍ତି ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଚାଳନା ପାଇଁ ସମୀକ୍ଷା ବୈଠକ

ବାଲେଶ୍ୱର, ୦୨/୭ (ନି.ପ୍ର): ଫକୀର ମୋହନ ମେଡିକାଲ କଲେଜର ବିଭିନ୍ନ ବିଭାଗ ରେମୁଣା ସ୍ଥିତ ମୁଖ୍ୟ କ୍ୟାମ୍ପସକୁ ସ୍ଥାନାନ୍ତରଣ ପରେ ସ୍ୱାସ୍ଥ୍ୟସେବାକୁ ନେଇ ଉଜୁପିଥିବା ସମସ୍ୟାର ମୁକାବିଲା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଚାଳନା ଏବଂ ଉନ୍ନତିକରଣ ନେଇ ଏକ ସମୀକ୍ଷା ବୈଠକ ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଟ୍ରେନିଂ ସେଂଟରରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ହସପିଟାଲ ସୁପରିଟେଂଡେଟ୍ ଡାକ୍ତର ଗିରିଜା ଶଙ୍କର ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ ଓ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପୀନାକି ସ୍ୱାଇଁ ପ୍ରମୁଖଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ବିଭାଗର ଡାକ୍ତର ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ବିଧାୟକ ଶ୍ରୀ ଦତ୍ତ ସାମ୍ପ୍ରତିକ ସ୍ଥିତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ନର୍ସ, ଟେକ୍ନିସିଆନ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା, ସେମାନଙ୍କ କାର୍ଯ୍ୟ ଶୈଳୀ, ଉପସ୍ଥାନ ଓ ବିଭିନ୍ନ ବିଭାଗର ସର୍ବନିମ୍ନ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ । ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାର ସୁପରିଚାଳନା ପାଇଁ ସର୍ବନିମ୍ନ ଆବଶ୍ୟକତା ଅନୁଯାୟୀ ଡାକ୍ତର ପଦବୀ ପୂରଣ ନିମନ୍ତେ ସେ ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଥିଲେ । ରାଜ୍ୟରେ ବା ବାଲେଶ୍ୱରରେ ଡାକ୍ତର ଅଭାବ ସମସ୍ୟା ଆଜି ବା କାଲିର ନୁହେଁ ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ବି ପୂର୍ବ ସରକାର ଏହାର ସମାଧାନ ନେଇ କୌଣସି ପଦକ୍ଷେପ ନେଇନଥିଲେ । ତେବେ ଖୁସିର ବିଷୟ ଯେ, ନୂତନ ସରକାର ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଏ ଦିଗରେ ସଫଳ ହୋଇପାରିଛନ୍ତି । ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶା ଲୋକସେବା ଆୟୋଗଙ୍କ ମାଧ୍ୟମରେ ନୂତନ ନିଯୁକ୍ତି ପାଇଁ ପ୍ରାୟ ୬ହଜାର ୫ଶହ ଡାକ୍ତର ଚୟନ ହୋଇଥିବା ବେଳେ ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାରେ ମଧ ଆବଶ୍ୟକତା ଅନୁଯାୟୀ ଡାକ୍ତରଙ୍କ ସଂଖ୍ୟା ପୂରଣ ହେବ ବୋଲି ସେ ଆଶ୍ୱାସନା ଦେଇଥିଲେ । ସେହିପରି ବିଭିନ୍ନ ବିଭାଗରେ ଆବଶ୍ୟକତା ଥିବା ନର୍ସିଂ ଷ୍ଟାଫ୍‌ଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପାଇଁ ସାତ ଦିନ ମଧ୍ୟରେ ବାହାର ଜିଲ୍ଲାର ସରକାରୀ ହସପିଟାଲ ଅଥବା ଆଉଟ ସୋର୍ସିଂରୁ ମାନବସମ୍ବଳ ଯୋଗାଡ କରାଯିବ । ଡେଂଟାଲ ବିଭାଗରେ ଅନ୍ୟ ଡାକ୍ତରଖାନାରୁ ଅତିରିକ୍ତ ଡାକ୍ତରଙ୍କୁ ଦାୟିତ୍ୱ ପ୍ରଦାନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଥିବା ସର୍ବନିମ୍ନ ୬ଜଣ ଫାର୍ମାସିଷ୍ଟଙ୍କୁ ତୁରନ୍ତ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ । ସେହିପରି ଚକ୍ଷୁ ବିଭାଗରେ ମୋଡ୍ୟୁଲାର ଅପରେସନ ଥିଏଟର ସ୍ଥାପନ ପାଇଁ ଦୁଇ ବର୍ଷ ହେଲା ଅର୍ଥ ଆସି ପଡି ରହିଥିବା ବେଳେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ତୁରନ୍ତ ପୁନଃ ମୂଲ୍ୟାଙ୍କନ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନୂତନ ଏଜେନ୍ସି ଚୟନ ହେବ । ତେବେ ଅଲଟ୍ରା ସାଉଣ୍ଡ ମେସିନ ଅଭାବକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବାରୁ ବିଧାୟକଙ୍କ ପାଣ୍ଠିରୁ ଅନ୍ୟ ଏକ ମେସିନ ପାଇଁ ଅନୁଦାନ ଦିଆଯିବ ବୋଲି ଶ୍ରୀ ଦତ୍ତ ଏହି ବୈଠକରେ ଘୋଷଣା କରିଥିଲେ । ସବୁଠାରୁ ବଡକଥା ହେଲା, ବୈଠକରେ ବିଧାୟକ ପ୍ରତ୍ୟେକ ବିଭାଗର ଅଭାବ ଓ ଆବଶ୍ୟକତାକୁ ନେଇ ସମୀକ୍ଷା ସହ ପତ୍ୟେକ ସମସ୍ୟାର ସମାଧାନ ପାଇଁ ତ୍ୱରିତ ବେଗରେ ପଦକ୍ଷେପ ନିଆଯାଉଥିବା କହିଥିଲେ । କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଭୁଲ ମସୁଧା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବଦନାମ ପାଇଁ ଅପପ୍ରଚାର ଚଳାଇଥିବା ବେଳେ ଏହାକୁ ଭୃକ୍ଷେପ ନକରି ଡାକ୍ତର ଓ ନର୍ସମାନେ ନିଜର ମାନବିକତାପୂର୍ଣ୍ଣ କର୍ତ୍ତବ୍ୟ ସମ୍ପାଦନ ପାଇଁ ବିଧାୟକ ଶ୍ରୀ ଦତ୍ତ ନିବେଦନ କରିଥିଲେ ।

## ପୋକରା ଚାଉଳକୁ ବିରୋଧ କରିବାରୁ ସ୍ୱୟଂସହାୟିକା ଗୋଷ୍ଠୀ ସମ୍ପାଦିକାଙ୍କ ତୁମୁଳକାଣ୍ଡ

ଭଦ୍ରକ, ୦୨/୭ (ନି.ପ୍ର): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୨୯ ଜଣ ଛାତ୍ରଛାତ୍ରୀଙ୍କୁ ପୋକରା ଓ ନଷ୍ଟ ହୋଇଯାଇଥିବା ଚାଉଳକୁ ରାନ୍ଧିବାବେଳେ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ପହଞ୍ଚି ଚାଉଳକୁ ନରାନ୍ଧିବା ପାଇଁ ତାଗିଦ୍ କରିଥିଲେ । ପରେ ପରେ ସେ ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧର କୁମାର ତରାଇ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀମତୀ ମଞ୍ଜୁଳା ନାୟକଙ୍କୁ ଫୋନ୍‌ରେ ଜଣାଇଥିଲେ । ଏହାପରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ କୁମାର ବିଶ୍ୱାଳ, ସଭ୍ୟ ଓ ଅଭିଭାବକମାନେ ଉପସ୍ଥିତ ହୋଇ ଏପରି ଚାଉଳକୁ ରାନ୍ଧିବା କୋମଳମତି ଶିଶୁମାନଙ୍କ ପାଇଁ ବିପଦ୍‌ଜନକ ହୋଇଥିବାରୁ ଏହାକୁ ତୀବ୍ର ବିରୋଧ କରିଥିଲେ । ମା’ ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ନମିତା ଭାରତୀ ଦୁଇଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧାରୀଙ୍କୁ ଓଲଟା ଏହି ଚାଉଳ କାହିଁକି ରାନ୍ଧିବେ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ପରାମର୍ଶକୁ ନମାନି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟକୁ ପଶିଆସି ପାଟିତୁଣ୍ଡ କରିଥିଲେ ଏବଂ ସେହି ଚାଉଳକୁ ରାନ୍ଧିବା ପାଇଁ ଜିଦ୍ ଧରିଥିଲେ । ପରେ ସମସ୍ତେ ବିରୋଧ କରିବାରୁ ଏହାକୁ ବଦଳାଇ ନୂତନ ହୋଇ ଆସିଥିବା ଚାଉଳକୁ ଆଣି ରାନ୍ଧିବା ପାଇଁ ଦେଇଥିଲେ । ପ୍ରକାଶଥାଉକି, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ମଧାହ୍ନ ଭୋଜନ ଉପରେ ଗୁରୁତ୍ୱ ଦେଇ ଗୁଣାତ୍ମକ ଖାଦ୍ୟ ଦେବାପାଇଁ ନିର୍ଦ୍ଦେଶ ଥିବାବେଳେ ଏବଂ ଏଭଳି ନଷ୍ଟ ଓ ନିମ୍ନମାନର ଚାଉଳକୁ ନଦେବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଚିଠି ହୋଇଥିଲେ ମଧ ମା’ ମନୀଷାଦେବୀ ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ସରକାରଙ୍କ ଏହି ନିର୍ଦ୍ଦେଶ ଓ ଉଦ୍ଦେଶ୍ୟକୁ ଖୋଲାଖୋଲି ଉଲ୍ଲଘନ କରିବାର ଏହା ଏକ ଚରମ ନିଦର୍ଶନ ବୋଲି ମନେ ହୁଏ । ସଂପାଦିକାଙ୍କ ଏତାଦୃଶ ବ୍ୟବହାର ଓ ମନୋବୃତ୍ତିରେ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା, ଛାତ୍ରଛାତ୍ରୀ ଏବଂ ନିକଟସ୍ଥ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି ।

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଶ୍ରୀଜଗନ୍ନାଥ କବିତା ପାଠ

ବାଲେଶ୍ୱର, ୦୨/୭ (ନି.ପ୍ର): ପବିତ୍ର ଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପାଳନ କରାଯାଉଥିବା ନବଦିବସୀୟ ‘ରଥରୁ ବାହୁଡ଼ା: ସାଂସ୍କୃତିକ କାର୍ଯ୍ୟକ୍ରମ’ର ଷଷ୍ଠ ଦିବସରେ ଅନୁଷ୍ଠାନର ଉପସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ତଥା କଲ୍ୟାଣୀ ନନ୍ଦ ଓ ଶାନ୍ତିଲତା ପଣ୍ଡାଙ୍କ ମିଳିତ ସଂଯୋଜନାରେ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ କୃଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଡକ୍ଟର ରମାକାନ୍ତ ନାୟକ, ମଧୁସୂଦନ ମାଝୀ, ସମର ବଲ୍ଲଭ ଭୋଇ, ରିତେଶ କୁମାର ଦାଶ, ଦୀପକ ବୋଷ, ଦୀନବନ୍ଧୁ ଲେଙ୍କା, ଅର୍ଚ୍ଚନା କର, ସୁବ୍ରତା ମହାନ୍ତି, ପ୍ରଭାକର ସାହୁ, ତପନ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ଶତପଥୀ, ପୁଷ୍ପଲତା ଚକ୍ରବର୍ତ୍ତୀ, ଅଞ୍ଜଳି ପଣ୍ଡା, ଅର୍ଚ୍ଚନା ନନ୍ଦୀ, ରବୀନ୍ଦ୍ର କୁମାର ପରିଡ଼ା, ଡ. ରତ୍ନାକର ସିଂହ, ଡ. କ୍ଷିତୀଶ୍ୱର ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଦୀପ କୁମାର ଚଟ୍ଟାର୍ଜୀ, ଶରତ କୁମାର ମହାପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ନିବାରଣ ଜେନା, ଦୀପକ ଦାସ, ତପନ ରାୟ, କରୁଣାକର ସ, ରାଜେନ୍ଦ୍ର ରାଉତ, ବେଣୁଧର ସାହୁ, ଉର୍ମିଳା ନାୟକ, ନରେନ୍ଦ୍ରନାଥ ପାଣିଗ୍ରାହୀ, ଲମ୍ବୋଦର ନାୟକ, ତ୍ରିନାଥ ନନ୍ଦୀ, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ବହୁ ସାହିତ୍ୟିକ ଓ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଏମସି କମିଶନରଙ୍କୁ ...

ତାଙ୍କୁ ଘଟଣା ସମ୍ପର୍କରେ ଅବଗତ କଲି । ଆମ ପରିବାରର କଥା । ଯାହା କହିବା କଥା କହିଛି । ଏବେ ମୁଁ ଘରକୁ ଯାଉଛି ।” ଶ୍ରୀ ପ୍ରଧାନଙ୍କ ଏହି ଦୁଇପଦ କଥା ଓ ତାଙ୍କର ଦମ୍ଭୋକ୍ତି ପରେ ସେ ଗିରଫ ହେବା ଅବା ଆତ୍ମସର୍ମପଣ କରିବା ଭଳି ପ୍ରତୀତ ହେଉନଥିବା ସାଧାରଣରେ ଚର୍ଚ୍ଚା । ଅବଶ୍ୟ ଦଳ ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ବିବୃତ୍ତି ଆସି ନାହିଁ । ମାତ୍ର ଏହି ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଜେପି ନିଜର କର୍ପୋରେଟର ଶ୍ରୀ ରାଉତଙ୍କ ସମେତ ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ରଙ୍କୁ ଦଳରୁ ନିଲମ୍ବନ କରିଥିଲା । ଏହି ସମସ୍ତ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରି ଜେଲ ପଠାଇ ସାରିଛି । ରାଜ୍ୟରେ ଦୁଇଦିନ ହେବ ବିଏମସି ଘଟଣାରେ ବିରୋଧୀ ଦଳ ଏକ ରାଜନୀତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି । ମୁଁ ଆଗରୁ କହିଛି, ଏବେବି କହୁଛି, ଏହି ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ । ଏହାକୁ ମୁଁ କଡ଼ା ଶବ୍ଦରେ ନିନ୍ଦା କରୁଛି । ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା ଆଡ଼କୁ ଗତି କରୁଥିବାବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି । ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଓ ଆମ ସରକାରର ହିତ ପାଇଁ ମୁଁ ଆଇନକୁ ସମ୍ମାନ ଦେଉଛି । ଆଇନ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ, ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି । ବିଏମସି ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ପରେ ଜଗନ୍ନାଥ ତାଙ୍କ ସୋସିଆଲ ମିଡିଆରେ ଲେଖିଥିଲେ ଯେ “ଗୋଟିଏ ହାତରେ ତାଳି ବାଜେନି...ଜୟ ଜଗନ୍ନାଥ’ ଲେଖିଥିଲେ । ଜଗନ୍ନାଥ ପ୍ରଧାନ ଗିରଫ ହେବେ ନା ଆତ୍ମସର୍ମପଣ କରିବେ ତାକୁ ନେଇ ସସପେନ୍ସ ଲାଗି ରହିଥିବାବେଳେ ଶ୍ରୀ ପ୍ରଧାନ ରାଜ୍ୟ ବିଜେପି ମୁଖ୍ୟାଳୟକୁ ଆସିବା ପରେ ଅଚାନକ ଖାରବେଳ ନଗର ଥାନାର ସୁରକ୍ଷା ବଢ଼ାଇ ଦିଆଯାଇଥିଲା । ସେଠାରେ ବ୍ୟାପକ ପୁଲିସ ମୁତୟନ ହେବା ସହ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତି ଯୋଗୁ ଶ୍ରୀ ପ୍ରଧାନଙ୍କ ପାଇଁ ଏଭଳି ବ୍ୟବସ୍ଥା ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଶ୍ରୀ ପ୍ରଧାନ ନିଜ ଘରକୁ ଫେରିବା ପରେ ତାଙ୍କ ଗିରଫ ଅବା ଆତ୍ମସର୍ମପଣ ଚର୍ଚ୍ଚା ଉପରେ ଏବେ ସାମୟିକ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଅନ୍ୟପକ୍ଷରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଓଏଏସ୍ ଅଫିସର ରତ୍ନାକର ସାହୁ ଆଜି ନିଜ ଅଫିସରେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି ।

### ତୃତୀୟ ସପ୍ତାହରେ ମନ୍ତ୍ରୀମଣ୍ଡଳ...

ସୁଯୋଗକକୁ ହାତଛଡା ନ କରି ନିଜ ନିଜ ଆଳରେ ଲବି ଚଳାଇଛନ୍ତି । ସେପଟେ ମନ୍ତ୍ରୀ ରବି ନାୟକ କହିଛନ୍ତି, ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ । ବର୍ଷକ ଭିତରେ ଅନେକ ମନ୍ତ୍ରୀ ସରକାରଙ୍କ ପାଇଁ ସଙ୍କଟମୋଚକ ସାଜିଛନ୍ତି । ଆଉ କିଛି ବିବାଦୀୟ ମନ୍ତବ୍ୟ ଦେଇ ସରକାର ପାଇଁ ସମସ୍ୟା ଆଣିଛନ୍ତି । ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ ଦିଆଯାଇପାରେ ବୋଲି କୁହାଯାଉଛି । ତେଣୁ ଭାବିଚିନ୍ତି ଗୋଟିଚାଳନା କରୁଛନ୍ତି ମୁଖ୍ୟମନ୍ତ୍ରୀ । ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ କେନ୍ଦ୍ରରୁ ସବୁଜ ସଙ୍କେତ ମିଳିସାରିଛି । ମନ୍ତ୍ରିମଣ୍ଡଳ ସଂପ୍ରସାରଣର ଅନେକ ସମୀକରଣ ରହିଛି । ଅନେକ ମନ୍ତ୍ରୀଙ୍କ ବର୍ଷକର ରିପୋର୍ଟ କାର୍ଡକୁ ତନ୍ନ ତନ୍ନ କରି ଦେଖିଛନ୍ତି ମୋହନ ମାଝି । ଆଉ ମନ୍ତ୍ରୀଙ୍କ ଭିତରେ ଛନକା ପଶିଲାଣି କିଏ ରହିବେ ଆଉ କିଏ ଯିବେ ।

### ବାଂଲାଦେଶର ପୂର୍ବ ପ୍ରଧାନମନ୍ତ୍ରୀ ...

୨୦୨୪ ଅଗଷ୍ଟ ମାସରେ ଶେଖ୍ ହସିନାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବିଦା କରାଯାଇଥିଲା । ଏହାପରେ ଷ୍ଟୁଡେଣ୍ଟ ଏଗନେଷ୍ଟ ଡିସକ୍ରମିନେସନ ତରଫରୁ ବାଂଲାଦେଶରେ ହିଂସକ ପ୍ରଦର୍ଶନ କରାଯାଇଥିଲା । ଏହି ଆନ୍ଦୋଳନ ସରକାରୀ ଚାକିରିରେ ସଂରକ୍ଷଣରେ ପରିବର୍ତ୍ତନକୁ ବିରୋଧ କରି କରାଯାଇଥିଲା । ଏହି ଆନ୍ଦୋଳନରେ ୧୪ ଶହ ଲୋକଙ୍କର ମୃତ୍ୟୁ ହୋଇଥିବା ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ସେପଟେ ଦେଶରେ ଏଭଳି ହିଂସକ ପ୍ରଦର୍ଶନ ଚାଲିଥିବା ବେଳେ ଶେଖ୍ ହସିନା ଦେଶ ଛାଡି ଭାରତ ପଳାଇଆସିଥିଲେ । ଶେଖ ହସିନା ଦେଶ ଛାଡିବାର ୩ ଦିନ ପରେ ମହମ୍ମଦ ୟୁନୁସ ବାଂଲାଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

### କରୋନା ଟିକା ନୁହେଁ ...

ଅଫ୍ ମେଡିକାଲ ରିସର୍ଚ୍ଚ ଏବଂ ଏମ୍ସ ପକ୍ଷରୁ କରାଯାଉଥିବା ଗବେଷଣାରୁ ଜଣାପଡ଼ିଛି । କୋଭିଡ ଟିକା ସହ ହୃଦଘାତର କୌଣସି ସମ୍ପର୍କ ନାହିଁ ବୋଲି ଅଧ୍ୟୟନରୁ ସ୍ପଷ୍ଟ ହୋଇଛି । ଦେଶରେ ୧୮ ରୁ ୪୫ ବର୍ଷୀୟ ଯୁବପିଢ଼ି ହୃଦଘାଦର ଶିକାର ହେଉଥିବା ଦେଖିବାକୁ ମିଳୁଛି । ଆଇସିଏମଆର ଓ ଏମ୍ସ ଗବେଷଣାରୁ ଜଣାପଡିଛି ଯେ ଜୀବନଶୈଳୀ ଏବଂ ପୂର୍ବ ସମସ୍ୟା ଯୋଗୁ ହୃଦଘାତରେ ଜୀବନ ଯାଉଛି । ୧୯ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୩ ମେ’ରୁ ଅଗଷ୍ଟ ମଧ୍ୟରେ କରାଯାଉଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି । ଏହି ଅଧ୍ୟୟନରେ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ସୁସ୍ଥ ଦେଖାଯାଉଥିବା ଲୋକଙ୍କ ମଧ୍ୟରେ ହଠାତ୍ ମୃତ୍ୟୁକୁ ନେଇ ଗବେଷଣା କରାଯାଇଥିଲା। ତେବେ କାହିଁକି ଏଭଳି ହୃଦଘାତରେ ଜୀବନ ଯାଉଛି ତା’ର ପ୍ରକୃତ କାରଣ ଖୋଜିବାକୁ ଆଇସିଏମଆର ଏବଂ ଏମ୍ସ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।

### ତେଲେଙ୍ଗାନା ବିସ୍ଫୋରଣ...

ଦୁର୍ଘଟଣା ପରେ ଚାରିଆଡ଼େ ଆତଙ୍କ ଖେଳିଯାଇଥିଲା । ଘଟଣା ପରେ ତୁରନ୍ତ ଘଉଜର, ପୁଲିସ ଏବଂ ଅଗ୍ନିଶମ ବାହିନୀର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ନିଆଁ ଲିଭାଇବାରେ ୧୧ଟି ଦମକଳ ଗାଡ଼ି ନିୟୋଜିତ ହୋଇଥିଲା । ନିଆଁକୁ ନିୟନ୍ତ୍ରଣ କରିବା ଏବଂ ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ରୋବୋଟ୍ ମଧ୍ୟ ନିୟୋଜିତ କରାଯାଇଥିଲା । ଉଦ୍ଧାର କାର୍ଯ୍ୟ ମଙ୍ଗଳବାର ପର୍ଯ୍ୟନ୍ତ ଜାରି ରହିଥିଲା । ବିସ୍ଫୋରଣରେ ଆହତ ହୋଇଥିବା ଲୋକଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ସମୟରେ କିଛି ଲୋକଙ୍କ ମୃତ୍ୟୁ ହୋଇଥିଲା । ତେଲେଙ୍ଗାନା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାରମ୍ଭିକ ମୃତ୍ୟୁ ସଂଖ୍ୟା ୧୨ ଥିଲା, କିନ୍ତୁ ଉଦ୍ଧାର କାର୍ଯ୍ୟ ଆଗକୁ ବଢ଼ିବା ସହିତ ସଂଖ୍ୟା ବୃଦ୍ଧି ପାଇଛି ।

### ମହାରାଷ୍ଟ୍ର ସମେତ ୯ ଟି ରାଜ୍ୟ...

ବିଜେପି ତା’ର ସଭାପତିଙ୍କ ନାମ ଘୋଷଣା କରିବ । ଏବେ ଆସନ୍ତୁ ଜାଣିବା ଏବେ ଘୋଷଣା ହୋଇଥିବା ୯ ଟି ରାଜ୍ୟର ସଭାପତିଙ୍କ ବାବଦରେ। ମହାରାଷ୍ଟ୍ର- ରବିନ୍ଦ୍ର ଚୌହ୍ୱାନ, ତେଲେଙ୍ଗାନା-ଏନ୍ ରାମଚନ୍ଦ୍ରରାଓ, ଆନ୍ଧ୍ରପ୍ରଦେଶ- ପିବିଏମ୍ ମାଧବ ଗାରୁ , ଉତ୍ତରାଖଣ୍ଡ- ମହେନ୍ଦ୍ର ଭଟ୍ଟ, ହିମାଚଳପ୍ରଦେଶ- ରାଜୀବ ବିନ୍ଦଲ, ପୁଡୁଚେରୀ- ବି.ପି ରାମଲିଙ୍ଗମ୍, ମିଜୋରମ- କେ.ବେଚୁଆ, ଆଣ୍ଡାମାନ ନିକୋବର- ଅନୀଲ ତିଓ୍ୱାରୀ, ମଧ୍ୟପ୍ରଦେଶ - ହେମନ୍ତ ଖଣ୍ଡେଲଓ୍ୱାଲ। କୁହାଯାଉଛି କି, ନୂଆ ସଭାପତିଙ୍କ ନେତୃତ୍ୱରେ ଏହିସବୁ ରାଜ୍ୟରେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ପାଇଁ ଦଳକୁ ମଜବୁତ୍ କରାଯିବ । ଏହାସହ ସମସ୍ତ ରାଜ୍ୟର ସଭାପତି ଚୟନ ସରିବା ପରେ ଦଳର ଜାତୀୟ ଅଧକ୍ଷ ପଦ ପାଇଁ ନିର୍ବାଚନ ହେବ । ଆଗାମୀ କିଛିଦିନ ମଧ୍ୟରେ ବିଜେପିରେ ନେତୃତ୍ୱକୁ ନେଇ ନୂଆ ଖବର ମିଳିପାରେ ।

## ରଥଯାତ୍ରାରେ ଅରାଜକତା ପାଇଁ ଆଇନମନ୍ତ୍ରୀ ଇସ୍ତଫା ଦିଅନ୍ତୁ: ସିପିଆଇ(ଏମ)

ଚାନ୍ଦବାଲି, ୦୨/୭ (ନି.ପ୍ର): ଚଳିତ ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ବେଖାତିର କରି ଭିଆଇପି ଓ ନିଜ ଦଳୀୟ ନେତାଙ୍କୁ ବେଆଇନ ଭାବେ ୧୦୦୦୦ ପାସ୍ ବାଣ୍ଟିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା, ରଥଯାତ୍ରାରେ ଅରାଜକତା ଓ କର୍ପୋରେଟ ମିଶ୍ରଣ ର ନ୍ୟାୟିକ ତଦନ୍ତ, ମୃତ ଭକ୍ତଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ପରିବାରକୁ ପର୍ଯ୍ୟାପ୍ତ କ୍ଷତିପୂରଣ, ଆହତମାନଙ୍କୁ ମାଗଣାରେ ଉନ୍ନତ ଧରଣର ଚିକିତ୍ସା ଯୋଗାଇଦେବା, ଚାନ୍ଦବାଲି ବ୍ଲକର ଚାଷୀ ମାନଙ୍କୁ ରିହାତି ମୂଲ୍ୟରେ ବିହନ, ସାର ,ବିଷ ଓ କୀଟନାଶକ ଔଷଧ ଯୋଗାଇ ଦେବା, କୃଷି ଋଣ ଛାଡ କରିବା, ୬୦ ବର୍ଷରୁ ଉର୍ଦ୍ଧ ସମସ୍ତ ବୃଦ୍ଧ ବୃଦ୍ଧା ମାନଙ୍କୁ ୩୦୦୦ ଟଙ୍କା ଭତ୍ତା ତୁରନ୍ତ ପ୍ରଦାନ କରିବା, ଚାନ୍ଦବାଲି ବ୍ଲକର ବିଭିନ୍ନ ସ୍ଲୁଇସ୍ ଗେଟ୍ ମରାମତି କାର୍ଯ୍ୟ ଶୀଘ୍ର ସାରି ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ଦାବି ନେଇ ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ବୈଠକ କରଣପୋଖରୀ ଠାରେ ସିପିଆଇ(ଏମ) ର ବରିଷ୍ଠ ନେତା କମ୍ରେଡ ଜୟରାମ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ ଯୋଗଦେଇ ଚଳିତ ରଥଯାତ୍ରାରେ ରାଜ୍ୟ ସରକାର ଙ୍କ ଅରାଜକତା ଓ ଦାୟିତ୍ୱହୀନତା ପାଇଁ ୧୦ ଜଣ ଭକ୍ତ ଙ୍କ ଜୀବନ ଯିବା ସହ ୧୫୦୦ ଲୋକ ଆହତ ଓ ୧୦୦ ଜଣ ଗୁରୁତର ଆହତ ହୋଇଥିବା କଥା ପ୍ରକାଶ କରିଛନ୍ତି । ରଥଯାତ୍ରା ଦିନ ଜଗନ୍ନାଥ ଙ୍କ ରଥ ମାତ୍ର ୩ ମିଟର ଟଣାଯାଇ ଶିଳ୍ପପତି ଗୌତମ ଆଦାନୀ ଙ୍କ ପରିବାର ପାଇଁ ଅଟକ ରଖି କୋଟି କୋଟି ଓଡିଆ ଙ୍କ ଭାବାବେଗ ପ୍ରତି ଡବଲ୍ ଇଞ୍ଜିନ୍ ସରକାର ଆଘାତ ଆଣିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏଥିସହ ମୋଦି ସରକାର ଶ୍ରମିକ ମାନଙ୍କ ବିରୁଦ୍ଧରେ ଆଣିଥିବା ଶ୍ରମକୋର୍ଡ ବିରୁଦ୍ଧରେ ଆସନ୍ତା ଜୁଲାଇ ୯ ରେ ଚାନ୍ଦବାଲି ରେ ଭାରତ ବଂଦ କୁ ସର୍ବାନ୍ତୀକରଣ ରେ ସଫଳ କରିବାକୁ ଆଞ୍ଚଳିକ କମିଟିର ସଭ୍ୟ ସଭ୍ୟା ମାନଙ୍କୁ ନିବେଦନ କରିଛନ୍ତି । ଏହି ବୈଠକରେ ସିପିଆଇ(ଏମ) ର ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଆଞ୍ଚଳିକ କମିଟି ସଭ୍ୟ ଦିବାକର ସେନାପତି, ପ୍ରତାପ ମହାଳିକ, ସୁଶାନ୍ତ ସେଠୀ,ଅଶୋକ ଭୋଇ, ଗଣେଶ ଚନ୍ଦ୍ର ଯେନା ପ୍ରମୁଖ ଉପସ୍ଥିତ ରହି ଡବଲ୍ ଇଞ୍ଜିନ୍ ସରକାରଙ୍କ ବିପର୍ଯ୍ୟସ୍ତ କୃଷି ନୀତି ବିରୁଦ୍ଧରେ ଆସନ୍ତା ଜୁଲାଇ, ୬ ରେ ଚାନ୍ଦବାଲି ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାକୁ ସଫଳ କରିବା ସହ ଜୁଲାଇ, ୯ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଚାନ୍ଦବାଲି ବ୍ଲକରେ ସଫଳ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଦ. ପୂ. ରେଳପଥ ମେନ୍ସ ୟୁନିଅନ ବାଲେଶ୍ୱର ଶାଖାର ଗୁରୁତ୍ୱପୂର୍ଣ୍ଣ ବୈଠକ

ବାଲେଶ୍ୱର, ୦୨/୭ (ନି.ପ୍ର): ଆଜି ଦକ୍ଷିଣ ପୂର୍ବ ରେଳ ପଥ ମେନ୍ସ ୟୁନିୟନ ବାଲେଶ୍ୱର ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶାଖା କାର୍ଯ୍ୟାଳୟରେ ମୁଖ୍ୟ ଉପଦେଷ୍ଟା ଗୌରସାଧନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ତିରିଶ ତାରିଖ ରେ ଅବସର ଗ୍ରହଣ କରିଥିବା ରେଳକର୍ମଚାରି ଜ୍ୟୋତିଷ ଚନ୍ଦ୍ର ଦାସଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଡିଭିଜନାଲ ସଂଯୋଜକ ଅଭିଜିତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପ୍ରତ୍ୟୁଷ କୁମାର ପାଲ ପ୍ରମୁଖ ଯୋଗ ଦେଇ ଶ୍ରୀ ଦାସଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ଦାସ ସଂଗଠନକୁ ସୁଦୃଢ କରିବା ଦିଗରେ ଅନେକ କାର୍ଯ୍ୟ କରିଥିବାରୁ ବକ୍ତା ମାନେ ତାଙ୍କୁ ପ୍ରଶଂସା କରିଥିଲେ। ସେ ଅବସର ଗ୍ରହଣ କରି ଥିଲେ ମଧ୍ୟ ସଂଗଠନକୁ ମଜବୁତ କରିବା ଦିଗ ରେ ମାର୍ଗ ଦର୍ଶନ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଶାଖା ସଭାପତି ଅଭିମନ୍ୟୁ ବେହେରା, ସମ୍ପାଦକ ଉମେଶ ଚନ୍ଦ୍ର ଅଗସ୍ତି, କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ପଲେଇ ଏବଂ କୋଷାଧକ୍ଷ ବିଜୟ କୁମାର ବେହେରା ପ୍ରମୁଖ ଉଦବୋଧନ ଦେଇ ସଂଗଠନର ସଦସ୍ୟ ସଂଖ୍ୟା



କିଭଳି ବୃଦ୍ଧି ହେବ ଓ ସଦସ୍ୟ ମାନେ ଅଧିକ ଆର୍ଥିକ ସହଯୋଗ ଦେଇ ୟୁନିୟନକୁ ସୁଦୃଢ କରିବା ଲାଗି ଅନୁରୋଧ କରିଥିଲେ।

# ଚୋରା ଦେଶୀ ଓ ବିଦେଶୀ ମଦ ଜବତ:୨ ଗିରଫ

ବସ୍ତା,୨ ।୭(ନିପ୍ର):ବସ୍ତା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୭୫ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି ।ସୂଚନା ଅନୁଯାୟୀ ବସ୍ତା ଥାନା ଅଧୀନ ନଳବାହାର ଓ ସନ୍ତୋଷପୁର ଅଞ୍ଚଳରେ ମଦ କାରବାର ହେଉଥିବା ଖବର ପାଇ ଅବକାରୀ ପୁଲିସ ଦଳ ଚଢ଼ାଉ କରି କିରଣ କୁମାର ସାହୁ ଏବଂ ଧନ ମାରାଣ୍ଡି କୁ ଗିରଫ କରିବା ସହ ୪୦ ଲିଟର ଦେଶୀ,୨୭.୩୦ ଲିଟର ବିଅର,୭.୭୪୦ ଲିଟର ବିଦେଶୀ ମଦ ଓ ଗୋଟିଏ ହିରୋ ହୋଣ୍ଡା ପେସନ ପ୍ରୋ ବାଇକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ କିରଣର ଘର



ମୟୁରଭଞ୍ଜ ଜିଲା ବୈଶିଙ୍ଗା ଥାନା ବାମଡା ଗାଁ ର ହୋଇଥିବା ବେଳେ ଧନ ମାରାଣ୍ଡି ଘର ବସ୍ତା ଥାନା ସନ୍ତୋଷପୁର ଗାଁରେ ହୋଇଥିବା ଜଣାପଡିଛି। ବିଭିନ୍ନ ଦଫାରେ ମାମଲା ରୁଜୁ ସହ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜୁଲାଇ ୯ରେ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, ୦୨/୭ (ନି.ପ୍ର): ଶ୍ରମିକମାନଙ୍କୁ କ୍ରୀତଦାସରେ ପରିଣତ କରିବା ପାଇଁ କେନ୍ଦ୍ରର ମୋଦି ସରକାର ଆଣିଥିବା ଶ୍ରମକୋର୍ଡକୁ ବାତିଲ କରିବା, ସ୍ଥାୟୀ ଚାକିରି ପରିବର୍ତ୍ତେ ଠିକା ଶ୍ରମିକ ନିଯୁକ୍ତି ବାତିଲ କରିବା, ମୋଦି ସରକାର ଜାତୀୟ ସଂପତ୍ତିକୁ ଆଦାନୀ-ଆମ୍ବାନୀ ହାତକୁ ଟେକିଦେବା ବଂଦ କରିବା, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ର ଘରୋଇକରଣ ବଂଦ କରିବା, ସରକାରୀ କଳକାରଖାନାରୁ ଶ୍ରମିକ ଛଟେଇ ବଂଦ କରିବା, ସ୍କିମ ଶ୍ରମିକ ମାନଙ୍କୁ ଶ୍ରମିକ ର ମାନ୍ୟତା ଦେବା, ଚାଷୀ ଫସଲର ଉଚିତ୍ ଦର ପାଇଁ ଏମ୍ ଏସ୍ ପି ଯୁକ୍ତ ଆଇନ ପ୍ରଣୟନ କରିବା, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେବା ଆଦି ଦାବି ନେଇ ଆସନ୍ତା ଜୁଲାଇ, ୯ ରେ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଷ୍ଠିତ ହେଉଅଛି । ଏହି ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ବିଭିନ୍ନ ଟ୍ରେଡ୍ ୟୁନିୟନ ଓ ଗଣସଂଗଠନ ଗୁଡିକ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକଙ୍କ ସଂଯୋଜନାରେ ଭଦ୍ରକ ନେତାଜୀ ନଗରସ୍ଥିତ ଜାନକୀ ନିଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ ସରକାରଙ୍କ ଅରାଜକତା ଯୋଗୁ ରଥଯାତ୍ରା ରେ ମୃତ୍ୟୁବରଣ କରିଥିବା ୧୦ ଜଣ ସାଧାରଣ ଭକ୍ତଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇବା ପୂର୍ବକ ୨ ମିନିଟ୍ ନିରବତା ଅବଲମ୍ବନ କରାଯାଇଥିଲା । ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ ରାଜ୍ୟ ଓ ରାଜ୍ୟ ବାହାରର ବିଜେପି ଓ ଆରଏସ୍ଏସ୍ ନେତା, ପାକିସ୍ତାନକୁ ତଥ୍ୟ ଯୋଗାଇଦେବା ଦେଶଦ୍ରୋହୀ ପ୍ରିୟଙ୍କା ସେନାପତିଙ୍କ ସମେତ ୧୦,୦୦୦ ଭିଆଇପି ପାସ୍ ଯୋଗାଇ ୧୦ ଜଣ ଭକ୍ତ ଙ୍କୁ ମାରିବା ସହ ୧୫୦୦ ଲୋକଙ୍କ ଆହତ ପାଇଁ ଦାୟୀ ବୋଲି ଗଣସଂଗଠନଗୁଡିକ ର ନେତୃତ୍ୱ ପ୍ରକାଶ କରିଥିଲେ । ପୃଥିରାଜ ହରିଚନ୍ଦନଙ୍କୁ ହତ୍ୟା ମକଦ୍ଦମାରେ ଜଡିତ କରି ଗିରଫ କରିବା ସମେତ ତୁରନ୍ତ ମନ୍ତ୍ରୀ ମଣ୍ଡଳ ରୁ ପୃଥିରାଜ ହରିଚନ୍ଦନଙ୍କୁ ବହିଷ୍କାର କରିବା ଦାବି ସହିତ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ ଦାବିରେ ଆସନ୍ତା ଜୁଲାଇ, ୯ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ସମସ୍ତ ପ୍ରସ୍ତୁତି ନିଆଯାଇଛି । ଉପରୋକ୍ତ ଦାବି ଗୁଡିକୁ ସଫଳ କରିବା ପାଇଁ ଜିଲ୍ଲା ର ସମସ୍ତ ବ୍ଲକ ମୁଖ୍ୟାଳୟରେ ସପ୍ତାହ ବ୍ୟାପି ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ପ୍ରସ୍ତୁତି ବୈଠକରେ ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଜିଲ୍ଲା ଉପସଭାପତି ରାଧାନାଥ ଦାସ , ଓଡିଶା କୃଷକସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ , ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ, ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଏଆଇସିସିଟିୟୁ ଜିଲ୍ଲା ସଂପାଦକ ସମର ବଳ, ଏଆଇଟିୟୁସି ଜିଲ୍ଲା ସଂପାଦକ ରମେଶ ଯେନା, ଚାଷୀ ନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଯୁବ ସଂପାଦକ ବିକାଶ ଶ୍ରେଷ୍ଠ, ଜିଲ୍ଲା ସଂଯୋଜକ ନାସିରୁଦ୍ଦିନ ଖାନ୍, ଦେବାଶିଷ ଭାରତୀ, ନବନିର୍ମାଣ ଯୁବ ଛାତ୍ର ସଂଗଠକ ଜାହିର ଖାନ୍, ଭଦ୍ରକ ବ୍ଲକ ପୂର୍ବତନ ଉପସଭାପତି ପ୍ରଫୁଲ୍ଲ ନାୟକ, ଏଆଇୟୁଟିୟୁସି ର ଜିଲ୍ଲା ସଭାପତି ରାମଚନ୍ଦ୍ର ଶଙ୍ଖୁଆ ପ୍ରମୁଖ ଯୋଗଦେଇ ଏହି ଆନ୍ଦୋଳନକୁ ସର୍ବାତ୍ମୀକରଣ ରେ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି ।

# ବିଭିନ୍ନ ସଙ୍ଗଠନ ପକ୍ଷରୁ ଖଇରାରେ ଡାକ୍ତର ଦିବସ ପାଳନ



ଖଇରା, ୦୨/୭ (ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚ ଓ ପ୍ରତିଭା ପରିବା ତରଫରୁ ମଙ୍ଗଳବାର ଖଇରାରେ ଡାକ୍ତର ଦିବସ ପାଳିତ ହୋଇ ଯାଇଛି । ଖଇରା ଡାକ୍ତରଖାନା ସଭାଗୃହ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଅଭିଲିପ୍ସା ସାହୁ ଭାବେ ଯୋଗ ଦେଇ ଏଭଳି ସମ୍ବର୍ଦ୍ଧନା ଡାକ୍ତରଙ୍କୁ ସେମାନଙ୍କ ସେବା ପାଇଁ ଉତ୍ସାହିତ କରିବ ବୋଲି କହିଥିଲେ । ଏହି ଅବସରରେ ପ୍ରଥମେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ପ୍ରଭାକର ମିଶ୍ର, ଡା ସୁବାସ ଚନ୍ଦ୍ର ଦାସ,ଡା ଚନ୍ଦ୍ରକାନ୍ତ ଦାସ, ମୁକ୍ତିରଞ୍ଜନ ମଲ୍ଲିକ,ଡା ଅନୋଲା ଜଗଦେବ,ଡା ପାର୍ଥସାରଥି ମଲ୍ଲିକ, ସଞ୍ଜିବା ବିଶ୍ୱାଳ ଓ ପରେ ହୋମିଓପାଥି ଚିକିତ୍ସକ ହରେକୃଷ୍ଣ ରାଉତ ଙ୍କୁ ଉତ୍ତରୀୟ ଓ ଫୁଲଚାରା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧକ୍ଷ ଅନାମ ଚରଣ ପଣ୍ଡା, ଯୁଗ୍ମ ସମ୍ପାଦକ ବୁଦ୍ଧିରାମ ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ବିନୋଦ କୁମାର ମହାପାତ୍ର, ବିଷ୍ଣୁମୋହନ ଶତପଥି, ଅଭିରାମ ମହାପାତ୍ର, ସୁଦାମ ରାଉତ, ରଘୁନାଥ ପତ୍ରୀ, ନାରାୟଣ ପେଡା, ଯୁଧିଷ୍ଠିର ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ପ୍ରତିଭା ପରିବାର ତରଫରୁ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା ବ୍ରଜସୁନ୍ଦର ସ୍ୱାଇଁ, ଡା ହରେକୃଷ୍ଣ ରାଉତ ଓ ଡା ପ୍ରଭାକର ପଣ୍ଡା ଙ୍କୁ ସେମାନଙ୍କ ବାସଭବନରେ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ସଭାପତି ବସନ୍ତ କୁମାର ଖିଲାର,ବିମନ କୁମାର ବାରିକ,ଚନ୍ଦ୍ରକାନ୍ତ ଦାସ,ଉପେନ୍ଦ୍ର ଦାସ,ସଞ୍ଜୟ ଭତ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀ ଅନନ୍ତ ବଳଦେବଜୀଉ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ

ବାସୁଦେବପୁର, ୦୨/୭ (ନି.ପ୍ର): କୁଶ କ୍ଷେତ୍ର ଗୁଡ଼ ଗ୍ରାମରେ ଶ୍ରୀ ଗୁଣ୍ଡିଚା ଯାତ୍ରା ଅବସରର ଶ୍ରୀ ଅନନ୍ତ ବଳଦେବଜୀଉ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ସୋର ବ୍ଲକ୍ ଅନ୍ତର୍ଗତ ଏହି ଗୁଡ଼ ଗ୍ରାମରେ ଏହି ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ସୋର ଥାନା ଅଧିକାରୀ ସୁଦୀପ୍ତ ସାହୁ, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ବରିଷ୍ଠ ଶିକ୍ଷାବିତ୍ ଶ୍ରୀଧର ପତ୍ରୀ, ସାହିତ୍ୟିକ ଓ ଶିକ୍ଷାବିତ୍ ପଦ୍ମ ଲୋଚନ ଦାସ ଓ ମୁଖ୍ୟ ସେବକ ଶିବାଜୀ ଚରଣ ନାୟକ। ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଓଡିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ଶିବ ପ୍ରସାଦ ଦାସ, ସୁଧା ସାର ଭଜନ ଗ୍ରୁପ କଟକ ଏବଂ ଓଡ଼ିଶୀ,ସମ୍ବଲପୁରୀ ନୃତ୍ୟ ଆଦ୍ୟାଶା ଗ୍ରୁପ ସୋର। ଏହି ଉତ୍ସବରେ ତିରିଶ ହଜାର ଜନ ସାଧାରଣ ଯୋଗ ଦେଇଥିଲେ। କୁଶ କ୍ଷେତ୍ର ଗୁଡ଼ ଗ୍ରାମର ବଳଦେବଜୀଉଙ୍କ ବଡ଼ଦାଣ୍ଡ ସମ୍ପୂର୍ଣ୍ଣ ଭାବେ ଭକ୍ତି ମୟ ପରିବେଶରେ ଜନ ସମୁଦ୍ର ହୋଇ ଯାଇଥିଲା। ଶିଳା ବ୍ରହ୍ମ ଯୁବ ପରିଷଦର ସଭାପତି ମୁକ୍ତିକାନ୍ତ ପଣ୍ଡା, ଉପ ସଭାପତି ସୁବାସ ପଣ୍ଡା, ସମ୍ପାଦକ ଅଜୟ ପଣ୍ଡା, କୋଷାଧକ୍ଷ ଚନ୍ଦ୍ରକାନ୍ତ ନାୟକ, ସଦସ୍ୟ ଦେବାଶିଷ, ପ୍ରଶାନ୍ତ, ଚିଦାନନ୍ଦ, ଦିପକ, ରଞ୍ଜନ, ଶଶାଙ୍କ, ରମେଶ, ନିଗମ, ଶଶିକାନ୍ତ, ତାରାକାନ୍ତ, ମନୋଜ, ଶ୍ରୀକାନ୍ତ, ନରେନ୍ଦ୍ର, ରବି ନାରାୟଣ, ଗୋଲକ, ବଳରାମ, ଗୌରହରି, ସୂର୍ଯ୍ୟକାନ୍ତ, ଚନ୍ଦ୍ରକାନ୍ତ, ମନୋଜ, ରାମକୃଷ୍ଣ, ମାନସ ପ୍ରମୁଖ ଏହି ମହୋତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ରାଇରଙ୍ଗପୁର କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା





ବାରିପଦା , ୦୨/୭ (ନି.ପ୍ର): ଇଂରାଜୀ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ରାଇରଙ୍ଗପୁର କଲେଜର ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଷ୍ଟାଫକ୍ଲବ ଉପସଭାପତି ଅଧ୍ୟାପକ ପିତାମ୍ବର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ବୀରନାରାୟଣ ଚ୍ୟାଉପଟ୍ଟନାୟକ, ବାଣିଜ୍ୟ ବିଭାଗ ମୁଖ୍ୟ ବିଭୂତି ଭୂଷଣ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନର ମୁଖ୍ୟ ହେମନ୍ତ କୁମାର ଗିରି, ଓଡ଼ିଆ ବିଭାଗର ମୁଖ୍ୟ ଜିତେନ୍ଦ୍ର ମହାନ୍ତ, ବାଣିଜ୍ୟ ବିଭାଗର ଅଧ୍ୟାପିକା ମେନକା ମହାକୁଡ଼, ଓଡ଼ିଆ ଅଧ୍ୟାପିକା ଡଃ. ତନ୍ମୟୀ ରଥ ପ୍ରମୁଖ ବିଦାୟୀ ଅଭିଭାଷଣ ରଖିଥିଲେ। ପରେ ପରେ ବିଦାୟୀ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ଏବଂ ପିଟି ମେଜର ହେମେନ୍ଦ୍ର ରାଉତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯିବା ସହ ନୂତନ ଅଧ୍ୟକ୍ଷ ଭାବେ ଯୋଗ ଦେଇଥିବା ପ୍ରାଧ୍ୟାପକ ମନୋହର ବାରିକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ବିଦାୟୀ ଅଧ୍ୟକ୍ଷ ସୁନୀଲ କୁମାର ଜେନା ଏକାଧାରରେ ସେ ଜଣେ ଶିକ୍ଷାବିତ, କ୍ରୀଡାବିତ୍, ଗୀତିକାର, ସଂଗୀତ ନିର୍ଦ୍ଦେଶକ, କବି, ନାଟ୍ୟକାର, ଉପନ୍ୟାସକାର, ସଂସ୍କୃତି ଗବେଷକ ଭାବରେ ବହୁ କାର୍ଯ୍ୟ କରିଛନ୍ତି। ବାରିପଦା ଏବଂ ରାଇରଙ୍ଗପୁରର ବହୁ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ସହ ଜଡିତ ରହି ସକ୍ରିୟ ଭୂମିକା ତୁଲାଇ ଆସୁଛନ୍ତି। ଏହା ସହ ଜଣେ ଲୋକପ୍ରିୟ କ୍ରିକେଟ ଖେଳାଳୀ ହିସାବରେ ସେ ମୟୂରଭଞ୍ଜ ଜିଲ୍ଲା ପାଇଁ ଓପନିଙ୍ଗ ବ୍ୟାଟର ଭାବରେ ୧୨ ବର୍ଷ ଖେଳିଛନ୍ତି। ସେହିପରି ଝୁମର ସଂଗୀତକୁ ଆଗକୁ ନେବା ପାଇଁ ବହୁ ଅଡିଓ କ୍ୟାସେଟ ପ୍ରଯୋଜନା କରିବା ସହ ରୟାଲ ମ୍ୟୁଜିକର ପ୍ରତିଷ୍ଠାତା ଅଟନ୍ତି। ମୟୂରଭଞ୍ଜର କଳା ସଂସ୍କୃତି ଉପରେ ବହୁ ଗବେଷଣା ସମ୍ପର୍କିତ ପ୍ରବନ୍ଧ ରଚନା ସହ ତାଙ୍କ ରଚିତ ଗୀତିକବିତା ସଂକଳନ ଶାଳଫୁଲର ମହକ ପ୍ରକାଶ ଅପେକ୍ଷାରେ ରହିଛି ବୋଲି ବକ୍ତା ମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ଷ୍ଟାଫ୍ କ୍ଲବ ସମ୍ପାଦକ ରାଜେଶ ରାମ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣରେଖା କେନାଲରେ ବୁଡି ଯୁବକ ମୃତ୍ୟୁ

ବେତନଟୀ, ୦୨/୭ (ନି.ପ୍ର): ବେତନଟୀ ଥାନା ଭୁଡୁରୁବଣି ଗ୍ରାମକୁ ନିଜର ଭିଣୋଇ ଘରକୁ ବୁଲିବାକୁ ଆସିଥିବା ଜନୈକ ଯୁବକଙ୍କର ବୁଧବାର ଅପରାହ୍ନରେ କେନାଲରେ ବୁଡି ଶୋଚନୀୟ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ମୋରଡାଥାନା ଜୁଆଳିଭଙ୍ଗା ପଞ୍ଚାୟତ ଅଙ୍ଗାରିଆ ଗ୍ରାମର ଗୋପାଲ ହାଁସଦାଙ୍କ ପୁଅ ଲାଦମ୍ ହାଁସଦା(୩୨) । ସୂଚନା ମୁତାବକ ଲାଦମ୍ ବେତନଟୀ ଥାନା ଅଧୀନ ଭୁଡୁରୁବଣି ଗ୍ରାମର ନିଜର ଭିଣୋଇ ଚନ୍ଦ୍ରମୋହନ ମୁର୍ମୁଙ୍କ ଘରକୁ ବୁଲିବାକୁ ଆସିଥିଲେ । ବୁଧବାର ଅପରାହ୍ନରେ ଭୁଡୁରୁବଣି ଗାଁଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲକୁ ଗାଧୋଇବାକୁ ଯାଇଥିଲେ । ତେବେ ଦୀର୍ଘସମୟ ଧରି ଲାଦମ୍ ଗରକୁ ନଫେରିବାରୁ ସମ୍ପର୍କୀୟମାନେ ଖୋଜାଖୋଜି କରିବାକୁ ଯାଇଥିଲେ । ସେଠାରେ ଲାଦମ୍ ପାଣିରେ ମୁହଁମାଡି ପଡିଥିବାର ଦେଖି ସଙ୍ଗେସଙ୍ଗେ ଉଦ୍ଧାରକରି ଆମ୍ବୁଲାନ୍ସଯୋଗେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ଲାଦମଙ୍କୁ ମୃତ ଘୋଷଣା କରିବା ସହିତ ବେତନଟୀ ପୁଲିସକୁ ଖବର ଦେଇଥିଲେ । ବେତନଟୀ ପୁଲିସ ଡାକ୍ତରଖାନାରେ ପହଞ୍ଚି ପ୍ରାଥମିକ ତଦନ୍ତକରି ଫେରିଥିବା ବେଳେ ବୁଧବାର ରାତି ହୋଇଯିବାରୁ ଗୁରୁବାର ଶବବ୍ୟବଚ୍ଛେଦ ହେବାନେଇ ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରୁଦ୍ର-କାଳୀ ବେଶରେ ତିନିଠାକୁର: ଦୁର୍ଲଭ ବେଶ ଦେଖିବାକୁ ବ୍ୟାପକ ଜନ ଗହଳି

ବାରିପଦା , ୦୨/୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଗୁଣ୍ଡିଚା ମନ୍ଦିର ଜନ୍ମ ବେଦିରେ ବିଜେ କରିଛନ୍ତି ତିନି ଠାକୁର ତେବେ ବୁଧବାର ଜନ୍ମ ବେଦିରେ ତିନି ଠାକୁର ପରମ୍ପରା ଅନୁଯାୟୀ ରୁଦ୍ର-କାଳୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଦେବ ଦୁର୍ଲଭ ବେଶ ଦେଖିବାକୁ ଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗିଥିଲା। ସେହିପରି ଗୁଣ୍ଡିଚା ମନ୍ଦିରରେ ପଣ୍ଡିତ ଭାଗବତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ପ୍ରବଚନ କାର୍ଯ୍ୟକ୍ରମ ପରିବେଶକୁ ଭକ୍ତିରସମୟ କରିଥିଲା। ତେବେ ମହାପ୍ରଭୁଙ୍କ ବେଶ ଦର୍ଶନ ଏବଂ ମେଳାରେ ବ୍ୟାପକ ଭିଡ଼ ଲାଗିଥିବା ବେଳେ, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି।

# ଆଦାନୀ-ଇସ୍କନ ରୋଷଶାଳା: ଶୁଦ୍ଧ ଦେଶୀ ଘିଅ ଓ ପାରମ୍ପରିକ ମସଲାରେ ପ୍ରସ୍ତୁତ ହେଉଛି ଅନ୍ନ ପ୍ରସାଦ

ପୁରୀ, ୦୨/୭ (ନି.ପ୍ର): ପୁରୀ ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ପୂର୍ବ ଭାରତର ଆସ୍ଥା, ସେବା ଏବଂ ସମର୍ପଣର ପ୍ରତୀକ । ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ଦର୍ଶନ ନିମନ୍ତେ ପ୍ରତିବର୍ଷ ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥାଏ । ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସେବା ନିମନ୍ତେ ଆଦାନୀ ଗ୍ରୁପ ଓ ଇସ୍କନ ପକ୍ଷରୁ ମିଳିତ ସହଯୋଗରେ ପୁରୀର ବିଭିନ୍ନ ସ୍ଥାନରେ ଅନ୍ନ ପ୍ରସାଦ ସେବା ଆରମ୍ଭ କରାଯାଇଛି । ଏହି ପ୍ରସାଦ ସେବା କେବଳ ଶ୍ରଦ୍ଧାଳୁଙ୍କ ଭୋକ ଦୂର କରୁନାହିଁ, ବରଂ ସେବାର ଉତ୍କୃଷ୍ଟ ଆଦର୍ଶକୁ ସ୍ଥାପିତ କରିଛି । ରଥଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଭୋଜନ ଉପଲବ୍ଧ କରାଯାଉଛି । ଏହି ଭୋଜନରେ ମହାପ୍ରଭୁ ଜଗନ୍ନାଥଙ୍କ ଛପନ (୫୬) ଭୋଗ ଥାଳିରୁ ପ୍ରତିଦିନ ଭିନ୍ନ ଭିନ୍ନ ୨୫ ପ୍ରକାର ଭୋଗ



ପ୍ରସ୍ତୁତ କରାଯାଉଛି । ଏ ସମସ୍ତ ବ୍ୟଞ୍ଜନ ଶୁଦ୍ଧ ଦେଶୀ ଘିଅ, ପାରମ୍ପରିକ ମସଲା ଏବଂ ସାତ୍ତ୍ୱିକ ବିଧିରେ ପ୍ରସ୍ତୁତ କରାଯାଉଛି । ଏହି ଦିବ୍ୟ ରୋଷେଇ କାର୍ଯ୍ୟ ସଚାଳନରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ଦିନ-ରାତି ନିଜର ସେବା ପ୍ରଦାନ କରୁଛନ୍ତି । ଏଥିରୁ ପ୍ରାୟ ୫୦% ସ୍ୱୟଂସେବକ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ଅନ୍ୟମାନେ ଦେଶର ବିଭିନ୍ନ ସ୍ଥାନରୁ ଆସିଛନ୍ତି । ସମସ୍ତ କର୍ମୀମାନେ ଦୁଇଟି ସିଫ୍ଟରେ ଭାଗ ହୋଇ କାର୍ଯ୍ୟ କରୁଛନ୍ତି । ପ୍ରଭାତ ସମୟରେ ପ୍ରାୟ ୩୫୦ ସେବକ କାମ କରୁଥିବା ବେଳେ ଅନ୍ୟମାନେ ସନ୍ଧ୍ୟା ସମୟରେ ଭୋଜନ ପ୍ରସ୍ତୁତ କରିବାର ଦାୟିତ୍ୱ ସମ୍ଭାଳିଥାନ୍ତି । ସମସ୍ତ ସେବକଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି ଏବଂ ସେମାନେ ନୀତିଗତ ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । କେହି ପନିପରିବା କାଟୁଥିବା ବେଳେ କେହି ରୁଟି କରିବା, ଭୋଗ ପ୍ୟାକେଟ୍ କରିବା, ଭୋଗକୁ ନିର୍ଦ୍ଧାରିତ ବିତରଣ ସ୍ଥାନରେ ପହଞ୍ଚାଇବା ଭଳି ଦାୟିତ୍ୱ ବହନ କରୁଥିବା ଦେଖିବାକୁ ମିଳୁଛି । ଏହି ରୋଷଶାଳା କେବଳ ଏକ ରୋଷଶାଳା ନୁହେଁ, ବରଂ ଏକ ଜୀବନ୍ତ ସେବାକେନ୍ଦ୍ରରେ ପରିଣତ ହୋଇଯାଇଛି । ଏଠାରେ ପ୍ରତି ବ୍ୟକ୍ତି ସେବାକୁ ନିଜର ଧର୍ମ ଭାବେ ପାଳନ କରି କାର୍ଯ୍ୟ କରୁଛନ୍ତି । ରୋଷଶାଳା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସ୍ୱୟଂସେବକଙ୍କ ମାନଙ୍କର ରହଣୀର ବ୍ୟବସ୍ଥା କରାଯାଇଛି ଏବଂ ଉକ୍ତ ଭୋଜନରୁ ସେମାନଙ୍କ ପାଇଁ ବ୍ୟବସ୍ଥା ହୋଇଛି । ଏହି ସେବା ହେଉଛି ଏପରି ଏକ ପରମ୍ପରା, ଯେଉଁଠାରେ ଈଶ୍ୱରଙ୍କୁ ଅର୍ପଣ ଠାରୁ ଆରମ୍ଭ ହୋଇ ସମାଜର ଅନ୍ତିମ ବ୍ୟକ୍ତି ନିକଟରେ ପହଞ୍ଚି ପାରୁଛି । ପ୍ରସାଦରେ ମୁଖ୍ୟତଃ ଖେଚୁଡ଼ି, ଡାଲମା, ଘିଅ-ଅନ୍ନ, ତରକାରୀ, ପୁରୀ, ବରା, ପାୟସମ, ଏବଂ ବିଭିନ୍ନ ପ୍ରକାର ମିଠା ରହିଛି । ଏ ସମସ୍ତ ବ୍ୟଞ୍ଜନରେ ପାରମ୍ପରିକ ବିଧିରେ ପ୍ରସ୍ତୁତ ହେଉଥିବା ବେଳେ ଆୟୁର୍ବେଦ ଦୃଷ୍ଟିକୋଣ ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି । ଏ ସମ୍ପୂର୍ଣ୍ଣ କାର୍ଯ୍ୟଧାରାରେ ଆଦାନୀ ଲଜିଷ୍ଟିକ୍ସ୍ର ପୂର୍ଣ୍ଣ ସହଯୋଗ ଏବଂ ଇସ୍କନର ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ପ୍ରେରିତ ହୋଇଛି । ସ୍ଥାନୀୟ ମଣ୍ଡିରୁ ତାଜା ପନିପରିବା, ଡାଲି, ଚାଉଳ କ୍ରୟ କରାଯାଇ ପ୍ରସ୍ତୁତ ହେଉଛି । ଏହି ସେବା କେବଳ ଭୋଜନ ପ୍ରଦାନରେ ସୀମିତ ନ ରହି, ଏହି ପ୍ରସାଦକୁ ଗ୍ରହଣ କରିଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଯେଉଁମାନେଙ୍କ ନିମନ୍ତେ ଏକ ଆଧ୍ୟାତ୍ମିକ ଅନୁଭବରେ ପରିଣତ ହୋଇଯାଇଛି। ଏହା କେବଳ ଭୋକ ଦୂର କରୁନାହିଁ, ମନ ଓ ଆତ୍ମାକୁ ମଧ୍ୟ ଶାନ୍ତି ପ୍ରଦାନ କରୁଛି। ଆଦାନୀ ଓ ଇସ୍କନର ଏହି ମିଳିତ ସହଯୋଗ ଆଧାତ୍ମ ଓ ଆଧୁନିକ, ଶ୍ରଦ୍ଧା ଓ ସେବା ମିଳିତ ଭାବେ ସମାଜକୁ କିଛି ବିଶେଷ ଦେବାର ଅନୁଭୂତିର ଏକ ଜ୍ୱଳନ୍ତ ଉଦାହରଣ ।

# ଘର ତାଲା ସହିତ ଆଲମିରା ଲକର ଭାଙ୍ଗି ୧୦ଲକ୍ଷରୁ ଅଧିକ ଟଙ୍କାର ଅଳଙ୍କାର ଲୁଟ୍

ବେତନଟୀ, ୦୨/୭ (ନି.ପ୍ର): ମଙ୍ଗଳବାର ଅପରାହ୍ନରେ ବୈଶିଙ୍ଗା ଥାନା ଆଗ୍ରିଆ ଉପକଣ୍ଠ ବିଶ୍ରାମପୁର ଗାଁରୁ ଲୁଟ୍ ହୋଇଛି। ଦିନ ଦି'ପହରରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ୧୦ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ; ବିଶ୍ରାମପୁର ଗାଁର ଭବଜିତ ପ୍ରଧାନଙ୍କ ପୂରା ପରିବାର ଆଜି ଅପରାହ୍ନରେ ନିଜ ସମ୍ପର୍କୀୟ କେନ୍ଦୁଆଖୁଣ୍ଟାକୁ ଯାଇଥିଲେ । ପ୍ରାୟ ୫ଟା ବେଳେ ଘରକୁ ଫେରିଲା ବେଳକୁ ମୁଖ୍ୟ ଗେଟ୍‌ରେ ପଡ଼ିଥିବା ତାଲା କଟା ଯାଇଥିବା ଦେଖିବାକୁ ପାଇଥିଲେ। ଏଥିସହ ଭିତର କବାଟରେ ପଡ଼ିଥିବା ତାଲା ମଧ୍ୟ ଭଙ୍ଗା ଯାଇଥିଲା। ଦୁର୍ବୃତ୍ତମାନେ ଶ୍ରୀ ପ୍ରଧାନଙ୍କ ମାଆ ଓ ଭଉଣୀଙ୍କ ଶୋଇବା ଘରେ ଥିବା ୨ଟି ଆଲମାରିର ଲକର ଭାଙ୍ଗି ୫ଟି ସୁନା ହାର, ୪ ହଳ ସୁନା ପାଲା, ୫ହଳ ସୁନା କାନ ଫୁଲ, ୫ଟି ସୁନା ମୁଦି, ୨ ହଳ ସୁନା ଚୁଡ଼ି, ୨ଟି ସୁନା ବାହୁଟି ସମେତ ୩ ଭରି ଓଜନର ରୁପା ଗହଣା ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ହେବା ପରେ ବୈଶିଙ୍ଗା ଥାନା ଏଏସ୍ଇ ପ୍ରଦୀପ କୁମାର ଦେ' ସଦଳ ବଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା ନଭାଙ୍ଗି ବାଡ଼ ଡେଇଁ ଘର କ୍ୟାମ୍ପସରେ ପଶିଥିଲେ। ପୁଲିସ ନଂ. ୩୧୫/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଦେବା ପାଇଁ ଦାବି

ଲଙ୍ଗଳେଶ୍ୱର, ୦୨/୭ (ନି.ପ୍ର): ବାଲିଆପାଳ ସୁବର୍ଣ୍ଣ ରେଖା ନଦୀ ବନ୍ୟା କ୍ଷତିଗ୍ରସ୍ତ ଲୋକ ଏବେ ନାନା ଅଭାବ ଓ ସମସ୍ୟାରେ ପଡିଛନ୍ତି। ନଦୀ ମୁହାଁଣରୁ ବନ୍ୟା ପାଣି ଶୀଘ୍ର ନିଷ୍କାସନ ହେଉ ନ ଥିବାରୁ ଏଠାରେ ବନ୍ୟା ପାଣି ଛାଡୁ ନାହିଁ। ଏଥିପାଇଁ ନଦୀ ମୁହାଁଣ ଖନନ ହେବା ଜରୁରୀ। ଏଥିପାଇଁ ଉଭୟେ ରାଜନେତା ଓ ପ୍ରଶାସକ ସମସ୍ତେ ନୀରବ ।ବନ୍ୟାକୁ ଆଜି ଚାରି ଦିନ ହୋଇଥିଲେ ବି ଅଧିକାଂଶ ଲୋକ ବାତ୍ୟା ଆଶ୍ରୟ ସ୍ଥଳୀରେ ରହିଛନ୍ତି। ୯ ଟି ପଞ୍ଚାୟତର ସତୁରି ପ୍ରତିଶତ ଲୋକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇ ଛନ୍ତି। ଉଭୟେ ଚାଷ ଓ ବାସ ଉଜୁଡି ଯାଇଛି। ପ୍ରଶାସନ କେବଳ କିଛି ଶୁଖିଲା ଚୁଡା ଗୁଡ଼ ଓ ରନ୍ଧା ଖାଦ୍ୟ ଦେଇ ନୀରବ ରହିଛି। କ୍ଷତିଗ୍ରସ୍ତଙ୍କୁ ଅନ୍ୟୁନ ତିନି ଦିନର ରିଲିଫ ପ୍ରଶାସନ ଦେଉ ବୋଲି ରାମ ରାଉତ, ମଦନ ଜେନା, ଗୁଣାକର ସାହୁ, ସୁଧୀର ଖଣ୍ଡା, ମହେଶ୍ୱର ଜେନା, ସୁଦାମ ଦାସ, ବିଜୟ ପାତ୍ର ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida